

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
ସମ୍ବାଦ କଳିକା
TM
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ମୂଲ୍ୟ : ୨.୦୦
8 Pages, ₹ 2.00
● ବର୍ଷ-୩୧ ● ସଂଖ୍ୟା-୧୪୪ ● ୨୧ ଜୁନ୍ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-144 ● 21st June 2024, Friday ● Bhubaneswar
Licensed to post without pre-payment of postage No- BN-60/22-24



# ଭୁବନେଶ୍ୱରରେ ଖୋଲିବ ଚାଉଳ ଏଟିଏମ୍

## ଧାନ କ୍ୱିଣ୍ଟାଲ ୩୧ଶହ ଟଙ୍କାରେ କିଣାଯିବ

ଭୁବନେଶ୍ୱର, ୨୦।୬
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ସରକାର ବଦଳିବା ପରେ ଗୋଟିଏ ପରେ ଗୋଟିଏ ନୂଆ ପଦକ୍ଷେପ ନିଆଯାଉଛି । କଣ୍ଟ୍ରୋଲ ଚାଉଳ ଆଣିବା ପାଇଁ ଏଣିକି ଦୋକାନରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଧାଡ଼ିରେ ଛିଡ଼ା ହେବାକୁ ପଡ଼ିବ ନାହିଁ। ଏଟିଏମ୍‌କୁ ଗଲେ ଚାଉଳ ନେଇକି ଆସିବେ। ଏଟିଏମ୍‌ରେ କାର୍ଡ ଗଳାଇଲେ ଚାଉଳ ବାହାରିବ। ରାଜ୍ୟ ସରକାର ଏଭଳି ବ୍ୟବସ୍ଥା କରିବାକୁ ଯାଉଛନ୍ତି। ସେହିପରି ସାଧାରଣ ନିର୍ବାଚନ-୨୦୨୪ ଘୋଷଣା ଅନୁସାରେ ଚଳିତ ଖରିଫ ଋତୁରେ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ କିଣାଯିବ।



ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଣମାଧ୍ୟମକୁ କହିଛନ୍ତି, ରାଜଧାନୀ ଭୁବନେଶ୍ୱରରେ ଚାଉଳ ଏଟିଏମ ଖୋଲିବ। ରାସନକାର୍ଡ ହିତାଧିକାରୀଙ୍କ ପାଇଁ ଭୁବନେଶ୍ୱରରେ ଏହି ବ୍ୟବସ୍ଥା ହେବ। ହିତାଧିକାରୀମାନେ ମେସିନ୍‌ରେ କାର୍ଡ ଗଳାଇଲେ ବାହାରିବ ଚାଉଳ। ଆଗାମୀ ସପ୍ତାହକ ମଧ୍ୟରେ ଭୁବନେଶ୍ୱରରେ ଏହି ସେବା ଆରମ୍ଭ ହୋଇଯିବ। ପର୍ଯ୍ୟାୟ କ୍ରମେ ପରେ ରାଜ୍ୟର ସବୁ ଜିଲ୍ଲାରେ ଏହି ବ୍ୟବସ୍ଥା କରାଯିବ।

ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଚାଷୀଙ୍କଠାରୁ ଧାନ କ୍ୱିଣ୍ଟାଲ ୩୧ଶହ ଟଙ୍କାରେ କିଣାଯିବ। ନିର୍ବାଚନୀ ଇସ୍ତାହାର ଅନୁସାରେ ଏଇ ଖରିଫ ଋତୁରୁ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କା ଦିଆଯିବ। ବୁଧବାର କେନ୍ଦ୍ର ସରକାର ଧାନ କ୍ୱିଣ୍ଟାଲ ପିଛା ୨୩ଶହ ଟଙ୍କା ଘୋଷଣା କଲା ପରେ ଆମକୁ ସୁବିଧା ହୋଇଛି। ଆମକୁ ୯୧୭ ଟଙ୍କା ଅଧିକ ଦେବାକୁ ପଡିଥାନ୍ତା। ଏବେ ୮୦୦ ଟଙ୍କା ପଡିବ। ଚାଷୀ ଧାନ ଦେବାର ୪୮ ଘଣ୍ଟା ମଧ୍ୟରେ ପ୍ରାପ୍ୟ ପାଇଯିବେ। କୌଣସି କଟନୀଛଟନୀ କରାଯିବ ନାହିଁ । ଏହି ଭଳି ଅଭିଯୋଗ ଆସିଲେ ସଂପୃକ୍ତ ବ୍ୟକ୍ତିଙ୍କ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ସୁରମା ପାଢ଼ୀ ହେଲେ ବାଚସ୍ପତି



ଭୁବନେଶ୍ୱର, ୨୦।୬
ନ୍ୟୁଜ୍ ବ୍ୟୁରୋ

ନୟାଗଡ ଜିଲ୍ଲା ରଣପୁରର ବିଧାୟିକା ସୁରମା ପାଢ଼ୀ ଗୁରୁବାର ସପ୍ତଦଶ ଓଡ଼ିଶା ବିଧାନସଭାର ବାଚସ୍ପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ସମର୍ଥନ ଜଣାଇଥିଲେ। ସର୍ବସମ୍ମତି କ୍ରମେ ଶ୍ରୀମତୀ ପାଢୀ ନିର୍ଦ୍ୱନ୍ଦ୍ୱରେ ବାଚସ୍ପତି ନିର୍ବାଚିତ ହୋଇଥିଲେ।

ଏହା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ (ପୃଷ୍ଠା ୭ରେ)

## ବଢୁଛି ହଜ ତୀର୍ଥଯାତ୍ରୀଙ୍କ ମୃତ୍ୟୁସଂଖ୍ୟା ଗଲାଣି ୧,୦୦୦ ଜଣଙ୍କ ଜୀବନ



ନୂଆଦିଲ୍ଲୀ, ୨୦।୬

ସାଉଦି ଆରବର ମକ୍କା ଓ ମଦିନାରେ ହଜ ଯାତ୍ରୀଙ୍କ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସଦ୍ୟତମ ରିପୋର୍ଟ ଅନୁସାରେ, ଏଠାରେ ୧,୦୦୦ ଜଣ ହଜ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟି ସାରିଲାଣି, ଯେଉଁମାନଙ୍କ ମଧ୍ୟରେ ୯୦ ଜଣ ଭାରତୀୟ ଅଛନ୍ତି।

ପ୍ରତିବର୍ଷ ହଜ ଯାତ୍ରା ସମୟରେ ମକ୍କା ଓ ମଦିନାକୁ ବିଶ୍ୱର ବିଭିନ୍ନ ସ୍ଥାନର ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି । ଚଳିତ ବର୍ଷ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା କୁହାଯାଉଛି। ଫଳରେ ପ୍ରବଳ ଉତ୍ତାପ ସାଙ୍ଗକୁ ଜନ ଗହଳି କାରଣରୁ ଅଂଶୁଘାତର ଶିକାର ହୋଇଛନ୍ତି ଶହ ଶହ ଲୋକ।

ମୃତକଙ୍କ ମଧ୍ୟରେ ସର୍ବାଧିକ ଇଜିପ୍ଟ ବାସିନ୍ଦା ଥିବା କୁହାଯାଉ ଥିବାବେଳେ ଏମାନଙ୍କ ମଧ୍ୟରେ ୯୦ ଜଣ ଭାରତୀୟ ଥିଲେ। ସେହିପରି ଏଥର ହଜ ଯାତ୍ରା ପାଇଁ ୧,୭୫,୦୦୦ ଭାରତୀୟ ସାଉଦି ଆରବ ଯାଇଥିବା କୁହାଯାଉଛି। କିନ୍ତୁ ଏନେଇ ଭାରତ ସରକାରଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ।

ଖବର ଅନୁଯାୟୀ ସମସ୍ତ ତୀର୍ଥଯାତ୍ରୀଙ୍କ ମୃତଦେହ ନିଜ ନିଜ ଦେଶକୁ ପଠାଯିବ ନାହିଁ, ସେହିଠାରେ ହିଁ ଶେଷକୃତ୍ୟ ସମ୍ପନ୍ନ (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲା

# ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ ଗଠନ କରାଯିବ, ଦୋଷୀଙ୍କୁ ଛଡ଼ାଯିବ ନାହିଁ

ନୂଆଦିଲ୍ଲୀ, ୨୦।୬

ନିଟ୍-ୟୁଜି ପରୀକ୍ଷାକୁ ନେଇ ହୋଇଥିବା ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆମେ ଯେକୌଣସି ପ୍ରକାର ସଂସ୍କାର ପାଇଁ ପ୍ରସ୍ତୁତ। ପ୍ରଶ୍ନପତ୍ର ଲିକ୍ ସମ୍ପର୍କିତ ଗୁଜବ ପ୍ରଚାର କରାଯିବା ଉଚିତ ନୁହେଁ। ସେ କହିଛନ୍ତି ଯେ ଆମ ସମସ୍ତଙ୍କ ସାମ୍ନାରେ ଏକ ଚିନ୍ତାଜନକ ପ୍ରସଙ୍ଗ ଆସିଛି। ମୁଁ ସମସ୍ତଙ୍କୁ ଆଶ୍ୱାସନା ଦେବାକୁ ଚାହୁଁଛି ଯେ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଏହି ମାମଲାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯିବ ଓ କୌଣସି ଦୋଷୀଙ୍କୁ ଛଡ଼ାଯିବ ନାହିଁ । ପ୍ରଶ୍ନପତ୍ର ଲିକ ହେବାରୁ ନେଟ ପରୀକ୍ଷା ବାତିଲ କରାଗଲା ବୋଲି ସେ କହିଛନ୍ତି ।



ସେ ଆହୁରି ମଧ୍ୟ କହିଛନ୍ତି ଯେ ନିଟ ପରୀକ୍ଷାକୁ ନେଇ ଆମେ ବିହାର ସରକାରଙ୍କ ସହ ନିରନ୍ତର ଯୋଗାଯୋଗରେ ଅଛୁ। ପାଟନାରୁ ମଧ୍ୟ କିଛି ତଥ୍ୟ ଆସୁଛି। ପାଟନା ପୁଲିସ ଏହି ଘଟଣାର ତଦନ୍ତ ଚଳାଇଛି । ଖୁବ ଶୀଘ୍ର ଏହାର ବିସ୍ତୃତ ରିପୋର୍ଟ ଭାରତ ସରକାରଙ୍କୁ ପଠାଯିବ। ଠୋସ ସୂଚନା ମିଳିଲେ ଦୋଷୀଙ୍କ (ପୃଷ୍ଠା ୭ରେ)

### ଖୁବ୍‌ଶୀଘ୍ର ପ୍ରକାଶ ପାଇବ ୟୁଜିସି-ଏନ୍‌ଇଟି ନୂଆ ପରୀକ୍ଷା ସୂଚୀ : ସଚିବ

ନୂଆଦିଲ୍ଲୀ, ୨୦।୬

ଦେଶରେ ଡାକ୍ତରୀ, ଇଞ୍ଜିନିୟରିଂ ଓ ଫେଲୋସିପ ଭଳି ସମ୍ମାନଜନକ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଉଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷାର ପରିଚାଳନା ଦାୟିତ୍ୱ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ହାତରେ ନ୍ୟସ୍ତ ରହିଛି। କିନ୍ତୁ କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରଣାଳୟ ଅଧୀନ ଏହି ଏଜେନ୍ସିର ଅପରିଣାମଦର୍ଶିତା ଯୋଗୁ ଲକ୍ଷ ଲକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ଲଗାତର ଗୋଟିଏ ପରେ ଗୋଟିଏ (ପୃଷ୍ଠା ୭ରେ)

# ଅଙ୍ଗନବାଡ଼ିର ବିକାଶ ହେଲେ ଉଭୟ ମା' ଓ ଶିଶୁଙ୍କର ବିକାଶ ହେବ

ଭୁବନେଶ୍ୱର, ୨୦।୬
ନ୍ୟୁଜ୍ ବ୍ୟୁରୋ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମହିଳା ଶିଶୁ ବିକାଶ ବିଭାଗ ପରିଦର୍ଶନ କରି ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ବିଭାଗୀୟ କାର୍ଯ୍ୟର ସଫଳତା, ଯୋଜନା ଓ ଆହ୍ୱାନ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଓ ତୃଣମୂଳ ସ୍ତରର ସମସ୍ୟାକୁ ପୁଙ୍ଖାନୁ ପୁଙ୍ଖ ଭାବେ ବୁଝିବା ସହିତ ବିଭିନ୍ନ ବିଭାଗର ସହଭାଗିତାରେ ସମସ୍ୟାର ସମାଧାନ କରି କିପରି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ପାରିବ, ସେ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ରାଜ୍ୟର ସମସ୍ତ ଅଙ୍ଗନବାଡି କେନ୍ଦ୍ରର ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦେଇ ଅଙ୍ଗନବାଡି ସଦସ୍ୟଙ୍କୁ ରେଗୁଲାର ତାଲିମ ଓ ବୀମା ସୁବିଧା ଯୋଗାଇ ଦେବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଅଙ୍ଗନବାଡିରେ ଦିଆଯାଉଥିବା ଛତୁଆ ଓ ଅନ୍ୟାନ୍ୟ ଖାଦ୍ୟ ପ୍ରସ୍ତୁତିକୁ ନିୟମିତ ଯାଞ୍ଚ କରିବା ସହ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଏଥି ସହ ଅଙ୍ଗନବାଡି କେନ୍ଦ୍ର ଦ୍ୱାରା 'ଯୋଗ'କୁ ମା'ମାନଙ୍କ ପାଖରେ ପହଞ୍ଚାଇବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଆହୁରି ପୁଣି ମହିଳା ହେଲ୍ପଲାଇନର (ପୃଷ୍ଠା ୭ରେ)



# ଆସୁଛି ଲଘୁଚାପ, ୨୮ରୁ ବଢ଼ିବ ବର୍ଷା

ଭୁବନେଶ୍ୱର, ୨୦।୬
ନ୍ୟୁଜ୍ ବ୍ୟୁରୋ

କିଛି ମାସ ଧରି ରାଜ୍ୟରେ ପ୍ରବଳ ଗରମ ଓ ଗୁଳୁଗୁଳି ଲାଗି ରହିଛି । ଜୁନ ୮ରେ ରାଜ୍ୟକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କଲା ବୋଲି ପାଣିପାଗ ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା। ମାତ୍ର ଦିନକ ପରେ ଏହା ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇଯାଇଛି। ସମଗ୍ର ରାଜ୍ୟବାସୀ ପ୍ରଚଣ୍ଡ ଗରମରେ ଛଟପଟ ହେଉଛନ୍ତି । ଆସନ୍ତା ୨୬ ତାରିଖରୁ ଗ୍ରୀଷ୍ମ ଓ ଗୁଳୁଗୁଳିରୁ ଆଶ୍ୱସ୍ତି ମିଳିବ। ଏହି ସମୟରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି ।୨୮ ତାରିଖ ସୁଦ୍ଧା ଏହା ଲଘୁଚାପରେ ପରିଣତ ହେବ। ଏହା ଦକ୍ଷିଣ-ପଶ୍ଚିମ ମୌସୁମୀକୁ ସମଗ୍ର ରାଜ୍ୟରେ ପହଞ୍ଚାଇବାରେ ସହାୟକ ହେବ ବୋଲି ଅନୁମାନ କରାଯାଉଛି। ଲଘୁଚାପ ପ୍ରଭାବରେ



ସାରା ରାଜ୍ୟରେ ୨୬ ତାରିଖରୁ ବର୍ଷା ଆରମ୍ଭ ହେବ। ୨୮ରୁ ବର୍ଷା ପରିମାଣ ବଢ଼ିବ ବୋଲି ପୂର୍ବାନୁମାନ କରାଯାଇଛି । ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିଯୋଗୁ ତାପମାତ୍ରା ୪୦ ଡିଗ୍ରୀ ସେଲ୍ସିୟସ ତଳକୁ ଖସି ଆସିବ। ତେବେ ଆସନ୍ତା ୪/୫ ଦିନ ଗରମ ଓ ଗୁଳୁଗୁଳି କଳବଳ କରିବ। ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରଚଣ୍ଡ ଗରମ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ୱାର୍ଣ୍ଣିଂ ଦିଆଯାଇଛି। ସେହିପରି ଉପକୂଳ ଓଡ଼ିଶାରେ ଗରମ ସହ ଗୁଳୁଗୁଳି ଜାରି ରହିବ।

# ସୁରୁଖୁରୁରେ ରଥ ଯାତ୍ରା ସମ୍ପନ୍ନ କରିବା ପାଇଁ ଛତିଶା ନିଯୋଗର ସହଯୋଗ କାମନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦।୬
ନ୍ୟୁଜ୍ ବ୍ୟୁରୋ

ଗୁରୁବାର ରାଜ୍ୟ ଅତିଥି ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀକ୍ଷେତ୍ର ପୁରୀ ଛତିଶା ନିଯୋଗର ସଦସ୍ୟ ମାନଙ୍କ ସହ ଆଗାମୀ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା ଓ ସୁରୁଖୁରୁରେ ସମାପନ କରିବା ପାଇଁ ଆଲୋଚନା କରିଛନ୍ତି ।

ଚଳିତ ବର୍ଷ ରଥଯାତ୍ରା ଏକ ବିରଳ ସଂଯୋଗ। ଗୋଟିଏ ଦିନରେ ୩ ଟି ନୀତି ସହ ରଥଯାତ୍ରା କାମ ସମ୍ପନ୍ନ ହେବ । ଏହାକୁ ଶୃଙ୍ଖଳିତ ଭାବେ କରିବା ପାଇଁ ମୁଖ୍ୟମନ୍ତ୍ରୀ ଛତିଶା ନିଯୋଗର ସଦସ୍ୟ ମାନଙ୍କୁ ଅନୁରୋଧ କରିଥିଲେ। ସେ କହିଛନ୍ତି ମହାପ୍ରଭୁଙ୍କ ଅପାର କରୁଣାରୁ ଗୋଟିଏ ସାଧାରଣ ପରିବାରରୁ ଆସି ମୁଖ୍ୟମନ୍ତ୍ରୀ ହୋଇଛି। ଏ ସବୁ ପ୍ରଭୁଙ୍କ ଇଚ୍ଛା।





ସେ ପୁଣି କହିଥିଲେ ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରେ ରାଜ୍ୟ, ଦେଶ ତଥା ଏ ଦୁନିଆ ଚାଲିଛି ।

ଏହି ବିରଳ ରଥଯାତ୍ରା ମହାପ୍ରଭୁଙ୍କ ଆଶୀର୍ବାଦ ଓ ଆପଣ ମାନଙ୍କ ସହଯୋଗରେ ନିଶ୍ଚିତ ରୂପେ ସୁରୁଖୁରୁରେ ସମ୍ପନ୍ନ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଛତିଶା ନିଯୋଗ ର ସଦସ୍ୟ ମାନେ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇ କହିଲେ ଯେ, ଆମ ସେବକ ମାନଙ୍କ ପ୍ରତି ନୂଆ ସରକାରଙ୍କ ଆତ୍ମୀୟତା ଭାବ ଯୋଗୁ ଆମେ ବହୁତ୍ ଖୁସି ଓ ଆନନ୍ଦିତ। ଶ୍ରୀମନ୍ଦିର ପାଇଁ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ବ୍ୟବସ୍ଥା କରିଥିବାରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ (ପୃଷ୍ଠା ୭ରେ)

# ରାଜ୍ୟରେ ଆଉ ଦିନକ ପାଇଁ ବଢ଼ିଲା ସକାଳୁଆ ସ୍କୁଲ

ଭୁବନେଶ୍ୱର, ୨୦।୬
ନ୍ୟୁଜ୍ ବ୍ୟୁରୋ

ପାଣିପାଗ ବିଭାଗର ସୂଚନାକୁ ଆଧାର କରି ରାଜ୍ୟ ସରକାର ସମସ୍ତ ସରକାରୀ ବେସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୨୧ ତାରିଖ ଯାଏ ଦିନ ସକାଳ ୬ଟା ୩୦ ମିନିଟ୍‌ରୁ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲା ରହିବ । ଆସନ୍ତା ୨୨ ତାରିଖଠାରୁ ସମସ୍ତ ବିଦ୍ୟାଳୟଗୁଡ଼ିକ ସ୍ୱାଭାବିକ ଭାବେ ପରିଚାଳନା କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସୂତ୍ରରୁ ପ୍ରକାଶ।

ସୂଚନା ଅନୁଯାୟୀ, ପୂର୍ବରୁ ରାଜ୍ୟରେ ସ୍କୁଲ ଖୋଲିବା ପ୍ରସଙ୍ଗକୁ ନେଇ ପାଣିପାଗ ବିଭାଗ ସୂଚନାକୁ ଭିତ୍ତି କରି ସ୍କୁଲ ଖୋଲିବା ନିଷ୍ପତ୍ତି ଗ୍ରହଣ କରିବା (ପୃଷ୍ଠା ୭ରେ)

## ଏକାଳ ପକାଳ



ପରିବା ଉପରେ କାହାର କଣ୍ଟ୍ରୋଲ
ଖାଉଟିକୁ ନାହିଁ ଜଣା
ଟମାଟୋ ଆଳୁ ବମ୍ ଲାଗନ୍ତି
ଝୋଡଙ୍ଗ ଲାଗୁଛି ରଣା
ପରିବା ନୁହେଁତ ରାକ୍ଷସେ ଗଣା
ରସୁଣ ରେଟ୍ କରଇ ବଣା
ଘରଣୀ କହଇ 'ଠା' ଦରକାର
ନାକରେ ଚୋବାଏ ଚଣା

# ନାବାଳକର ନାରକୀୟ କାଣ୍ଡ, ଡବଲ ନୁହେଁ କରିଛି ଟ୍ରିପଲ ମର୍ଡର !



ଭଦ୍ରକ, ୨୦।୬ : ନ୍ୟୁଜ୍ ବ୍ୟୁରୋ

ଭଦ୍ରକରେ ଚାଞ୍ଚଲ୍ୟ। ନାବାଳକ ଘଟାଇଛି ନାରକୀୟ କାଣ୍ଡ। ଡବଲ ନୁହେଁ ଟ୍ରିପଲ ମର୍ଡର କରିଛି ନାବାଳକ। ଭଦ୍ରକ ଗ୍ରାମାଞ୍ଚଳ ଥାନା ରାଇମଣି ଛକ ନିକଟରେ ଡବଲ ମର୍ଡର ଘଟଣା ନୂଆ ମୋଡ଼ ନେଇଛି। ବୁଧବାର ମାଆ ଓ ଝିଅଙ୍କର ମୃତଦେହ ଉଦ୍ଧାର ହୋଇଥିଲା । ଘଟଣାସ୍ଥଳରୁ ଜଣେ ନାବାଳକଙ୍କୁ ଅଟକ ରଖିଥିଲା ପୋଲିସ। ଗୁରୁବାର ସେହି ସ୍ଥାନରୁ ଜଣେ ବୃଦ୍ଧାଙ୍କର ମୃତଦେହ ଉଦ୍ଧାର ହୋଇଛି। ମୃତ ବୃଦ୍ଧା ଅଭିଯୁକ୍ତ ନାବାଳକର ଆଈ ବୋଲି ଜଣାପଡ଼ିଛି। ନାବାଳକଟି ଦୁଇଦିନ ତଳେ ଆଈକୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଟ୍ରିପଲ ମର୍ଡର ଅଭିଯୋଗରେ ନାବାଳକଟିକୁ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ପଚରାଉଚରା କରୁଛି ।

ସୂଚନାଯୋଗ୍ୟ, ବୁଧବାର ସକାଳୁ ଜଳଙ୍ଗା ଅଞ୍ଚଳର ସୁକାନ୍ତି ମୁଣ୍ଡା ଓ ତାଙ୍କ ୬ ବର୍ଷର ଝିଅ ଡାକ୍ତରଖାନା ଯାଇଥିଲେ। ହେଲେ କିଛି ଘଣ୍ଟା ପରେ ସ୍ଥାନୀୟ ଲୋକେ ସୁକାନ୍ତି ମୁଣ୍ଡାଙ୍କ ମୃତଦେହ ଦେଖିଥିଲେ। ସେହି ସ୍ଥାନରେ ନାବାଳକକୁ ଦେଖି ସନ୍ଦେହ ହେବାରୁ ଲୋକେ ପୁଲିସକୁ ଖବର ଦେଇଥିଲେ । ତେବେ କିଛି ସମୟ ପରେ ଘଟଣାସ୍ଥଳରୁ ପ୍ରାୟ ଏକ କିଲୋମିଟର ଦୂରରୁ ମହିଳାଙ୍କ ଝିଅର ମୃତଦେହ ମଧ୍ୟ ଉଦ୍ଧାର ହୋଇଥିଲା । (ପୃଷ୍ଠା ୭ରେ)

# ପାକିସ୍ତାନକୁ ପାନେ ଦେବାକୁ ଡୋଭାଲଙ୍କ ପିଓକେ ମିଶନ ଆରମ୍ଭ



ନୂଆଦିଲ୍ଲୀ, ୨୦।୬

ତୃତୀୟ ଥର ପାଇଁ ନରେନ୍ଦ୍ର ମୋଦି ଭାରତର ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବା ପରେ ପୁଣି ଥରେ ଦେଶର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଭାବରେ ଅଜିତ ଡୋଭାଲ ନିଯୁକ୍ତ ହୋଇଛନ୍ତି। ବର୍ତ୍ତମାନ ପାକିସ୍ତାନରେ ଏହି ପ୍ରସଙ୍ଗରେ ଆଲୋଚନା ତୀବ୍ର ହୋଇଛି । ବିଶ୍ୱାସ କରାଯାଏ ଯେ, ଅଜିତ ଡୋଭାଲଙ୍କ ରଣନୀତି କେବେ ବିଫଳ ହୁଏ ନାହିଁ । ଅଜିତ ଡୋଭାଲ ବର୍ତ୍ତମାନ କଣ କରିବାକୁ ଯାଉଛନ୍ତି ବୋଲି ପାକିସ୍ତାନୀମାନେ ଭୟ କରୁଛନ୍ତି, କାରଣ କଶ୍ମୀରର ମିଳିତ ଯୋଜନା ଏପର୍ଯ୍ୟନ୍ତ ସଫଳ ହୋଇପାରି ନାହିଁ।

ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ପିଓକେ ଉପରେ ଧ୍ୟାନ ଦେଉଛନ୍ତି । ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ତୃତୀୟ କାର୍ଯ୍ୟକାଳ ପରି (ପୃଷ୍ଠା ୭ରେ)



## ନାବାଳକର ମୃତ୍ୟୁ ପରେ ବି.ଏମ୍. ସି ମୁଣ୍ଡରେ ଚେତା ପଶିଲା

# ଆଗାମୀ ୩ଦିନ ମଧ୍ୟରେ ସବୁ ଡ୍ରେନ୍ ବ୍ୟାରିକେଡିଂ ଶେଷ ହେବ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୩ ଦିନ ଭିତରେ ରାଜଧାନୀର ମୁକୁଳା ପଡ଼ିଥିବା ସମସ୍ତ ସମ୍ବେଦନଶୀଳ ସ୍ଥାନକୁ ଚିହ୍ନଟ କରାଯାଇ ବ୍ୟାରିକେଡ଼ କରାଯିବ। ଏହି କାମ ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଏମ୍‌ସି କମିସନ୍ ରାଜେସ୍ ପ୍ରଭାକର ପାଟିଲ କହିଛନ୍ତି। ଅନ୍ୟପକ୍ଷରେ ମସ୍‌ଜିଦ୍ କଲୋନୀ ସ୍ଥିତ ଅଘଟଣ ସ୍ଥଳରେ ଥିବା ମୁକୁଳା ଡ୍ରେନ୍‌ର ବ୍ୟାରିକେଡ଼ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ଖୁବ୍‌ଶୀଘ୍ର ଏହାକୁ ଶେଷ କରାଯିବ ବୋଲି ବିଏମ୍‌ସିର ଡ୍ରେନେଜ୍ ବିଭାଗ ପକ୍ଷରୁ କୁହାଯାଇଛି। ରାଜଧାନୀରେ ପୂର୍ବରୁ ମୁକୁଳା ଡ୍ରେନ୍‌ରେ ପଡ଼ି ଜଣେ ପିଲାଙ୍କ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ଭୁବନେଶ୍ୱରରେ ମୋଟ ୧୮ ଶହ



କିଲୋମିଟର ମଧ୍ୟମ ଏବଂ ଛୋଟ ଡ୍ରେନ୍ ରହିଛି। ଏଥିରୁ ୧୩୮୦ କିଲୋମିଟର ଡ୍ରେନ୍ ବିଏମ୍‌ସି ଅଧୀନରେ ରହିଛି। ୩୬୦ କିଲୋମିଟର ଡ୍ରେନ୍ ଆରଆଣ୍ଡବି ଅଧୀନରେ ରହିଛି। ୩୪ କିଲୋମିଟର ଡ୍ରେନ୍ ଜାତୀୟ ରାଜପଥ ଅଧୀନରେ ରହିଛି। ବାକି ଡ୍ରେନ୍ ଇଡକୋ ଏବଂ ଅନ୍ୟାନ୍ୟ ବିଭାଗ ଅଧୀନରେ ରହିଛି। ସେହିପରି ଭୁବନେଶ୍ୱରରେ ଡ୍ରେନ୍ ନମ୍ବର ୧ରୁ ଆରମ୍ଭ କରି ୧୧ ପର୍ଯ୍ୟନ୍ତ ମୋଟ୍ ୭୭ କିଲୋମିଟର ମୁଖ୍ୟ ଡ୍ରେନ୍ ରହିଛି। ବିଏମ୍‌ସି ଅଧୀନରେ ଥିବା ୧୩୮୦ ଡ୍ରେନ୍ ମଧ୍ୟରୁ ମୋଟ୍ ୨୭ କି.ମି ଡ୍ରେନ୍ ଏବେ ମୁକୁଳା ପଡ଼ିଛି। ଏହା ମଧ୍ୟରୁ ମୋଟ୍ ୩୪ ସ୍ଥାନକୁ ଅତି ସମ୍ବେଦନଶୀଳ ସ୍ଥାନ ଭାବେ ଚିହ୍ନଟ କରାଯାଇଛି। ଜନବସତି ଏବଂ ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ଥିବା ସ୍ଥାନକୁ ଅତି ସମ୍ବେଦନଶୀଳ ସ୍ଥାନ ଭାବେ ଚିହ୍ନଟ କରାଯାଇଛି। ଏହି ସମସ୍ତ ସ୍ଥାନଗୁଡ଼ିକୁ ବ୍ୟାରିକେଟିଂ କରଯିବ। ଏହାସହିତ ୩ ମାସ ମଧ୍ୟରେ ସମ୍ବେଦନଶୀଳ ସ୍ଥାନଗୁଡ଼ିକୁ ଢାଙ୍କି ଦିଆଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

### ମରଣଯନ୍ତା ପାଲଟିଛି ମୁକୁଳା ଡ୍ରେନ୍

ଆମ ରାଜଧାନୀ ଭୁବନେଶ୍ୱର ସ୍ମାର୍ଟସିଟିର ମାନ୍ୟତା ସିନା ପାଇଯାଇଛି କିନ୍ତୁ ରାଜଧାନୀର ଅନେକ ଡ୍ରେନ୍ ମୁକୁଳା ହୋଇପଡ଼ିଛି ଯାହାଫଳରେ ଅସରାଏ ବର୍ଷା ହେଲେ ଡ୍ରେନ୍ ରାସ୍ତା ସହ ମିଶିଯାଉଛି। ପ୍ରବଳ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ପାଣିର ସୁଅ ଛୁଟୁଛି ଓ ବନ୍ୟାର ଭ୍ରମ ସୃଷ୍ଟିହେଉଛି । ରାଜଧାନୀର ବିଭିନ୍ନ ସ୍ଥାନରେ ଏଭଳି ଡ୍ରେନ୍ ସବୁ ବିପଜ୍ଜନକ ଅବସ୍ଥାରେ ମୁକୁଳା ପଡ଼ିଛି। ଅନେକ ସମୟରେ ଡ୍ରେନ୍ ସଫା କରିବା ବେଳେ ସ୍ଲାବ୍ ଖୋଲାଯାଉଛି, କିନ୍ତୁ ପରେ ତାକୁ ଘୋଡ଼ାଉ ନାହାନ୍ତି ଦାୟିତ୍ୱରେ ଥିବା କର୍ମଚାରୀ । ସେହି ସମୟ ମଧ୍ୟରେ ବର୍ଷା ହେଲେ ରାସ୍ତା ସହ ଡ୍ରେନ୍ ମିଶିଯାଉଛି । ଆଗକୁ ବର୍ଷା ଋତୁ ଆସୁଥିବାରୁ ଆତଙ୍କିତ ଅଛନ୍ତି ରାଜଧାନୀବାସୀ । ଏହି ଡ୍ରେନ୍ ଗୁଡ଼ିକର ମରାମତି ପାଇଁ ଦାବି କରୁଛନ୍ତି।

## ଭାରତ ମହାସାଗର ପାହାଡ଼ ଖନନ ଓ ଗବେଷଣା ପାଇଁ ଭାରତର ଆବେଦନ ଖାରଜ କଲା ଆଇଏସ୍ଏ

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ଭାରତର ଦକ୍ଷିଣ ଉପକୂଳରୁ ୧୩୫୦ କିମି ଦୂର ଭାରତ ମହାସାଗରରେ ଥିବା କୋବାଲ୍ଟ ପାହାଡ଼ ଉପରେ ଅନେକ ଦେଶ ଦାବି କରୁଛନ୍ତି। ଏହି ପାଡ଼ର ନାମ ଅଫାନାସି ନିକିତିନ ସିମାଉଣ୍ଟ ରହିଛି । ଏହା ଭାରତ ପରିବର୍ତ୍ତେ ଶ୍ରୀଲଙ୍କା ନିକଟରେ ରହିଛି । ଉଭୟ ଦେଶ ଏହି ଖଣି ଖନନ କରିବାକୁ ଚାହୁଁଛନ୍ତି । ମାତ୍ର ଚୀନ୍ ଏହା ଉପରେ କବ୍‌ଜା କରିପାରେ ବୋଲି ଭାରତ ଭାବୁଛି । ଏଥିପାଇଁ ଭାରତ ଚଳିତ ବର୍ଷ ଜାନୁଆରୀରେ ଇଣ୍ଟରନ୍ୟାସନାଲ ସିବେଡ୍ ଅଥରିଟି (ଆଇଏସଏ)କୁ ଖଣି ଖନନ ପାଇଁ ଅନୁମତି ମାଗିଥିଲା। ଏଥିପାଇଁ ଦେୟ ଭାବେ ୪ କୋଟି ଟଙ୍କା ଦିଆଯିବ ବୋଲି କୁହାଯାଇଥିଲା । ତେବେ ଭାରତର ଏହି ଅଫରକୁ ଆଇଏସଏ ଖାରଜ କରିଦେଇଛି । ନିୟମ ଅନୁଯାୟୀ ଯଦି କୌଣସି ଦେଶ ନିଜ ଅଧିନରେ ନଥିବା ସମୁଦ୍ର ସୀମାରେ ଗବେଷଣା କରିବାକୁ ଚାହେଁ ତେବେ ଏଥିପାଇଁ ଆଇଏସ୍ ଏଠାରୁ ମଞ୍ଜୁରି ନେବାକୁ ପଡ଼ିଥାଏ । ଭାରତ ଏହି ପାହାଡ଼ରେ ୧୫ ବର୍ଷ ପର୍ଯ୍ୟନ୍ତ ଗବେଷଣା କରିବାକୁ ଚାହୁଁଥିଲା ।

## ସୂଚନା କର୍ମୀ ଅଭିମନ୍ୟୁ ପଣ୍ଡା ହତ୍ୟା ମାମଲା ଅଭିଯୁକ୍ତ ଗିରଫ, ୩ ଫେରାର

**ଫୁଲବାଣୀ, ନ୍ୟୁଜ୍ ବ୍ୟୁରୋ**

ବହୁ ଚର୍ଚ୍ଚିତ ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡା ହତ୍ୟା ମାମଲାରେ ୨ ଅଭିଯୁକ୍ତ ଶ୍ୟାମସୁନ୍ଦର ପାତ୍ର ଓ ବିଶ୍ୱନାଥ ପାତ୍ରଙ୍କୁ ବାଲିଗୁଡ଼ା ଥାନା ପୁଲିସ ଗିରିଫ କରିଛି। ଅନ୍ୟ ଅଭିଯୁକ୍ତ ଗୋପାଳ ଚନ୍ଦ୍ର ପାତ୍ର, ରାମଚନ୍ଦ୍ର ପାତ୍ର ଓ ଆନନ୍ଦ ଆଚାର୍ଯ୍ୟ ଫେରାର ଥିବା ଜଣାପଡ଼ିଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଅଭିଯୁକ୍ତ ଆନନ୍ଦ ଆଚାର୍ଯ୍ୟଙ୍କ ଆଗୁଆ ଜାମିନ ଆବେଦନ ଖାରଜ କରିଛନ୍ତି । ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ସୂଚନା ଅନୁଯାୟୀ ଗତ ୨୦୧୯ ଡିସେମ୍ବର ୧୦ ତାରିଖ ସକାଳେ ବାଲିଗୁଡା ଅଞ୍ଚଳର ଜଣାଶୁଣା ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡା ତାଙ୍କ ଘର ସାମ୍ନାରେ ଠିଆ ହୋଇଥିବା ବେଳେ ଦୁର୍ବୃତ୍ତ ତାଙ୍କୁ ଗୁଳି କରି ହତ୍ୟା କରିଥିଲେ। ଅଭିମନ୍ୟୁଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଏତଲା ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ହତ୍ୟାକାଣ୍ଡର ମାଷ୍ଟର ମାଇଣ୍ଡକୁ ଆସିକାରୁ ଗିରଫ କରାଯିବା ସହିତ ସମୁଦାୟ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୁଲିସ। ତେବେ ଉପରୋକ୍ତ ଅଭିଯୁକ୍ତ ମାନଙ୍କ ନାମ ଏତାଲାରେ ଥିଲେ ମଧ୍ୟ ପୁଲିସ ସେମାନଙ୍କ ନାମକୁ ଚାର୍ଜସିଟ୍‌ରୁ ବାଦ୍ ଦେଇଥିଲା। ପରେ ବ୍ରହ୍ମପୁର ସେସନ୍ସ ଜଜ୍‌ଙ୍କ ଅଦାଲତରେ ଘଟଣାର ଶୁଣାଣି ବେଳେ ହତ୍ୟା ଘଟଣାରେ ସେମାନଙ୍କ ସମ୍ପୃକ୍ତି ଥିବା ଅନୁଭବ କରି ଅଦାଲତରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ସମନ ସତ୍ତ୍ୱେ ଅଭିଯୁକ୍ତ ଅଦାଲତରେ ହାଜର ହୋଇ ନଥିଲେ। ପରେ ଅଭିଯୁକ୍ତ ଆନନ୍ଦ ଉଚ୍ଚ ନ୍ୟାୟାଳୟରେ ଅଗ୍ରୀମ ଜମାନତ ପାଇଁ ଆବେଦନ କରିଥିଲେ। ଉଚ୍ଚ ଅଦାଲତ ଜାମିନ ଆବେଦନର ବିଚାର କରି ଆବେଦନ ଖାରଜ କରିଥିବା ଜଣାପଡ଼ିଛି ।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ଟେବୁଲ ଟପ ଏକ୍ସରସାଇଜ୍

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆନୁକୂଲ୍ୟରେ ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ବୁଧବାର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଟେବୁଲ ଟପ ଏକ୍ସରସାଇଜ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିରଞ୍ଜନ ବେହେରା ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା ପରିଚାଳନା କରିଥିଲେ । ଉକ୍ତ ବୈଠକରେ ସମସ୍ତ



ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ, ଅଗ୍ନିଶମ ଏବଂ ଓଡ୍ରାଫର ଅଧିକାରୀ ଉପସ୍ଥିତ ରହି ବନ୍ୟା ଏବଂ ବାତ୍ୟା ସମୟର ଜରୁରୀକାଳୀନ ପରିସ୍ଥିତିରେ ମୁକାବିଲା ପାଇଁ ପୂର୍ବ ଏବଂ ପର ପ୍ରସ୍ତୁତି ବିଷୟରେ ଆଲୋଚନା କରିଥିଲେ । ତତ୍‌ସହିତ ଶ୍ରୀ ବେହେରା ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟକି ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକ ସ୍ତରରେ (ରେମୁଣା ଓ ସଦର ବ୍ୟତୀତ) ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ବ୍ଲକସ୍ତରୀୟ ଅଧିକାରୀଙ୍କ ମଧ୍ୟରେ ମକ୍ ଏକ୍ସରସାଇଜ୍ ଆୟୋଜିତ ହୋଇଯାଇଛି ।

## ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ କଲେ ଜିଲ୍ଲାପାଳ

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅବସରରେ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଡ଼ଃ କମଳ ଲୋଚନ ମିଶ୍ର ଯୋଗଦେଇ ସବୁଜ ପତାକା ଦେଖାଇ ଏହି ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଜିଲ୍ଲାର ୧୦ଟି ବ୍ଲକ ଓ ୨ଟି ପୌରପାଳିକା ଅଞ୍ଚଳରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ସଚେତନତା ରଥ ବୁଲି ବ୍ୟାପକ ସଚେତନ କରିବ । ସରକାରଙ୍କ ନିୟମ ଅନୁଯାୟୀ ୧୪ ବର୍ଷରୁ କମ୍ ଶିଶୁଙ୍କୁ କୌଣସି ପ୍ରକାର ବୃତ୍ତି ଓ ପ୍ରକ୍ରିୟାରେ ତଥା ୧୫ ବର୍ଷରୁ ୧୮ ବର୍ଷ ବୟସର କିଶୋରଙ୍କୁ ବିପଦ ସଙ୍କୁଳ ବୃତ୍ତି ଓ ପ୍ରକ୍ରିୟାରେ ନିୟୋଜନ କରିବା ଏକ ଧର୍ତ୍ତବ୍ୟ ଅପରାଧ ଅଟେ । ଏହିପରି ନିୟୋଜନ କରିଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଓ କାରାଦଣ୍ଡ ଭୋଗିବାକୁ ପଡ଼ିବ । ପୁନରାବୃତ୍ତି ହେଲେ ୩ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ହୋଇପାରେ । ଏହି ଶିଶୁ ଶ୍ରମିକ ନିରାକରଣ ସଚେତନତା କାର୍ଯ୍ୟକ୍ରମରେ ସମସ୍ତେ ତଥା ସମସ୍ତ ଗଣମାଧ୍ୟମ ସହଯୋଗ କରି ଜିଲ୍ଲାକୁ ୨୦୨୫ ସୁଦ୍ଧା ଶିଶୁ ଶ୍ରମିକ ମୁକ୍ତ ଜିଲ୍ଲା ଭାବେ ଗଢି ତୋଳିବାକୁ ଜିଲ୍ଲାପାଳ ଡ଼ଃ ମିଶ୍ର ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ମଣ୍ଡଳ ଶ୍ରମ ଅଧିକାରୀ କୁବେର ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ଜିଲ୍ଲା ଶ୍ରମ ଅଧିକାରୀ ଛୋଟ ରାୟ ଟୁଡୁ, ଅତିରିକ୍ତ ଶ୍ରମ ଅଧିକାରୀ ପଦ୍ମଚରଣ ପଣ୍ଡା ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂଶୋଧନ ପରବର୍ତ୍ତୀ କାରବାର ସମ୍ପର୍କିତ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

**କଟକ, ନ୍ୟୁଜ୍ ବ୍ୟୁରୋ**

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଆଇନ୍- ୧୯୫୪ର କେତେକ ଧାରା ସଂଶୋଧନ କରାଯିବାକୁ ଚାଲେଞ୍ଜ କରି ଦାୟର ମାମଲାରେ ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ ହୋଇଥିଲା। ଉପରୋକ୍ତ ଆଇନ୍‌ରେ ସଂଶୋଧନ ଅଣାଯିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ହୋଇଥିବା ଜମି ଖର୍ଦ୍ଦି ବିକ୍ରି ଅଥବା ଲିଜ୍ କାରବାର ସମ୍ପର୍କରେ ସବିଶେଷ ବିବରଣୀ ଉଲ୍ଲେଖ କରାଯାଇନାହିଁ । ହାଇକୋର୍ଟଙ୍କ ଗତ ୨୦୨୨ ମାର୍ଚ୍ଚ ୧୫ର ନିର୍ଦ୍ଦେଶ ଅନୁସାରେ ଆଇନ୍ ସଂଶୋଧନ ପରବର୍ତ୍ତୀ କାରବାର ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ଜବାବ ଦାଖଲ କରି ନଥିବା ନେଇ ଆବେଦନକାରୀ ଅବଗତ କରିଥିଲେ। ଏଣୁ ପ୍ରତିପକ୍ଷ ଶ୍ରୀମନ୍ଦିର ପ୍ରଶାସନକୁ ୧୦ ହଜାର ଟଙ୍କା ଦଣ୍ଡ ଆକାରରେ ରାଜ୍ୟ ଆଇନ୍‌ସେବା ପ୍ରାଧିକରଣରେ ପଇଠ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ



ଦେଇଛନ୍ତି। ଅନ୍ୟପଟରେ ଅତିରିକ୍ତ ସତ୍ୟପାଠ ଦାଖଲ ପାଇଁ ଏକ ସପ୍ତାହ ସମୟ ପ୍ରଦାନ କରିଛନ୍ତି । ହାଇକୋର୍ଟ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଶ୍ରୀମନ୍ଦିର ପ୍ରଶାସନ ଓ ସରକାର ଏ ସମ୍ପର୍କିତ ସତ୍ୟପାଠ ଦାଖଲ କରିବେ । ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଦିଲ୍ଲୀପ କୁମାର ବରାଳଙ୍କ ପକ୍ଷରୁ ରୁଜୁ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁନ୍ ୨୬କୁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି । ମାମଲାରୁ ପ୍ରକାଶ ଯେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଆଇନ୍ ୧୯୫୪ର ଧାରା ୧୬(୨)ର ସଂଶୋଧନ କରିଥିଲେ ରାଜ୍ୟ ସରକାର। ଏହାକୁ ମଧ୍ୟ ରାଜ୍ୟ କ୍ୟାବିନେଟରେ ମଞ୍ଜୁରୀ ମିଳିଥିଲା। ଶ୍ରୀଜଗନ୍ନାଥଙ୍କ ନାମରେ ରହିଥିବା କୌଣସି ଅସ୍ଥାବର ସମ୍ପତ୍ତିକୁ ରାଜ୍ୟ ସରକାରଙ୍କ ପୂର୍ବ ଅନୁମତି ବିନା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବିକ୍ରି କରିପାରିବ ନାହିଁ କିମ୍ବା କାହାକୁ ଲିଜ୍ ସୂତ୍ରରେ ଦେଇପାରିବ ନାହିଁ। କୌଣସି ପରିସ୍ଥିତିରେ ସରକାରଙ୍କ ଅନୁମତି ବିନା ଏହି ସମ୍ପତ୍ତିକୁ ବନ୍ଧକ ମଧ୍ୟ ରଖାଯାଇପାରିବ ନାହିଁ ବୋଲି ପୁରୁଣା ଆଇନ୍‌ରେ ଉଲ୍ଲେଖ ଥିଲା। କିନ୍ତୁ ଆଇନ୍‌ରେ ସଂଶୋଧନ ଅଣାଯିବା ଦ୍ୱାରା ସମସ୍ତ କ୍ଷମତା ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ହାତକୁ ଯାଇଥିଲା। ଜମି ଲିଜ, ଖର୍ଦ୍ଦି ବିକ୍ରି ପାଇଁ ଆଉ ରାଜ୍ୟ ସରକାରଙ୍କ ଅନୁମତି ଆବଶ୍ୟକ ପଡ଼ିବ ନାହିଁ । ଏହାଦ୍ୱାରା କ୍ଷମତାର ଅପବ୍ୟବହାର ସମ୍ଭାବନା ଥିବାରୁ ଉପରୋକ୍ତ ସଂଶୋଧିତ ଆଇନ୍‌କୁ ରଦ୍ଦ ପ୍ରାର୍ଥନା କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ବିଚାରାଧୀନ ମାମଲାର ଚୂଡାନ୍ତ ଫଇସଲା ଉପରେ ଆଇନ୍ ସଂଶୋଧନ ନିଷ୍ପତ୍ତି ନିର୍ଭର କରିବ ବୋଲି ହାଇକୋର୍ଟ ଗତ ୨୦୨୨ ମାର୍ଚ୍ଚ ୧୫ରେ ମଧ୍ୟ ଏକ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

## ଶସ୍ୟ ବୀମା ଟଙ୍କା ପ୍ରଦାନ ଦାବିରେ ତହସିଲ୍ ଘେରିଲେ ଚାଷୀ

**ଧର୍ମଗଡ଼, ନ୍ୟୁଜ୍ ବ୍ୟୁରୋ**

୨୦୨୩-୨୪ ମସିହାର ଶସ୍ୟ ବୀମା ଟଙ୍କା ତୁରନ୍ତ ପ୍ରଦାନ କରିବା ଦାବିରେ କଳାହାଣ୍ଡି କିଶାନ ସଂଘ ଓ ଜନ ସଂଗ୍ରାମ ସମିତି ପକ୍ଷରୁ ଗୋଲାମୁଣ୍ଡା ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ୨୦୨୩-୨୪ ମସିହା ପାଇଁ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ୨୮ ଗୋଟି ପଞ୍ଚାୟତର ହଜାର ହଜାର ସଂଖ୍ୟାରେ ଶସ୍ୟ ବୀମା ଟଙ୍କା ବାନ୍ଧିଥିଲେ । ଗତବର୍ଷ ଖରିଫ ସମୟରେ ଚାଷୀ ଧାନ ଚାଷ କରିଥିଲେ ସୁଦ୍ଧା ବ୍ଲକର କେତେକ ପଞ୍ଚାୟତରେ ମରୁଡ଼ି ଦେଖାଦେଇଥିଲା । ଏଣୁ ମରୁଡ଼ିର ସମ୍ମୁଖୀନ ହୋଇଥିବା ବ୍ଲକର କାତୋଟି ଗ୍ରାମ ପଞ୍ଚାୟତର ହଜାର ହଜାର ଚାଷୀଙ୍କୁ ତୁରନ୍ତ ଶସ୍ୟ ବୀମା ଟଙ୍କା ପ୍ରଦାନ ଦାବିରେ ତହସିଲ ଘେରାଉ କରାଯାଇଥିବା ବେଳେ ଏଥି ସହିତ ୯ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଲାମୁଣ୍ଡା ତହସିଲଦାର ଚନ୍ଦନ କୁମାର ନାୟକଙ୍କୁ ପ୍ରଦାନ କରାଯାଇଥିଲା । ୯ ଦଫା ଦାବି ମଧ୍ୟରେ ବ୍ଲକର ତେଲ ଓ ଉଦନ୍ତି ନଦୀରେ ବ୍ୟାରେଜ ନିର୍ମାଣ ଇନ୍ଦ୍ରାବତୀ କେନାଲ ଜରିଆରେ ଗୋଲାମୁଣ୍ଡା ବ୍ଲକର ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ପାଣି ଯୋଗାଣ କରିବା ବ୍ଲକରେ ହୋଇଥିବା ଚେକ୍ ଡ୍ୟାମ୍ ଚାଷୀଙ୍କ କାମରେ ଆସୁନାହିଁ । ଏହି ଚେକ୍ ଡ୍ୟାମ୍ ଗୁଡ଼ିକ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ବ୍ଲକରେ ଶୀତଳ ଭଣ୍ଡାର କରାଯାଉ । ଚାଷୀଙ୍କୁ ତୁରନ୍ତ ମରୁଡି ସହାୟତା ପ୍ରଦାନ କରାଯାଉ । କପା ଚାଷୀମାନଙ୍କ ପାଇଁ ସ୍ଥାୟୀ ମଣ୍ଡି କରାଯାଉ । ବ୍ଲକର କୁଲେରଗୁଡ଼ା,ଚପରିଆ ଓ କେଗାଁ ଅଞ୍ଚଳର ଚାଷୀଙ୍କ ଠାରୁ ନୂଆପଡ଼ା ଜିଲ୍ଲା ଡୁକୁଲାର ଗ୍ରାମର ଏକ ବ୍ୟବସାୟୀ କପା କିଣି ନେଇ ଟଙ୍କା ପ୍ରଦାନ କରିନାହିଁ । ଉକ୍ତ ବ୍ୟବସାୟୀକୁ ତୁରନ୍ତ ଗିରଫ କରି ଟଙ୍କା ପ୍ରଦାନ କରାଯାଉ । ଫସଲ ବୀମା କରିଥିବା ଚାଷୀମାନଙ୍କ ରିଜେକ୍ଟ ଲିଷ୍ଟକୁ ହଟାଇ ତୁରନ୍ତ ଆପ୍ରୁଭ କରାଯାଉ । ଏହି ଘେରାଉ କାର୍ଯ୍ୟକ୍ରମ ଉକ୍ତ ସଂଘର ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଚାଷିନେତା ଜଗୁ ପ୍ରସାଦ ରାଉତ, ସୋମେଶ୍ୱର ମୁନି, ରମେଶ ଅଗ୍ରୱାଲ, ଅନିଲ ମଲ୍ଲିକ, ଜଗଯିବନ ଅଗ୍ରିଆ, କୁମୁଦ ଗହିର, ପ୍ରସନ୍ନ ମାଝୀ, ଅଗସ୍ତି ମାଝୀ, କନକ ମାଝୀ, ଦିବା ବନ୍ଦିଛୋଡ, ମଧୁ ମାଝୀ, କେଶରୀ ବୋଡକିଆଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ । ଦହସିଲଦାର ଶ୍ରୀ ନାୟକ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ଆସନ୍ତା ମାସ ୧୦ ତାରିଖ ସୁଦ୍ଧା ଫସଲ ବୀମା ଟଙ୍କା ପ୍ରଦାନ କରାଯିବ ଓ ବାକି ଦାବି ଉପରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଯଥାଶୀଘ୍ର ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା ।




## ସାମାନ୍ୟ କଳହରୁ ସର୍ବନାଶ:ବଡ଼ ଭାଇର ଟାଙ୍ଗିଆ ଚୋଟରେ ସାନ ମୃତ

**ଅନୁଗୁଳ, ନ୍ୟୁଜ୍ ବ୍ୟୁରୋ**

ବଡ଼ଭାଇର ଟାଙ୍ଗିଆ ଚୋଟରେ ସାନଭାଇ ପ୍ରାଣ ହରାଇଛି। ଏଭଳି ଘଟଣା ଅନୁଗୋଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଜରାସିଂହା ପୁରୁଣା ସାହିରେ ଘଟିଛି । ସୂଚନା ଅନୁସାରେ, ଜରାସିଂହା ପୁରୁଣା ସାହିର ବଲେହି ନାଏକଙ୍କ ପୁଅ ଗଦା ନାଏକ ଗାଁ ପାଖରେ ଥିବା ରାଇସ୍ ମିଲ୍‌ରେ କାର୍ଯ୍ୟ କରନ୍ତି। ପ୍ରତ୍ୟେକ ଦିନ ଘର ବାହାର ପଟରେ ଶୋଇବାକୁ ଆସନ୍ତି। ଗାଁ ଆଡୁ କାର୍ଯ୍ୟ ସାରି ଘରକୁ ଫେରୁଥିବା ବେଳେ ବଡ଼ ଭାଇ ବିରଞ୍ଚିଙ୍କ ସହ ପାରିବାରିକ ସମସ୍ୟାକୁ ନେଇ ଯୁକ୍ତିତର୍କ ହୋଇଥିଲା। ତେବେ ପରେ ଦୁହେଁ ଦୁହିଁଙ୍କ ଘରକୁ ଯାଇ ଖାଇସାରି ଶୋଇବାକୁ ଯାଇଥିଲେ। ସକାଳୁ ଉଠି ଦେଖିଲା ବେଳକୁ ଗଦା ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶୋଇଛନ୍ତି। ଏହା ଦେଖୁ ଗଦାଙ୍କ ସ୍ତ୍ରୀ ଚିତ୍କାର କରିଥିଲେ। ଘର ପାଖ ଲୋକ ଆସି ଦେଖିଲା ବେଳକୁ ଗଦାଙ୍କର ମୃତ୍ୟୁ ହୋଇ ସାରିଥିଲା। ଖବରପାଇ ସଦର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ବିରଞ୍ଚି ଟାଙ୍ଗିଆରେ ହାଣି ଗଦାଙ୍କୁ ହତ୍ୟାକରି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି।



## ଶ୍ରମିକମାନଙ୍କୁ ସରକାରୀ ସୁବିଧା ପ୍ରଦାନ ଉପରେ ଶ୍ରମମନ୍ତ୍ରୀଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶ୍ରମିକମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଓ ସହାୟତା ପହଞ୍ଚାଇବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ନବନିଯୁକ୍ତ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ କହିଛନ୍ତି। ବୁଧବାର ଖାରବେଳ ଭବନ ସ୍ଥିତ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ରାଜ୍ୟରେ ବିଭିନ୍ନ ସ୍ଥାନରେ ଥିବା ଅଣପଞ୍ଜିକୃତ କାରଖାନା ଏବଂ କ୍ଷୁଦ୍ର କର୍ମଶାଳାଗୁଡ଼ିକୁ ନିୟମିତ ବ୍ୟବଧାନରେ ଯାଇ ସେଗୁଡ଼ିକ ଯାଞ୍ଚ କରିବା ସହ ନିର୍ମାଣ ଓ ତତ୍‌ସମ୍ବନ୍ଧିତ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ପାରିଶ୍ରମିକ ପ୍ରଦାନ କରିବାକୁ ଗୁରୁତ୍ୱ ଦେଇଛନ୍ତି। ଜିଲ୍ଲାପାଳମାନଙ୍କୁ ପ୍ରତ୍ୟେକ ମାସରେ ଏକ ସମୀକ୍ଷା ବୈଠକ କରିବାକୁ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଶ୍ରମିକମାନଙ୍କ ପାଇଁ ଥିବା ସୁବିଧାସୁଯୋଗ ବିଷୟରେ ବିଶେଷ କରି ଗ୍ରାମାଞ୍ଚଳର ଲୋକମାନେ ଜାଣିପାରୁ ନାହାନ୍ତି। ସେଥିପାଇଁ ଶ୍ରମ ବିଭାଗ ତରଫରୁ ଆଇଇସି ଆକ୍ଟିଭିଟିକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତା'ସହ ଶିଶୁଶ୍ରମିକ ମୁକ୍ତ ରାଜ୍ୟ ସମ୍ପର୍କରେ ଜନ ସଚେତନତାକୁ ବ୍ୟାପକ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦାଦନପ୍ରବଣ ଜିଲ୍ଲାମାନଙ୍କରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପାଦନ ଏବଂ ନିର୍ଦ୍ଧାରିତ ମଜୁରୀ ପ୍ରଦାନ କରିବାକୁ ମନ୍ତ୍ରୀ ଜିଲ୍ଲା ଶ୍ରମ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଗରିବ ଲୋକଙ୍କ ସମସ୍ୟାର ସମାଧାନ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରଧାନ ଆଭିମୁଖ୍ୟ:ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ମୁଖ୍ୟତଃ ଗରିବ ଜନସାଧାରଣଙ୍କ କଲ୍ୟାଣ ପାଇଁ ନୂତନ ସରକାର ସଂକଳ୍ପବଦ୍ଧ। ଗରିବ ଲୋକମାନଙ୍କର ସମସ୍ୟା ଦୂରକରି ସେମାନଙ୍କ ମୁହଁରେ ହସ ଫୁଟାଇବା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ପ୍ରଧାନ ଆଭିମୁଖ୍ୟ ହେବା ଉଚିତ୍ । ବିତ ଆବଣ୍ଟନ ଓ ଦାରିଦ୍ର୍ୟ ଦୂରୀକରଣ ଦୃଷ୍ଟିକୋଣରୁ ଏହି ବିଭାଗ ସରକାରଙ୍କ ଏକ ପ୍ରମୁଖ ଏବଂ ଗୁରୁତ୍ୱପୂର୍ଣ୍ଣ ବିଭାଗ । ନୂତନ ସରକାରଙ୍କ ସଂକଳ୍ପ ଏବଂ ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀ ମୁଖ୍ୟତଃ କ୍ଷେତ୍ର ଅଧିକାରୀମାନେ ସରକାରଙ୍କ ନ୍ୟସ୍ତ ଦାୟିତ୍ୱକୁ ସଠିକ୍ ରୂପେ ନିର୍ବାହ କରିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକ ପରାମର୍ଶ ଦେଇଛନ୍ତି। ଲୋକସେବା ଭବନ ସ୍ଥିତ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ନାୟକ କହିଲେ ଯେ ଦାଦନ ସମସ୍ୟା ରାଜ୍ୟର ଏକ ପ୍ରମୁଖ ସମସ୍ୟା। ଏହି ସମସ୍ୟାକୁ ନୂତନ ସରକାର ବହୁ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମର ସୁଫଳ ଦାଦନ ପ୍ରବଣ ଅଞ୍ଚଳ ଗୁଡ଼ିକରେ ନିଷ୍ଠାର ସହ ପହଞ୍ଚାଇବା ପାଇଁ ମନ୍ତ୍ରୀ ଶ୍ରୀ ନାୟକ ନିର୍ଦ୍ଦେଶ ଦେଇଛନ୍ତି । ନବନିଯୁକ୍ତ ମନ୍ତ୍ରୀ ଶ୍ରୀ ନାୟକ ଖଣ୍ଡପଡ଼ା ଗସ୍ତରେ ଯାଇଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ସେ ଅଞ୍ଚଳକୁ ଯାଇ ଲୋକମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ନାୟକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ରାଜ୍ୟର କିଛି ଅଞ୍ଚଳରେ ଲୋକମାନେ ପାନୀୟ ଜଳର ଅପବ୍ୟବହାର କରୁଛନ୍ତି । ତା'ଫଳରେ ଅନେକ ଲୋକ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ପାନୀୟ ଜଳ ଅପବ୍ୟବହାର ରୋକିବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି। ବୁଧବାର ପୂର୍ବାହ୍ନରେ ମନ୍ତ୍ରୀ



ଶ୍ରୀ ନାୟକ ବିଭାଗରେ ପହଞ୍ଚିବା ପରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ବିଭାଗ ପକ୍ଷରୁ ଦାରିଦ୍ର୍ୟ ଦୂରୀକରଣ, ନିଯୁକ୍ତି ସୃଷ୍ଟି, ମୌଳିକ ସେବା, ଭିତ୍ତିଭୂମି ବିକାଶ, ଦକ୍ଷତା ବିକାଶ ଓ ଅନ୍ୟାନ୍ୟ କାର୍ଯ୍ୟକଳାପ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ । ବିଭାଗୀୟ ନିର୍ଦ୍ଦେଶକମାନେ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଗ୍ରାମୀଣ ଗୃହ ନିର୍ମାଣ ଯୋଜନା, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ), କେନ୍ଦ୍ର ତଥା ରାଜ୍ୟର ଅନୁଦାନ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଆନୁକୂଲ୍ୟରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ, ଓରମାସ୍ ଆନୁକୂଲ୍ୟରେ ବିଭିନ୍ନ ବିପଣନ କାର୍ଯ୍ୟକ୍ରମ ଯଥା ଶକ୍ତି ଗାଁ ପ୍ରକଳ୍ପ, ପ୍ରଦର୍ଶନୀ ଆୟୋଜନ, ଗ୍ରାମୀଣ ଉତ୍ପାଦ ବିକ୍ରି, ଡିଡିୟୁ-ଜିକେୱାଇ ସମ୍ବନ୍ଧରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ସରକାରଙ୍କ ଶତାଧିକ ଯୋଜନା କାର୍ଯ୍ୟକାରୀ ହେଉଛି କିନ୍ତୁ କ୍ଷେତ୍ର ସ୍ତରରେ ଆଶା ଅନୁଯାୟୀ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ରହୁନଥିବାରୁ ଯୋଜନା ସଫଳ ହୋଇପାରୁନାହିଁ। ସେଥିପ୍ରତି ଯନିବାନ ହେବା ପାଇଁ ମନ୍ତ୍ରୀ କ୍ଷେତ୍ରସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତୀ ଗୁହା ପୁନମ, ତାପସ କୁମାର, ପାନୀୟ ଜଳ ଓ ପରିମଳ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ, ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ, ପଞ୍ଚାୟତିରାଜ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ, ଏସ୍‌ଆଇଆରଡି ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନା ଓ ଅନ୍ୟ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ସେବାକୁ ଲୋକାଭିମୁଖୀ କରିବା ପାଇଁ ଡାକ୍ତର ଖାନାରେ ଖୋଲିବ ଏକ୍ସ ଆକାଉଣ୍ଟ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସ୍ୱାସ୍ଥ୍ୟ ସେବାକୁ ନେଇ କିଛି ସମସ୍ୟା ଥିଲେ ଜନତା ସାମାଜିକ ଗଣମାଧ୍ୟମରେ ଅଭିଯୋଗ କରିବେ । ଏହି ଅଭିଯୋଗ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପାଖରେ ତୁରନ୍ତ ପହଞ୍ଚିବ ଆଉ ଯଥାଶୀଘ୍ର ତାହାର ସମସ୍ୟାର ସମାଧାନ କରାଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସ୍ୱାସ୍ଥ୍ୟ ସେବାର ସମୀକ୍ଷା କରିବା ଅବସରରେ ପ୍ରତ୍ୟେକ ଡାକ୍ତରଖାନାର ନିଜସ୍ୱ ସାମାଜିକ ଗଣମାଧ୍ୟମ 'ଏକ୍ସ' ଆକାଉଣ୍ଟ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ବିଭାଗୀୟ ଶାସନ ସଚିବ ଶାଲିନି ପଣ୍ଡିତ ସିଡିଏମ୍‌ଓ/ ପିଏଚ୍‌ଓ, କ୍ୟାପିଟାଲ୍ ହସ୍ପିଟାଲ୍ ଏବଂ ଆର୍‌ଜିଏଚ୍ ନିର୍ଦ୍ଦେଶକଙ୍କୁ ପତ୍ର ଲେଖି ତୁରନ୍ତ ଏକ୍ସ ଆକାଉଣ୍ଟ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବିଭାଗ ପକ୍ଷରୁ କୁହାଯାଇଛି ଯେ ସମସ୍ତ ଜିଲ୍ଲା ଡାକ୍ତରଖାନା ସମେତ ଉପଖଣ୍ଡ ଡାକ୍ତରଖାନା (ଏସ୍‌ଡିଏଚ୍), ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏସି), ଜନସ୍ୱାସ୍ଥ୍ୟକେନ୍ଦ୍ର (ପିଏସି)ର ମେଡିକାଲ ଅଫିସରଙ୍କ ତତ୍ତ୍ୱାବଧାନରେ ଏକ୍ସ ଆକାଉଣ୍ଟ ପରିଚାଳିତ ହେବ। ଏହି ସାମାଜିକ ଗଣମାଧ୍ୟମରେ ଯେଉଁ ଅଭିଯୋଗ ଆସିବ ତାହାର ସମାଧାନ କରିବା ପାଇଁ ସମ୍ପୃକ୍ତ ମେଡିକାଲ ଅଫିସର ପଦକ୍ଷେପ ନେବେ। ଆଗାମୀ ତିନି ଦିନ ମଧ୍ୟରେ ଏକ୍ସ ଆକାଉଣ୍ଟ ଖୋଲିବା ସହିତ ତାହାର ବିବରଣୀ ରାଜ୍ୟ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କୁ ପ୍ରଦାନ କରିବା ଲାଗି ଶ୍ରୀମତି ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏକ୍ସ ଆକାଉଣ୍ଟ ଏକ ପ୍ରମୁଖ ଯୋଗସୂତ୍ର ଭାବେ କାର୍ଯ୍ୟ କରୁଛି। ଏହା ମାଧ୍ୟମରେ ଜନତା ସରକାରଙ୍କ ପାଖରେ ନିଜର କିମ୍ବା ଜନସାଧାରଣଙ୍କ ସମସ୍ୟା ପହଞ୍ଚାଉଛନ୍ତି। ତେବେ ରାଜ୍ୟରେ ଏକ୍ସ ଆକାଉଣ୍ଟ ବ୍ୟବହାରକାରୀଙ୍କ ସଂଖ୍ୟା ବହୁତ କମ୍ ରହିଛି । ସାଧାରଣତଃ ନିର୍ଦ୍ଦିଷ୍ଟ ବ୍ୟକ୍ତି ଅନ୍ୟମାନଙ୍କ ସମସ୍ୟା ନିଜ ଏକ୍ସ ଆକାଉଣ୍ଟ ଜରିଆରେ ସରକାରଙ୍କ ନିକଟରେ ପହଞ୍ଚାଉଛନ୍ତି। ଏପରିସ୍ଥଳେ ଏକ୍ସ ଆକାଉଣ୍ଟ ସମସ୍ୟା ସମାଧାନ କରିବାରେ କେତେ ସଫଳ ହେଉଛି ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ଜୁନ୍ ୨୦୨୪ ଶୁକ୍ରବାର





# କାଞ୍ଚନଜଙ୍ଘା ରେଳ ଦୁର୍ଘଟଣା: ୪ ରାତି ହେଲା ଶୋଇନଥିଲେ ଲୋକୋ-ପାଇଲଟ୍

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

କାଞ୍ଚନଜଙ୍ଘା ଟ୍ରେନ୍ ଦୁର୍ଘଟଣାକୁ ନେଇ ରେଳବାଇ ବୋର୍ଡ ମାଲବାହୀ ଟ୍ରେନ୍‌ର ଲୋକୋ-ପାଇଲଟ୍‌ଙ୍କ ଉପରେ ଦୋଷ ଲଦୁଛି । ରଙ୍ଗପାନି ଷ୍ଟେସନରୁ ଟିଏ ୯୧୨ ନେବା ପରେ ଲୋକୋ-ପାଇଲଟ୍ ଖରାପ ସିଗ୍ନାଲ୍ ମଧ୍ୟରେ ଧାର୍ଯ୍ୟ ଠାରୁ ଅଧିକ ଗତିରେ ଯାଇଥିଲେ । ଏଥିପାଇଁ ଦୁର୍ଘଟଣା ଘଟିଥିଲା ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି । ତେବେ ଅଲ୍ ଇଣ୍ଡିଆ ରନିଂ ଲୋକୋ ଷ୍ଟାଫ୍ ଆସୋସିଏସନ୍‌ର ଉପାଧ୍ୟକ୍ଷ ଏସ୍ ଏସ୍ ଠାକୁର ଭିନ୍ନ ମତ ଦେଇଛନ୍ତି । ମାଲବାହୀ ଟ୍ରେନ୍‌ର ଲୋକୋ-ପାଇଲଟ୍ ୪ ରାତି ହେଲା ଶୋଇନଥିଲେ । କ୍ରମାଗତ ଭାବେ ୨ ରାତି ଡ୍ୟୁଟି ଦେବାକୁ ନିୟମ ଥିବାବେଳେ ଏହାକୁ ଉଲ୍ଲଂଘନ କରାଯାଇଥିବା ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ସିଗ୍ନାଲ୍ ବିଫଳ ହେବାରୁ ଫର୍ମଟିଏ ୯୧୨ ମାଧ୍ୟମରେ ଟ୍ରେନ୍ ଚାଲିଥାଏ । ଆଗରେ ଯାଉଥିବା ଟ୍ରେନ୍ ପରବର୍ତ୍ତୀ ଷ୍ଟେସନ୍ ପାର୍ ନକରିବା ପର୍ଯ୍ୟନ୍ତ ଅନ୍ୟ ଟ୍ରେନ୍ ପଛ ଷ୍ଟେସନ୍‌ରୁ ଆଗକୁ ନଯିବାର ନିୟମ ରହିଛି । ମାତ୍ର ରଙ୍ଗପାନି ଷ୍ଟେସନ୍‌ରେ ଏହି ଭୁଲ୍ ହୋଇଥିଲା । କାଞ୍ଚନଜଙ୍ଘା ଯିବାର ୧୫ ମିନିଟ ପରେ ଏଠାକାର ଷ୍ଟେସନ୍ ମାଷ୍ଟର ମାଲଗାଡ଼ିକୁ ଟିଏ ୯୧୨ ଦେଇଥିଲେ । ମାତ୍ର ଏହି ସମୟରେ କାଞ୍ଚନଜଙ୍ଘା ଏକ୍ସପ୍ରେସ୍ କିଛି କିମି ଆଗକୁ ଯାଇ ଅଟକି ରହିଥିଲା । ଷ୍ଟେସନ୍ ମାଷ୍ଟରଙ୍କ ଏହି ଭୁଲ୍‌ର ମଧ୍ୟ ଯାଞ୍ଚ ହେବା ଉଚିତ୍ ବୋଲି ଠାକୁର ଦାବି କରିଛନ୍ତି । ଯେଉଁ ଲୋକୋ-ପାଇଲଟ୍‌ଙ୍କ ଉପରେ ଦୋଷ ଲଦା ଯାଉଛି, ସେ କ୍ରମାଗତ ଭାବେ ୪ ରାତି ହେଲା ଶୋଇନଥିଲେ । ମାତ୍ର ୨ ରାତିରୁ ଅଧିକ କାହାକୁ ଡ୍ୟୁଟି ଦିଆଯିବନି ବୋଲି ନିୟମ ରହିଛି । ସିଗ୍ନାଲ୍ ଖରାପ ହେବା ସ୍ଥିତିରେ ଟ୍ରେନ୍ କେମିତି ଚଳାଯିବ ତାହାର ପର୍ଯ୍ୟାପ୍ତ ପ୍ରଶିକ୍ଷଣ ନର୍ଥ-ଇଷ୍ଟ ଜୋନ୍‌ର ଲୋକ-ପାଇଲଟ୍‌ଙ୍କୁ ଦିଆଯାଇନାହିଁ ବୋଲି କହିଛନ୍ତି ।

# ପାଣିରେ ନିଖୋଜଙ୍କ ସନ୍ଧାନ ପାଇଁ ଭିକ୍ଟିମ୍ ଲୋକେସନ୍ ସର୍ଚ୍ଚ କ୍ୟାମେରାର ସହାୟତାନେଲା ଅଗ୍ନିଶମ ବିଭାଗ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ନଦୀ, ପୋଖରୀ କିମ୍ବା ଜଳାଶୟରେ ବୁଡ଼ିଯାଇ ନିଖୋଜ ହୋଇଥିବା ବ୍ୟକ୍ତିଙ୍କ ସନ୍ଧାନ ପାଇଁ ରାଜ୍ୟ ଅଗ୍ନିଶମ ବିଭାଗ ପକ୍ଷରୁ ୨ଟି ଅତ୍ୟାଧୁନିକ 'ଭିକ୍ଟିମ୍ ଲୋକେସନ୍ ସର୍ଚ୍ଚ କ୍ୟାମେରା' ସଂଗ୍ରହ କରିଛି । ନଦୀ, ନାଳ ଓ ପୋଖରୀରେ ବୁଡ଼ି ଯାଇଥିବା ଲୋକଙ୍କୁ ମଣିଷ ବଦଳରେ ଏହି କ୍ୟାମେରା ଖୋଜି ବାହାର କରୁଛି । ଯାହା ଗଭୀର ପାଣି ଭିତରେ ୱାଟରପ୍ରୁଫ୍ କ୍ୟାମେରା ପଶି ନିଖୋଜ ଲୋକଙ୍କୁ ଠାବ କରିପାରୁଛି । ଅଗ୍ନିଶମ କର୍ମଚାରୀମାନେ ପାଣି କିମ୍ବା ବୋରୱେଲ୍‌ରେ ଫସିଥିବା ଲୋକଙ୍କୁ ଉଦ୍ଧାରରେ ଏହି ଉଚ୍ଚ ଶକ୍ତିସମ୍ପନ୍ନ ଭିକ୍ଟିମ୍ ଲୋକେସନ୍ ସର୍ଚ୍ଚ କ୍ୟାମେରା କାର୍ଯ୍ୟ କରୁଛି । ଓଡ଼ିଶା ଅଗ୍ନିଶମ ବିଭାଗକୁ ପ୍ରଥମ ଥର ପାଇଁ ଦୁଇଟି ୱାଟର୍‌ପ୍ରୁଫ୍ କ୍ୟାମେରା ପରୀକ୍ଷାମୂଳକ ଭାବେ ଆସିଛି । କ୍ୟାମେରା ୱାଟରପ୍ରୁଫ୍ ହୋଇଥିବା ବେଳେ ଏଥିରେ ୫୦ ମିଟର୍ କେବୁଲ୍ ରହିଛି । ଅର୍ଥାତ୍ ନଦୀର ୮୦ ଫୁଟ୍ ଗଭୀରକୁ ଏହି କ୍ୟାମେରା ଯାଇପାରିବ । ମଟର ଡଙ୍ଗାରେ ଯାଉଥିବା ଅଗ୍ନିଶମ କର୍ମଚାରୀମାନେ ଏକ କମ୍ପ୍ୟୁଟର୍ ଆକୃତିର ଡିସ୍‌ପ୍ଲେ ରଖିପାରିବେ । ଏଥିରେ କେବୁଲ୍ ସଂଯୋଗ ହୋଇ କ୍ୟାମେରା ସହିତ ଗଭୀର ପାଣି ଭିତରକୁ ଛଡାଯିବ । ଏଥିରେ ୪ଟି କ୍ୟାମେରା ସଂଯୋଗ ରହିଛି । ଭିକ୍ଟିମ୍ ଲୋକେସନ୍ କ୍ୟାମେରା ୪ ମେଗାପିକ୍ସଲ କ୍ୟାମେରା ସମ୍ପନ୍ନ । ଉକ୍ତ କ୍ୟାମେରା ୧୮୦ ଡିଗ୍ରୀ ବୁଲିପାରିବ । ଏହା ବ୍ୟାଟେରୀ ଚାଳିତ ହୋଇଥିବା ବେଳେ ୨ ଘଣ୍ଟା ପର୍ଯ୍ୟନ୍ତ ଚାର୍ଜ ରହିପାରିବ । ଏହାରି ମାଧ୍ୟମରେ ନଦୀରେ ନିଖୋଜ ହେଉଥିବା ଲୋକଙ୍କୁ ଠାବ କରାଯିବ । ରାତିର ଅନ୍ଧାରରେ ବି କ୍ୟାମେରାରେ ପାଣି ଭିତରର ସମସ୍ତ ଦୃଶ୍ୟ କଏଦ୍ କରିପାରିବ । କ୍ୟାମେରା ନାଇଟ୍ ଭିଜନ୍ ମୋଡ଼ ରହିଛି । ଅନ୍ଧାରରେ ଥିଲେ ବି ୧୨ଟି ଏଲଇଡ଼ି ବଲ୍‌ବ ଜଳିବ । ଫଳରେ ଅନ୍ଧାରେ ବି ଦୃଶ୍ୟମାନ ହୋଇପାରିବ । ସେଭଳି ସ୍ୱଚ୍ଛ ପାଣିରେ ବି ଏହି କ୍ୟାମେରା କାମ କରିବ । ପାଣିରେ ବୁଡ଼ିଯାଇଥିବା ବ୍ୟକ୍ତି ଓ ତାର ଆଖପାଖରେ କ'ଣ ସବୁ ରହିଛି କ୍ୟାମେରାରେ କଏଦ୍ ହୋଇପାରିବ । ଝାରସୁଗୁଡ଼ାର ମହାନଦୀ ଡଙ୍ଗା ବୁଡ଼ି ଯାଇଥିବା ବ୍ୟକ୍ତିଙ୍କ ତ୍ୱରିତ ମୃତଦେହ ଉଦ୍ଧାର ହେଉ କିମ୍ବା ସମ୍ବଲପୁର ଏକ ବୋରୱେଲ୍‌ରୁ ନବଜାତକ ଶିଶୁ ଭୂମିଜାକୁ ନୂଆ ଜୀବନ ଦେବାରେ ଏହି କ୍ୟାମେରାର ବଡ଼ ଭୂମିକା ରହିଥିଲା । ଏପରିକି ରାଜ୍ୟରେ ଅନେକ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହି କ୍ୟାମେରାର ବ୍ୟବହାର ହୋଇଛି । ବିଶେଷକରି ପାଣିରେ ବୁଡ଼ିଯାଇଥିବା ଲୋକଙ୍କୁ ରାତିରେ ଖୋଜିବା ସମ୍ଭବପର ହୋଇନଥାଏ । ତେଣୁ ଉଦ୍ଧାର କାର୍ଯ୍ୟକୁ ବନ୍ଦ କରିଦିଆଯାଇଥାଏ । ପୁଣି ପରଦିନ ଏହି ଅପରେସନ୍ ଆରମ୍ଭ ହୋଇଥାଏ । କିନ୍ତୁ ଏହି କ୍ୟାମେରା ମାଧ୍ୟମରେ ରାତିରେ ବି ଉଦ୍ଧାର କାର୍ଯ୍ୟ କରାଯାଇପାରିବ । ଅନ୍ୟପକ୍ଷରେ ମାଟି ତଳେ ଫସିଥିବା ଲୋକଙ୍କୁ ଏହି କ୍ୟାମେରା ବି ଖୋଜିଆଣୁଛି । ଭିକ୍ଟିମ୍ ଲୋକେସନ୍ କ୍ୟାମେରାର ଶେଷ ଭାଗରେ ଏକ ସ୍ପିକର୍ ଲାଗିଛି । ଫସିଥିବା ବ୍ୟକ୍ତି ସହ ବାର୍ତ୍ତାଳାପ କରିପାରିବେ । ସେହିପରି ଗର୍ତ୍ତ କିମ୍ବା ପାଣି ଭିତରେ ଫସିଥିବା ବ୍ୟକ୍ତିର ଗତିବିଧି ବିଷୟରେ ବରିଷ୍ଠ ଅଧିକାରୀ ଜାଣିବାକୁ ଇଚ୍ଛା ପ୍ରକାଶ କଲେ ସେଥିରେ ଏକ ତାର ଲଗାଇ ମନିଟରରେ ଦେଖିପାରିବେ । ଉକ୍ତ ମେସିନ୍‌କୁ ଅପରେଟ୍ କରୁଥିବା ବ୍ୟକ୍ତି ନିକଟରେ ୭ ଇଞ୍ଚର ଏକ ମନିଟର୍ ଲାଗିପାରିବ । ଭିତରେ କ'ଣ ସବୁ ଚାଲିଛି ମନିଟରିଂ କରୁଥିବା ବ୍ୟକ୍ତି ବି ଦେଖିପାରିବ । ଓଡ଼ିଶା ଅଗ୍ନିଶମ ନିକଟରେ ଏହି ଭିକ୍ଟିମ୍ ଲୋକେସନ୍ କ୍ୟାମେରା ଦୁଇଟି ରହିଛି । ଗୋଟିଏ କ୍ୟାମେରାକୁ ଉଦ୍ଧାର କାର୍ଯ୍ୟ ନିୟୋଜିତ କରାଯାଉଛି । ଅନ୍ୟଟିରେ ଅଗ୍ନିଶମ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି । ଆଗକୁ ୨୦ରୁ ଅଧିକ ଏହି ଭିକ୍ଟିମ୍ ଲୋକେସନ୍ କ୍ୟାମେରା କିଣାଯିବ । ସମସ୍ତ ରେଞ୍ଜ କାର୍ଯ୍ୟାଳୟରେ ଏହି କ୍ୟାମେରାକୁ ଗଚ୍ଛିତ ରଖାଯିବ । ପ୍ରାକୃତିକ ବିପର୍ଯ୍ୟୟ ଓ ଅଘଟଣ ଘଟିଲେ, ଏହି କ୍ୟାମେରାକୁ ବ୍ୟବହାର କରାଯିବ ବୋଲି





# ବାଘ ଛାଲ ଜବତ:୨ ବ୍ୟବସାୟୀ ଗିରଫ

**ଅନୁଗୋଳ, ନ୍ୟୁଜ୍ ବ୍ୟୁରୋ**

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନ ବିଭାଗକୁ ମିଳିଛି ବଡ଼ ସଫଳତା । ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ ବାଲିନାଳି ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରୁ ବାଘ ଛାଲ ବିକ୍ରି ସମୟରେ ମାଡ଼ିବସିଲା ବନ ବିଭାଗ । ବାଘ ଛାଲ ଜବତ କରାଯିବା ସହ ୨ ଜଣ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି । ଗିରଫ ୨ଜଣ ବ୍ୟବସାୟୀ ହେଲେ ଛେଣ୍ଡିପଦା ଥାନା ହାଣ୍ଡିଗୋଡ଼ା ଗାଁର ଟିକନ୍ ଗୋଛାୟତ ଓ ଧଉରାଖମଣ ଗାଁର ସମିତି ସଭ୍ୟ ଯୁଗଳ ନାଏକ ବୋଲି ଜଣାପଡିଛି । ଘଟଣାରୁ ପ୍ରକାଶ ଯେ, ଅନୁଗୋଳ ଡିଏଫଓ ନିତିଶ୍ କୁମାର ବାଘ ଛାଲ ବିକ୍ରି ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଛେଣ୍ଡିପଦା ବନାଞ୍ଚଳ ତତ୍ତ୍ୱାବଧାନରେ କଣିହାଁ ଓ ଜରପଡ଼ା ବନାଞ୍ଚଳ ଅଧିକାରୀଙ୍କ ସମେତ ୬ଟି ବନାଞ୍ଚଳ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରିବା ସହିତ ବାଘ ଛାଲ ବ୍ୟବସାୟୀଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲେ । ବାଘ ବ୍ୟବସାୟୀଙ୍କ ନିକଟରୁ ଏକ ବାଘ ଛାଲ ଜବତ କରିବା ସହିତ ଧଉରାଖମଣ ଗ୍ରାମର ଯୁଗଳ ନାଏକ ଓ ହାଣ୍ଡିଗୋଡ଼ା ଗ୍ରାମର ଟିକନ ଗୋଛାୟତଙ୍କୁ ବନ ବିଭାଗ ଗିରଫ କରି ଛେଣ୍ଡିପଦା ବନାଞ୍ଚଳ କାର୍ଯ୍ୟାଳୟକୁ ଆଣି ତଦନ୍ତ ଚଳାଇଛି । ତଦନ୍ତ ପରେ ବାଘ ଛାଲ କେଉଁଠାରୁ ଆସିଲା, ସେ ନେଇ ସବିଶେଷ ତଥ୍ୟ ଜଣାପଡ଼ିବ ବୋଲି ବନ ବିଭାଗ ପ୍ରକାଶ କରିଛି । ଏହି ଚଢ଼ଉରେ ଛେଣ୍ଡିପଦା ରେଞ୍ଜର ଶୁଭ୍ରା ସୁଚିସ୍ମିତା ମହାପାତ୍ର ଓ ଜରପଡ଼ା ବନାଞ୍ଚଳ ଅଧିକାରୀ ମାଧବାନନ୍ଦ ନାଏକଙ୍କ ସମେତ ବନ କର୍ମଚାରୀମାନେ ସାମିଲ ଥିଲେ ।

# ହତ୍ୟାକାରୀକୁ ଆଜୀବନ ଜେଲ୍‌ଦଣ୍ଡ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ବୁଧବାର ଭଦ୍ରକ ଅତିରିକ୍ତ ଜିଲ୍ଲା ଜଜ୍ ଏକ ହତ୍ୟାକାଣ୍ଡ ମାମଲାର ବିଚାର କରି ତାଙ୍କ ରାୟରେ ହତ୍ୟାକାରୀକୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି । ବିବରଣୀରୁ ପ୍ରକାଶ ଯେ ଗତ ୨୦୧୭ ମସିହା ମାର୍ଚ୍ଚ ମାସ ୧୯ ତାରିଖରେ ଭଦ୍ରକ ଜିଲ୍ଲା ନାୟକାଣୀଡ଼ିହି ଥାନା ତମ୍ଭାଖଣ୍ଡି ଗାଁର ସତ୍ୟସୁନ୍ଦର କୁଅଁର ଘରେ ଖାଉଥିବା ବେଳେ ତାଙ୍କ ପଡ଼ୋଶୀ ବନମାଳୀ କୁଅଁରଙ୍କ ପୁତ୍ର ମହେନ୍ଦ୍ର କୁଅଁର (୩୩) ସେଠାରେ ପହଞ୍ଚି ତାଙ୍କୁ ବାରମ୍ବାର ଛୁରୀରେ ଆଘାତ କରି ହତ୍ୟା କରିଥିଲେ ଓ ସତ୍ୟର ମାମୁଁ ହରେକୃଷ୍ଣ ଦତ୍ତ ସ୍ଥାନୀୟ ନୟାକାଣୀଡ଼ିହି ଥାନାରେ ଏତେଲା ଦେବା ପରେ ପୁଲିସ ଘଟଣାରେ ଏକ ମାମଲା ରଜୁ କରିଥିଲେ । ସେହିଦିନ ଅଭିଯୁକ୍ତ ହରେକୃଷ୍ଣ କୁଅଁରକୁ ପୁଲିସ ୩୦୨ ଦଫାରେ ଗିରଫ କରି କୋର୍ଟଚାଲାଣ କରିଥିଲା । ବିଚାରାଧୀନ ବନ୍ଦୀ ଭାବରେ ଅଭିଯୁକ୍ତ ଜେଲ୍‌ରେ ଅଟକ ଅଛି । ଏହି ମାମଲାରେ ୨୦ ଜଣ ସାକ୍ଷୀଙ୍କର ବୟାନ ରେକର୍ଡ କରିବା ପରେ ଭଦ୍ରକ ଅତିରିକ୍ତ ଜିଲ୍ଲା ଜଜ୍ ଆଶିଷ କୁମାର ତ୍ରିପାଠୀ ହତ୍ୟାକାରୀ ମହେନ୍ଦ୍ର କୁଅଁର (୩୩)କୁ ଆଜୀବନ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା, ଅନାଦେୟ ପୁଣି ୩ ମାସ ସଶ୍ରମ କାରଦଣ୍ଡ ଭୋଗିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଅଭିଯୋଗକାରୀଙ୍କ ପାଇଁ ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ସାମଲ, ଅରୁଣ କୁମାର ମିଶ୍ର ଓ ସୂର୍ଯ୍ୟକାନ୍ତ କୁଅଁର ମାମଲା ପରିଚାଳନା କରୁଥିଲେ ।

# ସମ୍ବଲପୁରରେ ପରିବା ଦର ଖାଉଟିଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଛି



**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର, ବୁର୍ଲା, ହୀରାକୁଦ, କୁଚିଣ୍ଡା, ରେଢାଖୋଲ ସହର ସହିତ ପଡିଆବାହାଲ, ରେଙ୍ଗାଲି, ମାନେଶ୍ୱର, ଯୁଯୋମୁରା, ନାକଟିଦେଉଳ, ଜମନକିରା, ଧମା, ଉରମାଲ, ବାମରା ଭଳି ମୁଖ୍ୟ ସ୍ଥାନ ଏପରିକି ଗାଁ ଗଣ୍ଡାରେ କିଛି ଦିନ ହେଲା ପନିପରିବା ଦର ସୀମା ଟପିଲାଣି । ବଜାରରେ ଆଳୁ ପିଆଜ, ଡାଲି, ତେଲ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦର ବଢୁଥିବା ବେଳେ ବର୍ତ୍ତମାନ ପରିବା ଦର ଖାଉଟୀଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହେଲାଣି । ବଜାରରେ ବିଭିନ୍ନ ପରିବା ଦର ଏବେ ଆକାଶଛୁଆଁ ହୋଇଛି । କି.ଗ୍ରା ପ୍ରତି ଦର କ୍ରମରେ ଟମାଟ ଓ କାଙ୍କଡ଼ ୮୦ ଟଙ୍କା, ଫୁଲକୋବି ୭୦ ଟଙ୍କା, ପୋଟଳ, ସଜନା ଛୁଇଁ ଓ ଫୁଲକୋବି ୬୦ ଟଙ୍କା, ଝୁଡୁଙ୍ଗ ୫୦ ଟଙ୍କା, ଦେଶୀଆଳୁ, ସାରୁ, ବନ୍ଧାକୋବି, କଦଳୀ, ପିଆଜ, ଜହ୍ନି, କୁନ୍ଦୁରି ଓ ଭେଣ୍ଡି ୫୦ ଉପରକୁ ଟପିଥିବା ବେଳେ କଖାରୁ, ବିଟ୍, ଗାଜର, ବାଇଗଣ ଓ ଅମୃତଭଣ୍ଡା ଭଳି ପରିବାର କୌଣସି ତାରତମ୍ୟ ରହୁନି । ସେପଟେ ଅଦା ୨୦୦ ଟଙ୍କା, ରସୁଣ ୧୪୦ ଟଙ୍କା, ସିମିଳା ମରାଚ ୧୨୦ ଟଙ୍କା ଓ ବିନ୍ସ ୧୦୦ ଟଙ୍କାରେ ବିକ୍ରି ହେଉଛି । କଞ୍ଚା ଲଙ୍କା ମଧ୍ୟ ୧୦୦ ଉପରକୁ ଟପିଲାଣି । କଲରା, କାକୁଡ଼ି, ଲାଉ, ତେଣ୍ଡା କଥା ବି କହିଲେ ନସରେ । ଶାଗ, ଧନିଆଁ ପତ୍ର ଭଳି ଶାଗ ଜାତୀୟ ଖାଦ୍ୟ ଆଉ ବିଡାରେ ନମିଳି କେଜିରେ ବିକ୍ରୟ ହୋଇ ଯେଉଁଭଳି ଦର ହୋଇଛି ତାହା ସାଧାରଣ ଜନତାଙ୍କ ପାଇଁ କାଳ ସାଜିଲାଣି । ଫଳରେ ଗରିବ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ପନିପରିବା କିଣିବା ବେଳକୁ ଖୁବ୍ ବାଧୁଛି । ପନିପରିବା ଦର ନିୟନ୍ତ୍ରଣ ପାଇଁ ସ୍ଥାନୀୟ ପ୍ରଶାସନିକ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଉନଥିବା ଦେଖାଯାଇଛି । ଏକ ପକ୍ଷରେ ସ୍ଥାନୀୟ ପରିବା ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ଯୋଗୁଁ ବାହାରୁ ଆସୁଥିବା ପରିବା ଉପରେ ବ୍ୟବସାୟୀମାନେ ନିର୍ଭର କରିବାକୁ ପଡୁଛି । ଅନ୍ୟପକ୍ଷରେ ହାତ ଗଣତି କେତୋଟି ମୁନାଫାଖୋର ବ୍ୟବସାୟୀ ପରିବା ବଜାରକୁ ନିଜ କବ୍‌ଜାରେ ରଖିଛନ୍ତି । ପରିବା ଦର ନିୟନ୍ତ୍ରଣ ପାଇଁ ପଞ୍ଚାୟତ ସ୍ତରରୁ ମହାନଗର ନିଗମ ଯାଏ ସଭିଙ୍କ ଭୂମିକା ରହିଥାଏ । ସ୍ଥାନୀୟ ଚାହିଦାକୁ ଦୃଷ୍ଟିରେ ରଖି ସମସ୍ତେ ବଜାର ଗୁଡିକରେ ଦର ତାଲିକା ମାରି ନିଜ ନିଜ ଅଞ୍ଚଳରେ ପରିବା ଦରକୁ ନିଜ ନିଜ ନିୟନ୍ତ୍ରଣରେ ରଖିବା ଭୂମିକା ଥିବାବେଳେ ଏ ଦିଗରେ କେହି ମୁଣ୍ଡ ନପୁରାଇବା ଓ ଏସବୁର କାରଣକୁ ନେଇ ସରକାର ଉପରେ କେବଳ ଦୋଷ ଲଦା ଚାଲିଛି । ତେବେ ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସମଗ୍ର ଜିଲ୍ଲାରେ ଲଗାମ ଛଡା ପରିବା ଦରକୁ ନିୟନ୍ତ୍ରଣ କରିବାରେ ବଡ ଭୂମିକା ନିର୍ବାହ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ।



# ବ୍ଲକରେ ଅଚଳ ହୋଇପଡିଛି ପାନୀୟ ଜଳ ପ୍ରକଳ୍ପ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ପରିସରରେ ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ପାନୀୟ ଜଳପ୍ରକଳ୍ପ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି । ପ୍ରବଳ ଗ୍ରୀଷ୍ମ ତାପରେ ବିଭିନ୍ନ ଅଞ୍ଚଳରୁ ମହିଳା, ବୃଦ୍ଧ, ବୃଦ୍ଧା, ଛାତ୍ରଛାତ୍ରୀ ବିଭିନ୍ନ କାମ ନେଇ ବ୍ଲକକୁ ଆସୁଥିବା ବେଳେ ପିଇବାକୁ ପାଣି ନପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୂର୍ବତନ ବିଧାୟକ ଶଶି ଭୂଷଣ ବେହେରା ଅନୁଦାନ ପାଣ୍ଠିରୁ ଲୋକଙ୍କ ସୁବିଧା ପାଇଁ ଏହି ପାନୀୟ ଜଳ ପ୍ରକଳ୍ପର ବ୍ୟବସ୍ଥା କରାଯାଇଥିଲା । ବ୍ଲକ ପ୍ରଶସନର ଖାମଖିଆଲି ନୀତି ଯୋଗୁଁ ଏହା ଅଚଳ ହୋଇରହିଛି । ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ପୁରୀ ରଥଯାତ୍ରା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରସ୍ତୁତି ବୈଠକ

# ସହରର ପ୍ରମୁଖ ସ୍ଥାନରେ ସ୍ଥାପନ ହେବ ଅସ୍ଥାୟୀ ସୂଚନା କେନ୍ଦ୍ର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାର ସୁପରିଚାଳନା ନେଇ ବୁଧବାର ଅପରାହ୍ଣରେ ଲୋକସମ୍ପର୍କ ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଗତ ବର୍ଷ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଚଳିତ ବର୍ଷର ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପୂର୍ବ ବର୍ଷମାନଙ୍କ ଭଳି ଚଳିତ ବର୍ଷ ପୁରୀର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ କରାଯିବାକୁ ଥିବାବେଳେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ସଂଖ୍ୟା ବଢାଇବାକୁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଛନ୍ତି । ସହରର ପ୍ରମୁଖ ସ୍ଥାନ ଯଥା- ସିଂହଦ୍ୱାର, ବଳଗଣ୍ଡି, ବଡ଼ଶଙ୍ଖ, ଜଗନ୍ନାଥ ବଲ୍ଲଭ ମଠ, ଦିଗବାରେଣୀ, ଗୁଣ୍ଡିଚାବାଡ଼ି, ମାଳତିପାଟପୁର, ସୁଭାଷ ବୋଷ ଛକ, ପାନ୍ଥଭବନ, ତାଳବଣିଆ, ସଙ୍ଗମ ପାର୍କିଂ ସ୍ଥଳ, ଶ୍ରୀଦାଣ୍ଡ ଏବଂ ରେଳଷ୍ଟେସନ୍ ଠାରେ ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ ପାଇଁ ବୈଠକରେ ନିଷ୍ପତି ନିଆଯାଇଛି । ରଥଯାତ୍ରାର ସିଧା ପ୍ରସାରଣ, ଲାଇଭ୍ କମନ୍ ଫିଡ୍, ରଥଯାତ୍ରା ଦିନ ସିଂହଦ୍ୱାର ଠାରେ ବିଶିଷ୍ଟ ଅତିଥିମାନଙ୍କ ସତ୍କାର ପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ପୁରୀର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସହଯୋଗରେ ଅସ୍ଥାୟୀ ସୂଚନା କେନ୍ଦ୍ରଗୁଡ଼ିକରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ପ୍ରତ୍ୟହ ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିର ମୁକ୍ତାକାଶ ରଙ୍ଗମଞ୍ଚରେ ଭଜନ ପରିବେଷଣ କରାଯିବ । ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ରଥଯାତ୍ରା ବିଶେଷାଙ୍କ ତଥା ଜଗନ୍ନାଥ ଜଣାଣ ପ୍ରକାଶନ କରାଯାଇ ବିକ୍ରୟ କରାଯିବ । ଟେଲିଭିଜନ ଓ ଫଟୋ କଭରେଜ, ରେଡ଼ିଓ ଜିଙ୍ଗଲ ଏବଂ ବିଜ୍ଞାପନ ପ୍ରସାରଣ ବ୍ୟବସ୍ଥା ସହ କଟକରୁ ପୁରୀ ଜାତୀୟ ରାଜପଥରେ ନିର୍ଦ୍ଧାରିତ ସ୍ଥାନ ମାନଙ୍କରେ ହୋର୍ଡିଂ ମାଧ୍ୟମରେ ବ୍ୟାପକ ପ୍ରଚାର ପ୍ରସାର ପାଇଁ ବ୍ୟବସ୍ଥା କରାଯିବ । ଖବରକାଗଜରେ ବିଜ୍ଞାପନ ଏବଂ ସାମାଜିକ ଗଣମାଧ୍ୟମରେ ବ୍ୟାପକ ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନେବାକୁ ପ୍ରମୁଖ ଶାସନ ସଚିବ ବୈଠକରେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରଥଯାତ୍ରା ଅବସରରେ ପୁରୀ ପଲ୍ଲିଶ୍ରୀ ମେଳାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜଗନ୍ନାଥ ସଂସ୍କୃତି ଏବଂ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଧାରିତ ଯେଉଁ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥାଏ ତାହାକୁ ଆହୁରି ଆକର୍ଷଣୀୟ କରିବାକୁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ପରାମର୍ଶ ଦେଇଥିଲେ । ଓଡ଼ିଶାର ୩୦ଟି ଜିଲ୍ଲାରେ ରଥଯାତ୍ରା ଅନୁଷ୍ଠିତ ହେଉଥିବା ସ୍ଥାନଗୁଡ଼ିକରେ ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ବିକ୍ରୟ ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ । ଶୃଙ୍ଖଳିତ ଢଙ୍ଗରେ କାର୍ଯ୍ୟ ସମ୍ପାଦନ ସହ ଏହାକୁ ସଫଳ କରିବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବୈଠକରେ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟରଞ୍ଜନ ମହାନ୍ତି, ଗୁରବୀର ସିଂହ, ବିଶ୍ୱଜିତ ଦାଶ, କ୍ଷେତ୍ର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ପୁରୀ ସନ୍ତୋଷ କୁମାର ସେଠୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଆଠଗଡ଼ ବିଜେପିର ସମ୍ବର୍ଦ୍ଧନା ସଭା

# ୨୦୩୬ ବେଳକୁ ଓଡ଼ିଶା ବିକଶିତ ରାଜ୍ୟରେ ପରିଣତ ହେବ:ଆଇନ୍‌ମନ୍ତ୍ରୀ

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**



ଆଠଗଡ଼ ଭାରତୀୟ ଜନତା ପାର୍ଟି ପକ୍ଷରୁ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ମହୋତ୍ସବ ପଡ଼ିଆରେ ଏକ ସମ୍ବର୍ଦ୍ଧନା ସମାବେଶ ଅନୁଷ୍ଠିତ ହୋଇଯାଇଛି । ବିଜେପି ନେତା ଅଭୟ କୁମାର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁଙ୍କୁ ଆଠଗଡ଼ ବିଜେପି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ବଡ଼ମ୍ବା ବିଧାୟକ ବିଜୟ କୁମାର ବେହେରା ଆସିଥିଲେ ମଧ୍ୟ ଜରୁରୀ କାମ ଥିବାରୁ ସେ ଫେରିଯାଇଥିଲେ । ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ, ନିର୍ବାଚନ ବେଳେ ବିଜେପି ଓଡ଼ିଶାବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାକୁ ଗୋଟି ଗୋଟି କରି ପୂରଣ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ୨୦୩୬ ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ବେଳକୁ ଓଡ଼ିଶା ଏକ ବିକଶିତ ରାଜ୍ୟରେ ପରିଣତ ହେବ ବୋଲି ପ୍ରକାଶ କରିଥିଲେ । ସାଂସଦ ଶ୍ରୀ ମହତାବ ତାଙ୍କ ବକ୍ତବ୍ୟରେ ସାଧାରଣ ଆଦିବାସୀ ପରିବାରରୁ ଆସି ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଥିବା ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ରାଜ୍ୟର ପ୍ରଥମ ବିଜେପି ସରକାର ବିକାଶକୁ ପ୍ରାଥମିକତା ଦେବା ସହ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବ ବୋଲି କହିଥିଲେ । ମାହାଙ୍ଗା ବିଧାୟକ ଶ୍ରୀ ପ୍ରଧାନ, ଖଣ୍ଡପଡ଼ା ବିଧାୟକ ଶ୍ରୀ ସ୍ୱାଇଁ, କଟକ ସଦର ବିଧାୟକ ଇଂ ସେଠୀ, ବିଜେପି ଜିଲ୍ଲା ସଭାପତି ରାମନାରାୟଣ ମହାନ୍ତି ଉଦ୍‌ବୋଧନ ଦେଇଥିଲେ । ଟିଗିରିଆର ବରିଷ୍ଠ ନେତା ହରେକୃଷ୍ଣ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଙ୍କୀ ବିଜେପି ନେତା ତୁଷାର ଚକ୍ରବର୍ତ୍ତୀ, ବରିଷ୍ଠ ନେତା ବ୍ରଜେନ୍ଦ୍ର କୁମାର ରାୟ, ବିକ୍ରମ କେଶରୀ ଦାଶ, ଆଠଗଡ଼ର ପୂର୍ବତନ ବିଧାୟକ ରମେଶ ରାଉତ, ଦଳୀୟ ନେତା ନୂତନ କୁମାର ରାଉତ, ଜଗଦାନନ୍ଦ ତ୍ରିପାଠୀ, ରବିନ ମିଶ୍ର, ଆଇନଜୀବୀ ପ୍ରମୋଦ କୁମାର ଜେନା, ଜ୍ଞାନ ରଞ୍ଜନ ମହାପାତ୍ରଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି ଓ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୧।୬।୨୦୨୪, ଆଷାଢ ଦି୭ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୦୫।୦୮।୫୬ ଚନ୍ଦ୍ରୋଦୟ- ସଂଘ ୦୬।୦୩।୧୧**

**ଚତୁର୍ଦ୍ଦଶୀ-** ପ୍ରାଘ ୭।୩୨ ପର୍ଯ୍ୟନ୍ତ । **ଜ୍ୟେଷ୍ଠା ନକ୍ଷତ୍ର ଓ ବିଛା ଚନ୍ଦ୍ର-** ସଂଘ ୬।୨୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ସଂଘ ୬।୨୮ ଗତେ ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । **ଘାତଚନ୍ଦ୍ର-** ସଂଘ ୬।୨୮ ଗତେ ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ପ୍ରାଘ ୭।୩୨ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୬ ଗତେ ଘ ୬।୫୮ ମଧ୍ୟେ । ଦିଘ ୧୨।୧୫ ଗତେ ଘ ୨।୫୩ ମଧ୍ୟେ । **ପର୍ବୋତ୍ସବ-** ପୂର୍ଣ୍ଣିମାର ଚନ୍ଦ୍ରପୂଜା, ବିଶ୍ୱ ପିତୃ ଦିବସ ।



**ମେଷ:** ବ୍ୟବସାୟ ମଧ୍ୟମ ଧରଣର ହେବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଶାରୀରିକ କଷ୍ଟ ଦେଖାଦେଇପାରେ । ପାରିବାରିକ ଅସହଯୋଗ ଦେଖାଦେବ । ସାଧନାରେ ସିଦ୍ଧି ଲାଭ କରିବେ ।



**ବୃଷ:** ଆଜି ଆପଣଙ୍କର ଭ୍ରମଣ ଯୋଗ ରହିଛି । ବ୍ୟବସାୟ ଲାଭବାନ୍ ହେବେ । ଶୁଭ ଖବର ପାଇପାରନ୍ତି । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।



**ମିଥୁନ:** ସାଧନାରେ ସିଦ୍ଧି ଲାଭ କରିବେ । ପାରିବାରିକ ଜୀବନ ସୁଖମୟ ହେବ । ଆଜି ଆପଣଙ୍କର ଧୈର୍ଯ୍ୟ ହାନୀ ମଧ୍ୟ ଘଟିପାରେ । ବହୁ ସମୟ ଅନ୍ୟମନସ୍କ ରହିବେ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବାର ସୂଚନା ।



**କର୍କଟ:** ଆଲୋଚନା ମାଧ୍ୟମରେ ସବୁ ପ୍ରକାର ସମସ୍ୟାର ସମାଧାନ ଘଟିବ । ଆର୍ଥିକ ସ୍ଥିତି ମାନ୍ଦା ହେବ । ଅଧିକ ପରିଶ୍ରମ କରିବେ । ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ଜାତ ହେବାର ସୂଚନା ।



**ସିଂହ:** ଆଜି ଆପଣଙ୍କର ଦ୍ରବ୍ୟ ନଷ୍ଟ ହୋଇପାରେ । ଶତ୍ରୁଙ୍କ ଠାରୁ ଦୂରେଇ ରୁହନ୍ତୁ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବ୍ୟବସାୟରେ କ୍ଷତି ଘଟିପାରେ । ଖର୍ଚ୍ଚର ପରିମାଣ ବଢ଼ିବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।



**କନ୍ୟା:** କର୍ମକ୍ଷେତ୍ରରେ ସମସ୍ତ କାର୍ଯ୍ୟ ସଫଳ ହେବ । ନୂତନ କର୍ମାରମ୍ଭ କରିବେ । ମନ ପ୍ରସନ୍ନ ରହିବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖ ଓ ସନ୍ତୋଷଜନକ ହେବାର ସୂଚନା ।



**ତୁଳା:** ଚାକିରୀ କ୍ଷେତ୍ରରେ ଉତ୍ସାହ ସହକାରେ ସମସ୍ତ କାର୍ଯ୍ୟ କରିଚାଲିବେ । ବିଭିନ୍ନ କ୍ଷେତ୍ରରେ ବିଜୟୀ ହେବେ । ମହିଳାମାନେ କର୍ତ୍ତବ୍ୟନିଷ୍ଠ ହେବେ । ରୋଜଗାରର ପରିମାଣ ଭଲ ହେବ । ଦେହ ଭଲ ରହିବ ।



**ବିଛା:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟରେ ବାଧା ଦେଖାଦେବ । ବନ୍ଧୁଙ୍କ ଆଚରଣରେ ମନରେ ସନ୍ଦେହ ଜାତ କରିବେ । ଶତ୍ରୁ ଅଧିକ ହେବ । ଧନବାନ ହୋଇପାରନ୍ତି । ଦେହ ଓ ମନ ଭଲ ରହିବ ।



**ଧନୁ:** ଆଜି ଅପାଣଙ୍କର ସମସ୍ତ କାର୍ଯ୍ୟରେ ବାଧା ଦେଖାଦେବ । ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ଜାତ କରିବ । ଶତ୍ରୁ ଅଧିକ ହେବ । ଧନବାନ ହୋଇପାରନ୍ତି । ଉନ୍ନତି ଦେଖାଦେବାର ସୂଚନା ମଧ୍ୟ ।



**ମକର:** ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ପରିବାରରେ ସମସ୍ୟା ଅକ୍ଳେଶରେ ସମାଧାନ ହୋଇଯିବ । ନୂତନ କର୍ମାରମ୍ଭ ହୋଇପାରେ । ଆୟରେ ଉନ୍ନତି ଦେଖାଦେବାର ସୂଚନା । ଦେହ ଭଲ ରହିବ ।



**କୁମ୍ଭ:** ଐଶ୍ୱର୍ଯ୍ୟ ପ୍ରାପ୍ତି ହେବ । ଯଶ ସମ୍ମାନ ବଢ଼ିବ । କର୍ମକ୍ଷେତ୍ରରେ ବିଜୟ ଲାଭ କରିବେ । ଧନ ଲାଭ କରିବେ । ମୂଲ୍ୟବାନ ଦ୍ରବ୍ୟ ଲାଭ ଯୋଗ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବାର ସୂଚନା ।



**ମୀନ:** ଦାନ ଧର୍ମ କରି ପୂଣ୍ୟ ଅର୍ଜନ କରିବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ପାରିବାରିକ ଜୀବନ ସୁଖମୟ ହେବ । ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଆୟ ଓ ବ୍ୟୟ ସମାନ ରହିବ ।

# ହାତୀର ସନ୍ଦେହଜନକ ମୃତ୍ୟୁ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ସଙ୍କଟରେ ଗଜରାଜ । ପ୍ରତିଦିନ ରାଜ୍ୟରେ ହାତୀ ମୃତ୍ୟୁ ଘଟଣା ସାମ୍ନାକୁ ଆସୁଛି । ସୋସୋ ଅଞ୍ଚଳରେ ବୁଲୁଥିବା ଏକ ହାତୀର ସନ୍ଦେହଜନକ ମୃତ୍ୟୁ ହୋଇଛି । ରାତିରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ହାତୀର ବୟସ ୨୫ ବର୍ଷ ହୋଇଥିବା ଅନୁମାନ କରାଯାଇଛି । ହାତୀ ମୃତ୍ୟୁର ତଦନ୍ତ ପାଇଁ ବିଶେଷଜ୍ଞ ଆସୁଥିବା ସୂଚନା ମିଳିଛି । ଅନ୍ୟପଟେ ଘଟଣାସ୍ଥଳରେ ବନ ବିଭାଗ ପହଞ୍ଚିଛି ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୨।୬।୨୦୨୪, ଆଷାଢ ଦି୮ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୦୫।୦୯।୦୯ ଚନ୍ଦ୍ରୋଦୟ- ସଂଘ ୦୭।୦୪।୦୯**

**ପୂର୍ଣ୍ଣିମା-** ପ୍ରାଘ ୬।୩୮ ପର୍ଯ୍ୟନ୍ତ । **ମୂଳା ନକ୍ଷତ୍ର-** ସଂଘ ୫।୫୪ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ପ୍ରାଘ ୬।୩୮ ପରେ ପାଣି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୦ ଗତେ ଘ ୧୨।୧୫ ମଧ୍ୟେ । ଦିଘ ୩।୦୭ ଗତେ ଘ ୩।୪୬ ମଧ୍ୟେ । **ପର୍ବୋତ୍ସବ-** ସ୍ନାନ ପୂର୍ଣ୍ଣିମା, ମହାପ୍ରଭୁଙ୍କ ଗଜାନନ ବେଶ, ସନ୍ଥ କବିର ଜୟନ୍ତୀ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ୫୦% ପର୍ଯ୍ୟନ୍ତ ବୃଦ୍ଧି ଘଟିଛି ପିଆଜ

ଗତ କିଛି ଦିନ ଭିତରେ ସାରା ଦେଶରେ ପିଆଜ ମହଙ୍ଗା ହେବାରେ ଲାଗିଛି। ପିଆଜ ଉପରେ କେନ୍ଦ୍ର ସରକାର ଜାରି କରିଥିବା କଟକଣା କୋହଳ ହେବା ଆଶାରେ କିଛି ବ୍ୟବସାୟୀ ପିଆଜକୁ ମହଦୁଜ ରଖି କୃତ୍ରିମ ଅଭାବ ସୃଷ୍ଟି କରିବାକୁ ପ୍ରୟାସ କରୁଥିବା ମଧ୍ୟ ଅଭିଯୋଗ ରହିଛି। ଭାରତର ସବୁଠୁ ବଡ଼ ପିଆଜ ପାଇକାରୀ ବଜାର ମହାରାଷ୍ଟ୍ରର ଲାସାଲଗାଓଁ ମଣ୍ଡିରେ ପିଆଜର ପାଇକାରୀ ଦାମ୍ କେଜି ପିଛା ୨୬ ଟଙ୍କାକୁ ବୃଦ୍ଧି ପାଇଛି। ମେ' ୨୫ରେ ଏହି ଦାମ୍ ୧୭ ଟଙ୍କା ଥିଲା। ଗତ ୧୪ ଦିନ ଭିତରେ ପିଆଜ ଦାମରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ଘଟିଛି। ଉନ୍ନତ ମାନର ପିଆଜ କେଜି ଦାମ୍ କେଜି ପିଛା ୩୦ ଟଙ୍କା ରହିଛି।

ଚାହିଦା ପୂରଣ କରିବା ଲାଗି ପିଆଜ ଯୋଗାଇ ହେଉନଥିବାରୁ ତାହାର ଦାମ୍ ବଢୁଛି। ଜୁନ୍ ମାସ ପରଠାରୁ ଚାଷୀ ଓ ବ୍ୟବସାୟୀମାନଙ୍କ ପାଖରେ ଥିବା ପିଆଜ ବଜାରକୁ ଆସିଯିବା କଥା। ରବି ଋତୁରେ ଉତ୍ପାଦନ କମ୍ ହୋଇଥିବାରୁ ପିଆଜ ଦାମ୍ ବଢ଼ିବ ବୋଲି ଭାବି ଚାଷୀମାନେ ତାହା ବଜାରକୁ ଛାଡୁନାହାନ୍ତି। ଅଳ୍ପ ଦାମରେ ପିଆଜ ବିକିବାକୁ ସେମାନେ କୁଣ୍ଠା ପ୍ରକାଶ କରୁଛନ୍ତି। ନିଜ ଉତ୍ପାଦିତ ସାମଗ୍ରୀ ଲାଗି ସେମାନେ ଅଧିକ ଦାମ୍ ଆଶା କରୁଛନ୍ତି। ଅନ୍ୟପକ୍ଷରେ ପିଆଜ ରପ୍ତାନି ଉପରେ ଲଗାଯାଇଥିବା କଟକଣା କୋହଳ କରାଯିବା ପରେ ଶ୍ରୀଲଙ୍କା, ବାଂଲାଦେଶ, ମାଲେସିଆ ଓ ଅନ୍ୟାନ୍ୟ ଦେଶକୁ ପିଆଜ ରପ୍ତାନି ବୃଦ୍ଧି ପାଇଛି। ଏହାର ପ୍ରଭାବରେ ଦେଶ ଭିତରେ ପିଆଜ ଅଭାବ ଦେଖାଦେଇଛି। ଜଣେ ବ୍ୟବସାୟୀଙ୍କ ସୂଚନା ଅନୁସାରେ ମହାରାଷ୍ଟ୍ରର ନାସିକରୁ ପ୍ରତିଦିନ ୩୦ ଟନ୍ ଲେଖାଏଁ ପିଆଜ ଭର୍ତ୍ତି ହୋଇଥିବା ୧୦୦ କଣ୍ଟେନର ରପ୍ତାନି ହେଉଛି। ଗତମାସରୁ କଟକଣା କୋହଳ ହେବା ପରେ ଅଧିକ ପରିମାଣର ପିଆଜ ଦେଶ ବାହାରକୁ ଯାଉଛି।

ଦେଶ ଭିତରେ ପିଆଜ ଅଭାବ ଦେଖାଦେବା ପରେ କେନ୍ଦ୍ର ସରକାର ତାହାର ରପ୍ତାନି ଉପରେ ୪୦ ପ୍ରତିଶତ ଟିକସ ଲଗାଇଥିଲେ। ସେଥିପାଇଁ ପିଆଜ ରପ୍ତାନି କମ୍ ରହିଛି। ଅନ୍ୟପକ୍ଷରେ ନିକଟରେ ସାରା ଦେଶରେ ପିଆଜର ଚାହିଦା ବଢ଼ିଛି। ବିଶେଷ କରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ମହାରାଷ୍ଟ୍ର ପିଆଜକୁ ନେଇ ଚାହିଦା ବୃଦ୍ଧି ପାଇଛି। ଉଦ୍ୟାନ କୃଷି ଉତ୍ପାଦ ରପ୍ତାନି ସଂଘର ସଭାପତି ଅଜିତ ଶାହ କହିଛନ୍ତି ଯେ ପିଆଜ ଦର ବଢ଼ିବାର ଏକ ପ୍ରମୁଖ କାରଣ ହେଉଛି ଚାଷୀ ଓ ବ୍ୟବସାୟୀମାନେ ଷ୍ଟକ୍ ମହଜୁଦ ରଖିଛନ୍ତି। କେନ୍ଦ୍ର ସରକାର ରପ୍ତାନି କଟକଣା କୋହଳ କରିବେ ବୋଲି ସେମାନେ ଆଶା କରୁଛନ୍ତି। ପ୍ରବଳ ଗରମ, ଅଦିନିଆ ବର୍ଷା ଯୋଗୁ ଯୋଗାଣ ପ୍ରଭାବିତ ହୋଇଥିବାରୁ ଗତ ସପ୍ତାହରେ ଟମାଟୋ, ପିଆଜ ଓ ଆଳୁ ଦାମରେ ବୃଦ୍ଧି ଘଟିଥିବା ଜଣାପଡ଼ିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗସ୍ୱା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମୁତେ ।'**

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ ବ୍ୟ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗସ୍ୱା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ଭବିତବ୍ୟ ଯାହା ଅବଶ୍ୟ ଘଟିବ-୪୦



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୭୮୨୯୮୪୯୪

ଆଉ ଗୋଟିଏ ବଡ କଥା ହେଉଛି ଯେ ଆମ ରଘୁବଂଶର ଗୋଟିଏ ନିୟମ ରହିଛି ଗୋ, ବ୍ରାହ୍ମଣ, ନାରୀ ଓ ତପସ୍ୱୀଙ୍କ ସହିତ କେବେ ଯୁଦ୍ଧ କରିବୁ ନାହିଁ। ତେଣୁ ପ୍ରଥମେ ତୁମେ ହେଉଛ ଜଣେ ବ୍ରାହ୍ମଣ, ତୁମ ସହିତ ଯୁଦ୍ଧ କଲେ ତାହା ମୋ ବଂଶ ପାଇଁ ଘୋର ଅମର୍ଯ୍ୟାଦା ହେବ। ଏହା ପରେ ତୁମେ ହେଉଛ ଜଣେ ତପସ୍ୱୀ। ତପସ୍ୱୀଙ୍କ ସହିତ ଯୁଦ୍ଧ କଲେ ଆମ ବଂଶର ଅକ୍ଷୟ କିର୍ତ୍ତୀ କଳଙ୍କରେ ବୁଡିଯିବ। ସେହି ଦୃଷ୍ଟିରୁ ତୁମ ସହିତ ଯୁଦ୍ଧ ଭୂମିରେ ଅବତୀର୍ଣ୍ଣ ହେବା ପାଇଁ ମୋର ଆତ୍ମା ମୋତେ ନିର୍ଦ୍ଦେଶ ଦେଉନାହିଁ। ଆଉ ମନେ ରଖ, ଯଦି ତୁମେ ବିବଶ କରିବ ତେବେ ମୁଁ ଏହିକ୍ଷଣି ଯୁଦ୍ଧ ଆରମ୍ଭ କରିଦେବି। ଏହାପରେ ଯେଉଁ ବିପଜ୍ଜନକ ପରିଣାମ ତୁମେ ଭୋଗିବ ସେଥିପାଇଁ ମୋତେ ଦୋଷ ଦେବ ନାହିଁ। ଏସବୁ କଥା ଥରେ ନୁହେଁ ଦୁଇଥର ଚିନ୍ତାକରି ମୋତେ କୁହ ପର୍ଶୁରାମ ?' ବଡ ଆଶ୍ଚର୍ଯ୍ୟର କଥା ତତ୍କ୍ଷଣାତ୍ ପର୍ଶୁରାମ, ଶ୍ରୀରାମ ମୁଖମଣ୍ଡଳକୁ ଲକ୍ଷ୍ୟ କରି ଏପରି ଏକ କେଉଁ ବିସ୍ମୟକର ଦୃଶ୍ୟ ଅବଲୋକନ କଲେ ଯେ ନିଜ ହାତରେ ଧରିଥିବା ଭୟଙ୍କର କୃପାଣକୁ ଭୂମି ଉପରେ ରଖି ଦେଇ ନତଜାନୁ ମୁଦ୍ରାରେ ଶ୍ରୀରାମଙ୍କୁ ପ୍ରଣାମ କରି ସିଧାସଳଖ ପୁନର୍ବାର କୃପାଣକୁ ଧରି ମହେନ୍ଦ୍ର ଗିରି ଅଭିମୁଖେ ଧାବମାନ ହେଲେ। ଆଜି ସେହି ପର୍ଶୁରାମ ଲକ୍ଷ୍ମଣଙ୍କୁ ନିଜ ଛାତି ଉପରକୁ ଟାଣି ନେଇ ଭୋ ଭୋ ହୋଇ କାନ୍ଦୁଛନ୍ତି। ଏଇତ ଆଶ୍ଚର୍ଯ୍ୟ ! ବଡ ବିସ୍ମୟ ଭାବରେ ଚାହିଁ ରହିଥାନ୍ତି ବିଶ୍ୱାମିତ୍ର ଏ ଦୁଇ ଜଣଙ୍କୁ। ଯିଏ ଯାହାର ଅହିନକୂଳ ସମ୍ପର୍କ, ସିଏ ପୁଣି ପରସ୍ପରକୁ ଆଲିଙ୍ଗନ କରି କାନ୍ଦୁଛନ୍ତି ? ଯେଉଁ ବିଚିତ୍ର ଓ ବିରଳ ଦୃଶ୍ୟକୁ ଦେଖି ସମଗ୍ର ରାଜ ସଭାରେ ବସିଥିବା ଅଗଣିତ ଜନସାଧାରଣ କାନ୍ଦିବାରେ ଲାଗିଥାନ୍ତି। ସମୟ ଏ ମଣିଷକୁ କେଉଁଠି ପହଞ୍ଚାଇ ଥାଏ ତାକୁ ବାସ୍ତବରେ ଦେଖିଲେ ମଣିଷର ମନ ଯେ କେତେ ପରିବର୍ତ୍ତନଶୀଳ, ତାହା ରାଜ୍ୟସଭାରେ ଉପସ୍ଥିତ ଥିବା ଜନତା ହୃଦୟଙ୍ଗମ କରୁଛନ୍ତି। ପ୍ରତି ମୁହୂର୍ତ୍ତରେ ସମୟର ଏହି ପରିବର୍ତ୍ତନ ଧାରା କେଉଁ ପ୍ରକ୍ରିୟାରେ ଗତିଶୀଳ ହେଉଛି ତାହ ମଣିଷ ଲକ୍ଷ୍ୟ କରିନପାରି ନିଜର ଜୀବନକୁ ବିପନ୍ନ କରିଦେଉଛି। ଏହି ପରି ଚିନ୍ତାକରି କରି ବିଶ୍ୱାମିତ୍ର ତଟସ୍ଥ ହୋଇ ସାରିଲେଣି। ପାର୍ଶ୍ୱବର୍ତ୍ତୀ ରାଜସଭା ମଧ୍ୟକୁ ଦୃଷ୍ଟି ନିକ୍ଷେପ କରିବା ବେଳେ ତାଙ୍କର ଦୃଷ୍ଟି ପଡିଲା ବଶିଷ୍ଠଙ୍କ ଉପରେ। ବଶିଷ୍ଠ କହୁଛନ୍ତି 'ହେ ରାମ ! ମୁଁ ଭଲ ଭାବରେ ଜାଣି ପାରୁଛି ଯେ, ଆପଣ ଲକ୍ଷ୍ମଣଙ୍କର ଶିରଛେଦ କରିପାରିବେ ନାହିଁ। ହେ ରାମ, ଆପଣ ସ୍ଥିର ହୁଅନ୍ତୁ, ବିଗଳିତ ହେବା ଆପଣଙ୍କୁ ଶୋଭା ପାଏନି। ସଭାସ୍ଥଳରୁ ପରାମର୍ଶ ଆସି ସାରିଲାଣି ଯେ, ଶ୍ରୀରାମ ଅତିଶୟ ବିଚଳିତ। ସେ ଆଉ ବିଚାର କରିପାରିବେନି କିମ୍ବା ଲକ୍ଷ୍ମଣଙ୍କର ଶିରଚ୍ଛେଦ କରିବା ତ ଦୂରର କଥା, ତାଙ୍କ ଚକ୍ଷୁ ନିକଟରୁ ସେ ଲକ୍ଷ୍ମଣଙ୍କୁ କୌଣସି ମତେ ବିଦାୟ ଦେଇ ପାରିବେନି। ହେ ରାମ, ଆପଣ ଲକ୍ଷ୍ମଣଙ୍କର ଶିରଚ୍ଛେଦ ନକରି ତାଙ୍କୁ ନିର୍ବାସିତ କରି ଦିଅନ୍ତୁ, ଯେପରି ସେ ଆଉ ଅଯୋଧ୍ୟା ନଗରୀକୁ ପ୍ରବେଶ ନକରନ୍ତି।'' ବଶିଷ୍ଠ ଶ୍ରୀରାମଙ୍କୁ ଆଉ ଅନେକ କଥା କହିଥାନ୍ତେ, କିନ୍ତୁ ବଶିଷ୍ଠଙ୍କର କଥା ପୂର୍ଣ୍ଣାଙ୍ଗ ନହେଉଣୁ ଲକ୍ଷ୍ମଣ, ବଶିଷ୍ଠଙ୍କୁ କହିଲେ ''ଗୁରୁଦେବ ! ଆପଣ ମୋ କଥା ଭଲଭାବେ ଶୁଣି ନିଅନ୍ତୁ ମୋର ଅନ୍ତିମ ଅଭିଳାଷ, ମୋତେ ମୋ ବଡଭାଇ ମୋର ଶିରଚ୍ଛେଦନ କରିବାତ ଦୂରର କଥା, ମୋତେ ସେ କେବେ ତାଙ୍କ ଚକ୍ଷୁରୁ ଅନ୍ତର କରିପାରିବେନି। ଏହାପରେ ଆଉ ଗୋଟିଏ କଥା ଆପଣ ବିଚାର ଦେଇଛନ୍ତି ମୋ ପାଇଁ ଅଯୋଧ୍ୟା ହେବ ନିଷିଦ୍ଧାଞ୍ଚଳ। ଯେଉଁ ଅଯୋଧ୍ୟାର ପ୍ରତିଟି ଧୂଳିମାଟି ସ୍ୱର୍ଗଠାରୁ ଆହୁରି ପବିତ୍ରମନେ କରେ ସେ ଅଯୋଧ୍ୟାକୁ ଛାଡି ମୁଁ ବଞ୍ଚି ପାରିବିନି ଗୁରୁଦେବ। ତେଣୁ ମୁଁ ସ୍ଥିର କରି ସାରିଛି ମୋର ଅନ୍ତିମ ଆଶ୍ରୟ ସ୍ଥଳ, ଆଉ ସେହି ସ୍ଥାନ ହେଉଛି ସରଯୂ ନଦୀର ଗର୍ଭ। ଯେଉଁ ମା'ର କୋଳରେ ଇକ୍ଷାକୁ ବଂଶ ଆଜକୁ ଶହ ଶହ ବର୍ଷ ଧରି ବିଜୟ ଧ୍ୱଜା ଉଡାଇ ଆସିଛି ମୁଁ ସେହି ମା'ର କୋଳରେ ଆତ୍ମ ବିସର୍ଜନ କରିବି। ଏତକ ଲକ୍ଷ୍ମଣ କହିବା ପରେ ଲକ୍ଷ୍ମଣ ଅତ୍ୟନ୍ତ ଧୀର ସ୍ଥିର ଭାବରେ ରାଜଭବନ ମଧ୍ୟକୁ ପ୍ରବେଶ କଲେ। ସମ୍ପୂର୍ଣ୍ଣ ରାଜ ପ୍ରସାଦ ଦେଖାଯାଉଥାଏ ଧ୍ୱଂସର ବର୍ଣ୍ଣ। ପ୍ରତିଟି କୋଣ ଅନୁକୋଣ ଲାଗୁଥାଏ ଆତଙ୍କର ଭୟାନକ ପରିବେଶ। ଲକ୍ଷ୍ମଣ ଅତ୍ୟନ୍ତ ଧୀର ସ୍ଥିର ପଦ ପାତରେ କୌଶଲ୍ୟାଙ୍କ ନିକଟରେ ପହଞ୍ଚି ତାଙ୍କ ପାଦତଳେ ଭକ୍ତିପୂତ ପ୍ରଣାମ ଜଣାଇ ପାଦ ଧୂଳି ଆଣି ମଥାରେ ମାରିବା ବେଳେ ସେ ଲକ୍ଷ୍ମଣଙ୍କୁ ଉଠାଇ ଛାତିରେ ଚାପିଧରି ଯେଉଁ କ୍ରନ୍ଦନ କଲେ ସେହି ଶୋକରେ ପ୍ରତିଧ୍ୱନିରେ ପ୍ରକମ୍ପିତ ହୋଇଗଲା ରାଜଭବନ। ଛାତି ଫାଟି ଯାଉଥିଲା ଅଯୋଧ୍ୟା ରାଜଭବନର ସମସ୍ତ ସଦସ୍ୟଙ୍କର। ମୂର୍ଚ୍ଛିତ ହୋଇ ତଳେ ପଡିଗଲେ କୌଶଲ୍ୟା। ମସ୍ତକରୁ ଧାର ଧାର ହୋଇ ରକ୍ତ ବାହାରି ଯାଉଥାଏ। ସମବେତ ଦାସଦାସୀ ଯେତେ ଚେଷ୍ଟା କଲେ ମଧ୍ୟ ଚେତା ଫେରିବା ଅସାଧ ହୋଇ ପଡୁଥାଏ। ଲକ୍ଷ୍ମଣଙ୍କ ବର୍ଜନର ସମୟ ଆସନ୍ନ ହୋଇ ଆସିଲାଣି। (କ୍ରମଶଃ)

# ଆନ୍ତର୍ଜାତିକ ଯୋଗ ଦିବସ



ଜୟଶ୍ରୀ ପଟ୍ଟନାୟକ
ଗଙ୍ଗନଗର, ଭୁବନେଶ୍ୱର
ମୋ : ୭୯୭୮୧୧୦୪୭୪

ଆମେ ଜାଣୁ ଯେ ସ୍ୱାସ୍ଥ୍ୟ ହିଁ ସମ୍ପଦ। ଉତ୍ତମ ସ୍ୱାସ୍ଥ୍ୟ ବିନା କେହି କିଛି କରି ପାରେନାହିଁ । ଧନ ଜନ ଜୀବନରେ ଯେତେ ଥିଲେ ବି ଉତ୍ତମ ସ୍ୱାସ୍ଥ୍ୟ ବିନା ଜୀବନରେ ଶାନ୍ତି ମିଳେନାହିଁ , ସଫଳତା ମିଳେନାହିଁ। କୌଣସି କାମ କରିବା ପାଇଁ ଆମର ଶରୀର ଓ ମନ ଉଭୟ ସୁସ୍ଥ ଥିବା ଦରକାର। ଉତ୍ତମ ସ୍ୱାସ୍ଥ୍ୟ ମଧ୍ୟ ଉତ୍ତମ ମନ ଉପରେ ନିର୍ଭର କରେ । ଆମେ ଯଦି ଶାରୀରିକ ଓ ମାନସିକ ଭାବରେ ସୁସ୍ଥ ନ ଥାଉ ତେବେ ନିଜର ଯୋଗ୍ୟତା ଓ ଦକ୍ଷତା ସତ୍ତ୍ୱେ ବି ରୁଗଣ ଦୁର୍ବଳ ମଣିଷ କାର୍ଯ୍ୟ କରିବାର କ୍ଷମତା ହରାଏ । ଶରୀର ଓ ମନକୁ ସୁସ୍ଥ ରଖିବାପାଇଁ ବ୍ୟାୟାମ, ଯୋଗାସନ, ପ୍ରତିଦିନ ଚାଲିବା ଅଭ୍ୟାସ କରିବା ଦ୍ୱାରା ଆମର ସ୍ନାୟୁ ଓ ଗ୍ରନ୍ଥି ଗୁଡିକର କ୍ରିୟା ସ୍ୱାଭାବିକ ରହେ । ଯା ଫଳରେ ଶରୀର କାର୍ଯ୍ୟକ୍ଷମ ହୁଏ । ଯୋଗ ମଣିଷକୁ ଦୀର୍ଘାୟୁ କରେ, ଶରୀର ଓ ମନ ଭିତରେ ସମନ୍ୱୟ ରଖେ, ମନର ଏକାଗ୍ରତା ବଢ଼ାଏ । ଯୋଗ ସକାଳ ଓ ସଞ୍ଜ ସମୟରେ କରିବା ଦ୍ୱାରା ଦେହର ସ୍ନାୟୁ ସକ୍ରିୟ ହୋଇ କାର୍ଯ୍ୟକ୍ଷମ କରାଏ । ନିୟମିତ ଯୋଗ ପ୍ରାଣାୟାମ ଧ୍ୟାନ କରିବା ଦ୍ୱାରା ଶରୀରର ମାଂସପେଶୀ ଗୁଡିକ ସଙ୍କୋଚନ ପ୍ରସାରଣ ହୋଇ ଅନେକ ରୋଗ ବ୍ୟାଧିରୁ ମୁକ୍ତି ପାଏ। ଶରୀର ଥକାପଣରୁ ମୁକ୍ତି ପାଏ । ଯୋଗଭ୍ୟାସ ଦ୍ୱାରା ଅନେକ ରୋଗବ୍ୟାଧି ଯଥା ଅଣ୍ଟା ବ୍ୟଥା, ଆଣ୍ଠୁ ଗଣ୍ଠି ଦରଜ, ମଧୁମେହ ରୋଗରୁ ଉପଶମ ମିଳେ । ମନର ଏକାଗ୍ରତା ବଢ଼ାଏ । ଯୋଗଭ୍ୟାସ ଆଗରୁ ଶୌଚ ହୋଇ ପାଣି ପିଇବେ। ଉତ୍ତମ ଯୋଗଗୁରୁ କିମ୍ବା ଡାକ୍ତରଙ୍କ ପରାମର୍ଶ ନେଇ ପ୍ରାକୃତିକ ବାୟୁ ଚଳାଚଳ ସ୍ଥାନରେ, ଖୋଲାସ୍ଥାନରେ ଢିଲା ଏବଂ ସୂତା ପୋଷାକ ପିନ୍ଧି ଯୋଗ କରିବା ବିଧେୟ । ଫଳରେ ଶରୀରକୁ ଅକ୍ସିଜେନ ମିଳିଥାଏ । ମନ ଓ ଶରୀର ସୁସ୍ଥ ଲାଗେ । ରକ୍ତ ସଞ୍ଚାଳନ ଠିକ ଭାବରେ ହୋଇ ଶରୀରକୁ ଫୁର୍ତ୍ତି ଲାଗେ ଏବଂ କାର୍ଯ୍ୟ କରିବାର କ୍ଷମତା ବଢ଼ାଏ ।

ଭାରତର ନୂଆଦିଲ୍ଲୀ ରାଜପଥରେ ୨୦୧୫ ଜୁନ ମାସ ୨୧ ତାରିଖରେ ଆନ୍ତର୍ଜାତିକ ଯୋଗ ଦିବସ ଅନୁଷ୍ଠିତ ହୋଇଥିଲା । ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହି ଉତ୍ସବ ପାଳନ କରିବାକୁ ଜାତିସଂଘର ସାଧାରଣ ବୈଠକରେ ପ୍ରସ୍ତାବ ଦେଇଥିଲେ । ବିଶ୍ୱ ସ୍ତରରେ ସ୍ୱାସ୍ଥ୍ୟର ଉପକାରିତା ପାଇଁ ଯୋଗକୁ ପ୍ରୋତ୍ସାହିତ କରିବାପାଇଁ ଏ ଦିବସ ପାଳନ କରାଯାଏ । ଯୋଗ ହେଉଛି ପ୍ରାଚୀନ ଭାରତୀୟ ଅଭ୍ୟାସ ଯାହା ଶରୀର ଓ ମନଭିତରେ ରଖେ ସମନ୍ୱୟ । ଭାରତର ମୁନି ଋଷି ଗଣ ମଧ୍ୟ ଯୋଗକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ପାତଞ୍ଜଳୀ ଋଷି ଯୋଗଶାସ୍ତ୍ର ପ୍ରଣୟନ କରିଥିଲେ ଯାହାର ସାଧାରଣ ଅର୍ଥ ଈଶ୍ୱରଙ୍କୁ ତପସ୍ୟା କରିବା । ଯୋଗରେ କୌଣସି ଉପକରଣ ଲୋଡାନାହିଁ । ଏହା ଏକ ପଦ୍ଧତି ଯେଉଁଥିରେ ମଣିଷର ମନ, ଶରୀର ଓ ପ୍ରାଣ ଏକତ୍ର ରହେ । ପ୍ରତ୍ୟେକ ଋତୁରେ ହୋଇପାରେ ଯୋଗ । ଅନେକ ରୋଗ ବ୍ୟାଧିରୁ ପ୍ରାକୃତିକ ଉପାୟରେ ଭଲ କରେ ଯୋଗ । ଯୋଗ କରିବା ଦ୍ୱାରା ଶରୀର ଓ ମନ ପ୍ରଫୁଲ୍ଲିତ ରହେ । ସ୍ୱାସ୍ଥ୍ୟ ହେଉଛି ସମ୍ପଦ ଯାହା ଦୈନିକ ଯୋଗରୁ ମିଳିଥାଏ । ଯୋଗ ବିଷୟରେ ସଚେତନତା ଆଣିବା ଆନ୍ତର୍ଜାତିକ ଯୋଗ ଦିବସର ଲକ୍ଷ୍ୟ । ଆମର ପ୍ରଧାନମନ୍ତ୍ରୀ ୨୦୧୫ ମସିହା ଜୁନ ୨୧ ତାରିଖରେ ପ୍ରଥମ ଥର ଯୋଗ ଦିବସ ପାଳନ କରିଥିଲେ । ସମଗ୍ର ବିଶ୍ୱରେ ଯୋଗ ଦିବସ ପାଳନ ହୋଇ ଆନ୍ତର୍ଜାତିକ ଯୋଗ ଦିବସରେ ପରିଣତ ହେଲା । ଯୋଗ ଏକ ସଂସ୍କୃତ ଶବ୍ଦ ଯାହାର ଅର୍ଥ ଏକାଠି ବା ଏକତ୍ର କରିବା । ଯେଉଁ ଅବସ୍ଥାରେ ମନ ଓ ଶରୀର ଆମ ଆୟତ୍ତରେ ରହି ଏକାଗ୍ର ଓ ସ୍ଥିର ରହିବେ ଅବିଚଳିତ ହେବେନାହିଁ । ଶରୀର ଅସୁସ୍ଥ ହେଲେ ଆମେ ଡାକ୍ତରଙ୍କ ପରାମର୍ଶ ନେଉ ଏବଂ ଆରୋଗ୍ୟ ଲାଭ କରି ହେଲେ ମନ ଅସୁସ୍ଥ ହେଲେ ତାକୁ ନିୟନ୍ତ୍ରଣକୁ ଆଣିବାପାଇଁ ଯୋଗଗୁରୁ ପାତଞ୍ଜଳି ଅଷ୍ଟାଙ୍ଗ ଯୋଗ ମହିମା ବିଷୟରେ ବର୍ଣ୍ଣନା କରିଛନ୍ତି ଯଥା ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି।

୧. ଯମ ଅର୍ଥ ସଂଯମ -ମନ ଅତି ଚଞ୍ଚଳ ଓ ଅସ୍ଥିର । ସେହି ଚଞ୍ଚଳ ମନକୁ ଆୟତ୍ତରେ ରଖିବା । ଏହା ପାଞ୍ଚ ପ୍ରକାର ଅହିଂସା - କାହାପ୍ରତି ହିଂସା ଆଚରଣ ନ କରି ସଂଯମୀ ହେବା, ସତ୍ୟକୁ ଅନୁସରଣ କରିବା ଓ ସୁନ୍ଦର ଜୀବନ ଅତିବାହିତ କରିବା। ଅସ୍ତେୟ - ଅସତ ଉପାୟରେ ଧନ ଅର୍ଜନ ନ କରିବା। ବ୍ରହ୍ମଚର୍ଯ୍ୟ ଇନ୍ଦ୍ରିୟ ମାନଙ୍କୁ ସଂଯମରେ ରଖି ମୁଁ ବ୍ରହ୍ମ ଏହି ଭାବ ପୋଷଣ କରି କାର୍ଯ୍ୟ କରିବା । ଅପରିଗ୍ରହ- ଶାରୀରିକ, ମାନସିକ ପରିଶ୍ରମ ନକରି କାହାଠାରୁ ଧନ ଗ୍ରହଣ ନ କରିବା।

୨. ନିୟମ-ମନୁଷ୍ୟର ଜୀବନ ଧାରାକୁ ଶୃଙ୍ଖଳିତ କରିବା । ନିୟମରେ ରହିବା । ଏହା ୫ ପ୍ରକାରର ଶୌଚ, ତପ, ସନ୍ତୋଷ, ସ୍ୱାଧ୍ୟାୟ ଓ ଈଶ୍ୱର ପ୍ରଣିଧାନ

୩. ଆସନ-ଏହା ହେଉଛି କ୍ରିୟାତ୍ମକ ଯୋଗ । ବସିବା ଉଠିବା ଶୋଇବା ଏହି ୩ଟି ସ୍ଥିତିରେ ଆସନ କରାଯାଏ। ଯେଉଁ ସ୍ଥିତିରେ ଶରୀରକୁ ରଖି ଯୋଗ କରାଯାଏ ତାକୁ କୁହାଯାଏ ଯୋଗାସନ । ଆସନ ଯୋଗର ଏକ ଅଙ୍ଗ ।

୪. ପ୍ରାଣାୟମ- ପ୍ରାଣ ବାୟୁ ସଂଚରିତ କରିବା । ସୁସ୍ଥ ଓ ଶୁଦ୍ଧ ବାୟୁରୁ ପ୍ରାଣଶକ୍ତି ମିଳେ ଶରୀର ବଞ୍ଚି ରହେ। ଏହି ଉତ୍ତମ ବାୟୁ ଚଳାଚଳ ସ୍ଥାନ ପ୍ରାଣାୟମ ପାଇଁ ଆବଶ୍ୟକ। ଯୋଗ ସାଧନ ବଳରେ ପ୍ରାଣଶକ୍ତିକୁ ଆୟତ୍ତ କରିହୁଏ । ମନ ଏକାଗ୍ର ହୁଏ । ନାସାରୁ ନିର୍ଗତ ପ୍ରାଣ ବାୟୁକୁ ଧରି ପ୍ରାଣାୟମ କରାଯାଏ ।

୫. ପ୍ରତ୍ୟାହାର- ଆମର ପଞ୍ଚ ଇନ୍ଦ୍ରିୟ ରହିଛି ଯଥା ଚକ୍ଷୁ, ନାସା, କର୍ଣ୍ଣ, ଜିହ୍ୱା, ନାସିକା ଓ ତ୍ୱଚା । ଚକ୍ଷୁ ଓ କର୍ଣ୍ଣ ଅଧିକ ଅନୁଭୂତି ପ୍ରବଣ । ଏହି ସାଧନା ଦ୍ୱାରା ଇନ୍ଦ୍ରିୟ ମାନଙ୍କୁ ସଂଯମରେ ରଖି ଧ୍ୟାନରେ ରହିବା।

୬.ଧାରଣା- ଚଞ୍ଚଳ ମନକୁ ଧାରଣ କରି ସ୍ଥିର ରଖିବା

୭.ଧ୍ୟାନ- ଧ୍ୟାନ ଦ୍ୱାରା ମଣିଷ ଅସାଧ୍ୟକୁ ସାଧନ କରିପାରେ । ଅସମ୍ଭବକୁ ସମ୍ଭବ କରିପାରେ । ମଣିଷ ଯେତେବେଳେ ପାର୍ଥିବ ଜଗତକୁ ଭୁଲିଯାଇ ସମସ୍ୟା କଥା ଚିନ୍ତା କରେ ସେତେବେଳେ ନୂଆ ତଥ୍ୟ ଆବିଷ୍କାର କରେ । କବି ଲେଖକ ଧ୍ୟାନସ୍ଥ ହୋଇ ଲେଖନ୍ତି । ଚିକିତ୍ସକ, କଳା, ଚିତ୍ରକର, ମୂର୍ତ୍ତିକର ଧ୍ୟାନସ୍ଥ ହୋଇ କାର୍ଯ୍ୟ ସମ୍ପାଦନ କରନ୍ତି ।

୮- ସମାଧି-ସମାଧି ଲାଭ ଯୋଗର ଶ୍ରେଷ୍ଠ ଓ ମୁଖ୍ୟ ଉଦ୍ଦେଶ୍ୟ । ସମାଧି ଅବସ୍ଥାରେ ଯୋଗୀ ପରମ ଆନନ୍ଦ ଲାଭ କରେ । ଏହି ସ୍ତରକୁ ଆସିବାକୁ ଧୈର୍ଯ୍ୟ ଏବଂ ବିଶ୍ୱାସ ସହକାରେ ଯୋଗ ସାଧନ କରିବା ଦରକାର । ସାଧନାର ଅଷ୍ଟାଙ୍ଗ ପାଦ ସମ୍ପୂର୍ଣ୍ଣ ହେବାପରେ ଜଣେ ସମାଧି ପାଦକୁ ଯାଏ ଏଥିପାଇଁ ମନକୁ ସଂଯମ ଓ ଅନୁଶାସନରେ ରଖିବାକୁ ହୁଏ ।

ପରିଶେଷରେ ସୁନ୍ଦର ସ୍ୱାସ୍ଥ୍ୟ ହିଁ ସୁନ୍ଦର ମନକୁ ନିୟନ୍ତ୍ରଣ କରେ। ସମସ୍ତେ ଯୋଗ କରିପାରିବେ । ଯୋଗାସନ ନିୟମିତ ଖୋଲା ପଡିଆ ବା ଘାସ ପଡିଆ, ଛାତ ଉପରେ ସୁନ୍ଦର ଓ ସମ୍ପୂର୍ଣ୍ଣ ଭାବେ ବାୟୁ ଚଳାଚଳ ସ୍ଥାନରେ ହୁଏ । ଢିଲା ପୋଷାକରେ ଯୋଗ କରାଯାଏ । ଅନ୍ତର୍ମନକୁ ନିୟନ୍ତ୍ରଣ କରିବା ଯୋଗର ଲକ୍ଷ୍ୟ । ଯୋଗ ବିଦ୍ୟାର୍ଥୀଙ୍କୁ ଶୃଙ୍ଖଳିତ ସଂଯମିତ କରାଏ । ଧୀଶକ୍ତି ବଢ଼ାଏ । ଖାଲି ପେଟରେ ବ୍ରାହ୍ମ ମୁହୂର୍ତ୍ତରେ ଯୋଗ କରିଲେ ସୁଫଳ ମିଳେ । ଯୋଗ କରିବାପରେ ସାଲାଡ଼ ଫଳ ଖାଇ ପାରିବେ । ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ପାଚନ କ୍ରିୟାକୁ ସକ୍ରିୟ କରେ ଶ୍ୱାସ ପ୍ରଶ୍ୱାସ ନେବା ଆଣିବାରେ ସହାୟକ ହୁଏ। ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରଣ କରେ। ମେଦ ବହୁଳତାକୁ କମାଏ। ଚର୍ବି କମ କରି ପାଚନ ତନ୍ତ୍ର ମଜବୁତ କରି ଶରୀରକୁ ଫିଟ ରଖେ। ଚିନ୍ତାମୁକ୍ତ କରେ । ଆଳସ୍ୟ ଭାବ ଦୂର କରେ । ତେଣୁ ଆମ ଦୈନନ୍ଦିନ ଜୀବନରେ କିଛି ସମୟ ଶରୀର ପ୍ରତି ଧ୍ୟାନ ଦେବା, ଯୋଗ ଧ୍ୟାନ ପ୍ରାଣାୟମ କରିବା ନିହାତି ଅନିର୍ବାଯ୍ୟ ।

ଶ୍ରୀଅରବିନ୍ଦଙ୍କ ମତରେ ଯୋଗ ହିଁ ଜୀବନ ସୁସ୍ଥ ରହିବାର ମାଧ୍ୟମ । ଶରୀର ଶକ୍ତି ଅନୁସାରେ, ପରାମର୍ଶ ଅନୁସାରେ କେତେ ପ୍ରଶ୍ୱାସ ନେବେ ଛାଡିବେ ସବୁ ଉପରେ ଧ୍ୟାନ ଦେଇ ଯୋଗ କରନ୍ତୁ। ପ୍ରାଣାୟମ କରନ୍ତୁ । ଶରୀରକୁ ସୁନ୍ଦର ଭାବରେ ଗଢି ତୋଳିବା ନିମନ୍ତେ ପ୍ରତିଦିନ ସୂର୍ଯ୍ୟ ନମସ୍କାର କରନ୍ତୁ ଏବଂ ସୁସ୍ଥ ଓ ନିରୋଗ ରୁହନ୍ତୁ ଏହା ହିଁ ଆନ୍ତର୍ଜାତିକ ଯୋଗ ଦିବସର ଅନୁଚିନ୍ତା ।

# ଦେହ ପାଇଁ ହିତ ଯୋଗ



ବିଶ୍ୱବିଜୟୀ ଦାଶ
ସମ୍ପାଦକ, ବ୍ରଜବିଳାସ ଇ-ପତ୍ରିକା
ବାଣପୁର, ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ ନଂ- ୬୩୭୦୨୦୮୪୨୮

ଆନ୍ତର୍ଜାତିକ ଯୋଗ ଦିବସ ବିଶ୍ୱବ୍ୟାପୀ ଜୁନ ୨୧ ତାରିଖରେ ପାଳନ ହୁଏ। ଶରୀରକୁ ସୁସ୍ଥ, ମନକୁ ଶାନ୍ତ ଓ ଶ୍ୱାସକ୍ରିୟାକୁ ନିୟନ୍ତ୍ରିତ କରିବା ପାଇଁ ସାରା ବିଶ୍ୱରେ ଏହି ଯୋଗ ଦିବସ ପାଳନ କରାଯାଉଛି। ଯୋଗ କରିବା ଦ୍ୱାରା ଶରୀର ଓ ମନର ସର୍ବୋତ୍ତମ ସ୍ୱାସ୍ଥ୍ୟରକ୍ଷା ଯେ ସମ୍ଭବ, ସେଥିଲାଗି ବିଶ୍ୱବ୍ୟାପି ଲୋକ ଏବେ ସୁସ୍ଥ ରହିବା ପାଇଁ ଯୋଗକୁ ଆପଣେଇ ନେଇଛନ୍ତି। ଏହା ଭାରତର ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଉପହାର। ଏହା ମନ ଏବଂ ଶରୀରକୁ ସଂଯୋଗ କରିଥାଏ। ଯୋଗ କରିବା ଦ୍ୱାରା ଚିନ୍ତା, କ୍ରିୟା, ସଂଯମ ଏବଂ ପୂର୍ଣ୍ଣତା ଆଣିବା ଲାଗି ଏକ ସିଦ୍ଧ ଉପଚାର। ୨୦୧୪ ସେପ୍ଟେମ୍ବର ୨୭ରେ ଭାରତର ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୁନ ୨୧କୁ ଆନ୍ତର୍ଜାତିକ ସ୍ତରରେ ଯୋଗ ଅଭ୍ୟାସ ପୂର୍ବକ ଯୋଗ ଦିବସ ପାଳନ ପାଇଁ ପ୍ରଥମେ ପ୍ରସ୍ତାବ ଦେଇଥିଲେ । ଆମେରିକାର ମିଳିତ ଜାତିସଂଘ ସାଧାରଣ ପରିଷଦର ୬୯ତମ ଅଧିବେସନକୁ ପ୍ରଥମ କରି ସମ୍ବୋଧିତ କରି ଅଭିଭାଷଣରେ କହିଥିଲେ ଯେ, 'ପରିବର୍ତ୍ତନଶୀଳ ଦୁନିଆରେ ସବୁକିଛି ପରିବର୍ତ୍ତନ ହେଉଥିବାବେଳେ ଜଳବାୟୁ ପରିବର୍ତ୍ତନ ହେବା ସମସ୍ତଙ୍କ ପାଇଁ ଏକ ଚିନ୍ତାର ବିଷୟ । ଆମ ଭାରତୀୟ ସଂସ୍କୃତିରେ ଏହାର ମୁକାବିଲା କରିବା ପାଇଁ ଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି । ଯୋଗକୁ କେବଳ ବ୍ୟାୟାମରେ ସୀମିତ ନରଖି ଶାସ୍ତ୍ରାନୁସାରେ ପରିବ୍ୟାପ୍ତ କରାଗଲେ ସବୁକିଛିର ପରିବର୍ତ୍ତନ କରାଯାଇପାରିବ । ତେଣୁ ଆନ୍ତର୍ଜାତିକ ସ୍ତରରେ ଯୋଗ ଦିବସ ପାଳନ କରାଯିବା ଉଚିତ।' ଏହାପରେ ଆନ୍ତର୍ଜାତିକ ସ୍ତରରେ ଏହାକୁ ପାଳନ କରିବା ପାଇଁ ମିଳିତ ଜାତିସଂଘ ଅଧିବେସନ ଦ୍ୱାରା ଡିସେମ୍ବର ୧୧, ୨୦୧୪ରେ ସଂକଳ୍ପ ନିଆଯାଇଥିଲା।



'ଯୋଗ ଭାରତର ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଉପହାର। ଏହା ମନ ଏବଂ ଶରୀରକୁ ସଂଯୋଗ; ଚିନ୍ତା ଏବଂ କ୍ରିୟା; ସଂଯମ ଏବଂ ପୂର୍ଣ୍ଣତା; ମନୁଷ୍ୟ ଏବଂ ପ୍ରକୃତି ସହ ସଂଗତି; ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ପାଇଁ ଏକ ସିଦ୍ଧ ଉପଚାର ଅଟେ । ଏହା କେବଳ ଏକ ବ୍ୟାୟାମ ନୁହେଁ ନିଜ ଭିତରେ ଜଗତ ଏବଂ ପ୍ରକୃତି ସହ ଏକାଗ୍ରତା ଆବିଷ୍କାର କରିବାକୁ ହୋଇଥାଏ, ଚେତନା ଉଦ୍ରେକକରି ଆମ ଜୀବନଶୈଳୀରେ ପରିବର୍ତ୍ତନ ଆଣି ଆମ ପାରିପାର୍ଶ୍ୱିକ ଜଗତରେ ସହ ଖାପ ଖୁଆଇ ଚାଲିବାରେ ସହଯୋଗ କରେ। ଜୁନ ୨୧ ଗ୍ରୀଷ୍ମ ସଂକ୍ରାନ୍ତିରେ ସୂର୍ଯ୍ୟ ଦକ୍ଷିଣାୟନ ମୋଡ଼ ନେଇଥାନ୍ତି, ଏହି ଦିନକୁ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ନରେନ୍ଦ୍ର ମୋଦୀ ପ୍ରସ୍ତାବ ଦେଇ ଉପସ୍ଥାପନ କରିଥିଲେ ଯେ ଉତ୍ତର ଗୋଲାର୍ଦ୍ଧରେ ପୁରା ବର୍ଷରେ ଏହି ଦିନର ଅବଧି ବଡ଼ ହୋଇଥିବା ସହ ବିଶ୍ୱରେ ବିଭିନ୍ନ ସ୍ଥାନରେ ଏହିଦିନର ମହତ୍ତ୍ୱ ଅଛି। ଆନ୍ତର୍ଜାତିକ ଯୋଗ ଦିବସ ପାଳନର ପ୍ରଥମ ବର୍ଷ ୨୦୧୫ ମସିହା ଥିଲା। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜଧାନୀ ନୂଆଦିଲ୍ଲୀର ରାଜପଥଠାରେ ୮୪ ଦେଶର ୩୫,୯୮୫ ଜଣ ଅଂଶଗ୍ରହଣକାରୀ ଭାଗନେଇ ଦୁଇଟି ଗିନିସ ୱାର୍ଲ୍ଡ ରେକର୍ଡ ସ୍ଥାପନ କରିଥିଲେ। ଏଥିରେ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଶ୍ରୀ ଅରବିନ୍ଦ କେଜରିୱାଲା, କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ, ସାଂସଦ, ସେନା ଓ ପୋଲିସର ଯବାନ, ପ୍ରଶାସନିକ ଅଧିକାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ଏବଂ ଅଧାଘଣ୍ଟା ଧରି ଯୋଗ କରିଥିଲେ। ଯୋଗ ଦିବସ ପାଳନ କାର୍ଯ୍ୟକ୍ରମରେ ବହୁ କେନ୍ଦ୍ରମନ୍ତ୍ରୀ, ବ୍ୟୁରୋକ୍ରାଟ, କୂଟନୀତିଜ୍ଞ ତଥା କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀ ମାନେ ସାମିଲ ହୋଇଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରଦର୍ଶନ ପାଇଁ ୨ ହଜାର ଡିଜିଟାଲ ସିନେମା ସ୍କ୍ରିନ ବ୍ୟବସ୍ଥା କରାଯାଇଥିଲା। ଏହି ଆୟୋଜନ ୧୦ ବର୍ଷର ଏକ ପୁରୁଣା ରେକର୍ଡକୁ ଭାଙ୍ଗି ଦେଇଥିଲା। ୧୦ ବର୍ଷ ତଳେ ୨୦୦୫ ନଭେମ୍ବର ୧୯ ତାରିଖରେ ଗ୍ୱାଲିଅରରେ ୧୯,୯୭୩ ଜଣ ଲୋକ ଏକାସାଙ୍ଗରେ ଗୋଟିଏ ସ୍ଥାନରେ ଯୋଗାଭ୍ୟାସ କରିଥିଲେ । ଆଉ ଏହା ବିଶ୍ୱ ରେକର୍ଡ ହେବା ସହିତ 'ଗିନିଜ ବୁକ ଅଫ ୱାର୍ଲ୍ଡ ରେକର୍ଡ'ରେ ସ୍ଥାନିତ ହୋଇଥିଲା। ଏହା ସହିତ ଦେଶର ସ୍କୁଲ, କଲେଜ ଭଳି ଶିକ୍ଷାନୁଷ୍ଠାନ, ଅନ୍ୟାନ୍ୟ ଘରୋଇ ଓ ସରାକାରୀ ଅନୁଷ୍ଠାନ ଏବଂ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକ ଯୋଗ ଦିବସ ପାଳନ କରିଥିଲେ । ସେହିପରି ବିଶ୍ୱର ବିଭିନ୍ନ କୋଣ ଅନୁକୋଣରେ ମଧ୍ୟ ଯୋଗ ଦିବସ ପାଳନ କରାଯାଇଥିଲା। ପ୍ରାୟ ୧୯୧ଟି ଦେଶର ୨୫୧ଟି ସହରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ ହୋଇଥିଲା। ନ୍ୟୁୟର୍କ ସ୍ଥିତ ଜାତିସଂଘ ମୁଖ୍ୟ କାର୍ଯ୍ୟାଳୟରେ ପ୍ରଥମ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତର ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ଅତିଥି ଭାବେ ଯୋଗ ଦେଇଥିଲେ। ସେହି ଦିନ ଠାରୁ ପ୍ରତ୍ୟେକ ବର୍ଷ ଜୁନ୍ ୨୧ ତାରିଖ ରେ ଆନ୍ତର୍ଜାତୀୟ, ରାଜ୍ୟ ସ୍ତରୀୟ, ବିଭିନ୍ନ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଯୋଗ ଦିବସ ପାଳନ କରାଯାଇଥାଏ।

ଯୋଗ କରିବା ଦ୍ୱାରା ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ। ନିତିଦିନଆ ଜୀବନରେ ଖାଦ୍ୟ ପାନୀୟ ପରି ଯୋଗର ମଧ୍ୟ ଆବଶ୍ୟକତା ରହିଛି। ଯୋଗ ପ୍ରତି ସମସ୍ତଙ୍କର ଭଲ ଧାରଣା ଥିବାବେଳେ ଏହା ଉପରେ ବେଶ ବିଶ୍ୱାସ ରହିଛି। ଡାକ୍ତରମାନେ ମଧ୍ୟ ଉତ୍ତମ ସ୍ୱାସ୍ଥ୍ୟ ପ୍ରାପ୍ତି ପାଇଁ ପ୍ରତିଦିନ ଯୋଗ କରିବାକୁ ପରାମର୍ଶ ଦେଇଥାଆନ୍ତି। ଡାକ୍ତରଙ୍କ ମତାନୁଯାୟୀ ଔଷଧ ସହ ଶରୀର ପାଇଁ ଯୋଗ ମଧ୍ୟ ଆବଶ୍ୟକ। ବଡରୁ ବଡ ରୋଗକୁ ମାତ୍ ଦେଉଛି ଏହି ଯୋଗ। ଯେଉଁ ପ୍ରକାରେ ମନୁଷ୍ୟ ଜୀବିତ ରହିବା ପାଇଁ ଭୋଜନ, ନିଦ୍ରା, ନିତ୍ୟକର୍ମ ଓ ଉପାସନା ଆବଶ୍ୟକ ସେହିପରି ସକ୍ରିୟ, ପ୍ରସନ୍ନତା ପୂର୍ଣ୍ଣ ଜୀବନ ଅତିବାହିତ କରିବା ପାଇଁ ଯୋଗ କରିବା ଉଚିତ। ମୁନି ଋଷିମାନେ ଗଭୀର ସାଧନା ତଥା ଚିନ୍ତନ ଦ୍ୱାରା ଯୋଗ ସାଧନାର ପଥ ପ୍ରଶସ୍ତ କରିଥିଲେ। ଯୋଗର ବିଭିନ୍ନ ପ୍ରକାର ଆସନ ରହିଛି। ବିଭିନ୍ନ ପ୍ରକାରର ଯୋଗାସନ ଅଭ୍ୟାସ କରିବା ଦ୍ୱାରା ଜୀବନରେ ନୂତନତା ଭରିଯାଏ ଓ ପ୍ରଫୁଲ୍ଲିତ ଅନୁଭବ ହୋଇଥାଏ। ଶରୀରକୁ ଆବଶ୍ୟକ ପରିମାଣରେ ଶକ୍ତି ମିଳିଥାଏ। ଶାରିରିକ, ମାନସିକ ଓ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱର ବିକାଶ ପାଇଁ ମଧ୍ୟ ଯୋଗାସନର ବିଶେଷ ମହତ୍ତ୍ୱ ରହିଛି। ଏହା ଏକ ଦୃଢ଼ ମନ ତଥା ସୁସ୍ଥ ଶରୀର ଗଠନରେ ମଧ୍ୟ ସହାୟକ ହୋଇଥାଏ। ମାନସିକ, ଶାରିରୀକ ଓ ମନସ୍ତାତ୍ତ୍ୱିକ ଆହ୍ୱାନ ଗୁଡିକର ସମ୍ମୁଖୀନ ହେବା ପାଇଁ ଯୋଗ ସାହାଯ୍ୟ କରିଥାଏ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଯେଉଁ ଦିନ ଘାଟ ପାରି ହୋଇଯିବି

ସ୍ମିତା ପଣ୍ଡା



ତା ସାଙ୍ଗରେ ଦିନେ ଭେଟ ହେଇଥିଲା
ଯିବା-ଆସିବାର ବାଟରେ,
ଡଙ୍ଗା ତା'ର ଥିଲା ମଝି ନଈରେ ମୁଁ
ଠିଆ ହୋଇଥିଲି ଘାଟରେ ॥

ଦୂର ତାଳଗଛ ଘୁଞ୍ଚିଯାଉଥିଲା
ସନ୍ଧ୍ୟା ଦୀପଟିଏ ଜଳେଇ,
ଭୁଲି ଯାଇଥିଲି ଯିବାକୁ ଅଛି କି
ରହିବି ତା' ବାଟ ଅନେଇ ॥



ଡଙ୍ଗା ପହଞ୍ଚିଲା ବେଳକୁ କୂଳରେ
ଖସିଲା ମୟୂର ପରଟେ,
ଚଇତି ପବନ ଛୁଇଁଗଲା ଆସି
ତୋଳି ଦେଇ ନୂଆ ଘରଟେ ॥

ବଇଁଶୀ ବାଜିଲା କିଏ ମତେ ଦେଲା
ପାଦରେ ଅଳତା ପିନ୍ଧେଇ,
ବାଟ ହୁଡ଼ିଲି କି ଘରକୁ ଆସିଲି
ପାରିନି ନିଜକୁ ବୁଝେଇ ॥

ତାରା ଫୁଟି ପୁଣି ଝଡି ପଡିଥିଲା
ମୁଠାଏ ଲାଜୁଆ ହସରେ,
ଚଉଦିଗ ଆହା ମହକି ଗଲା କି
ସେ ଦିନ ଅଜଣା ବାସରେ ॥

ଆଖି ବୁଜି ଦେଇ ଯେତିକି ସାଇତି
ପାରିଲି ନିବିଡ଼ ଭାବରେ,
ସେତିକିରେ ସବୁ ବିଶ୍ୱାସକୁ ମୋର
ଗାଇଲି ପ୍ରାର୍ଥନା ଶବ୍ଦରେ ॥

ଫେରି ଯିବା ପାଦ ଚିହ୍ନ ଦେଖି ନାହିଁ
ହେଲେ ଖାଲି ଖାଲି ଲାଗିଛି,
ନଈ ଡଙ୍ଗା ଆଉ ବଇଁଶୀ ଛବିରେ
ସମୟ ଅଟକି ଯାଇଛି ॥

ନିଜ ଅଜାଣତେ ଯାହାକୁ ଜଗିଛି
ସେ ଦିନରୁ ସେଇ ଘାଟରେ,
ଯେଉଁ ଦିନ ଘାଟ ପାରି ହୋଇଯିବି
ଭେଟ ହେବ ତା'ର ସାଥୀରେ ॥



ମୋ- ୯୮୭୬୩୬୩୭୪୦

## ପୁଷ୍ପ ମଞ୍ଜରୀ

ସସ୍ମିତା ସୁନାମୁଦି

ଜୀବନ ରହସ୍ୟ ଜାଣିଛୁ ବୋଲିତ ଓଠରେ ଖେଳାଉ ହସ କେତେ
ଯେ ଶ୍ରାବଣ କେତେ ଶୀତ ବିତେ କେବେପୁଣି ମଧୁମାସ,
କ୍ଷଣିକ ଜୀବନେ ସୂକ୍ଷ୍ମ ବାର୍ତ୍ତା ଦେଉ, ନାହିଁ ତୋର ଗ୍ଲାନି ଭାବ
ପ୍ରୀତି ଝୁଲଣାରେ ଝୁଲୁଥାଉ ସଦା ଓଠରେ ତୋ ମଧୁ ସ୍ରାବ!!

ଶୃଙ୍ଗାର ରସର ଅମର ପ୍ରତୀକ ପୂର୍ଣ୍ଣ ସମର୍ପଣ କରୁ,
ପ୍ରେମ ପ୍ରଣୟର ମଖ୍ୟ ପୁରୋଧା ତୁ ପାଖୁଡ଼ାରେ ରଙ୍ଗ ଭରୁ ,
ଅଳପ ହସରେ ମହକୁ ଥାଉ ତୁ ମାନ କଲେ ଯାଉ ଝରି
ଛଦ୍ମବେଶ ଦେଖି ମଉଳି ଯାଉ ତୁ କାଳେ ହୋଇ ଯିବୁ ଚୋରି !!

କୋମଳ ଦଳର ଉଜ୍ଜ୍ୱଳ ରୂପରେ ସଂସାର ମୋହିତ ହୁଏ ବିଭବରେ
ତୋର ଆଚମ୍ବିତ ସୃଷ୍ଟି ପରମ ସାନ୍ନିଧ ପାଏ,
ଭାବ ବିହ୍ୱଳିତ କରିବାର ଶକ୍ତି ଗଚ୍ଛିତ ରଖିଛୁ ବୋଲି
ଅକୁଣ୍ଠ ଚିତ୍ତରେ ସମର୍ପିତ ହେଉ ତଥାପି ବୁଝେନା ଅଳି!!

ଧରଣୀ ରାଣୀର ସ୍ୱତନ୍ତ୍ର ସର୍ଜନା, ରୂପ ତୋର ମନ ଚୋରା
ଅବ୍ୟକ୍ତ ପଦରୁ ଅଳ୍ପ ଶୁଣାଉ ତୁ ବାକି ରହସ୍ୟରେ ଘେରା !!



ପାର୍ବତୀ ଭିଲ୍ଲା, ସୁନ୍ଦରପଦା
ଭୁବନେଶ୍ୱର
ମୋ- ୮୨୪୯୯୦୬୧୪୦

## ସେଇ ପ୍ରେମିକାର ମୁହଁ

ସିଦ୍ଧେଶ୍ୱର ତ୍ରିପାଠୀ

ଘରଣୀ ଶାଳୀଠୁ ଆହୁରି ସୁନ୍ଦର
ସେଇ ପ୍ରେମିକାର ମୁହଁ
ସେଥିପାଇଁ ବୋଧେ ଅବୁଝା ଏମନ
ତୁଟାଇ ପାରିନି ମୋହ ।



ଜଣେ ନାଇଲାଣି ମୋ ପାଇଁ ସିନ୍ଦୁର
ଆଉଜଣେ କରେ ଥଟା
ଆଜିବି ଛାତିରୁ ତା ସ୍ମୃତି ଲିଭିନି
ଏମିତି ନିଆରା ଅଠା ।



ଶ୍ରାବଣୀ ରାଗିଣୀ ନନ୍ଦିନୀ ଚାନ୍ଦିନୀ
କେହି ତାପରି ନୁହଁ
ଘରଣୀ ଶାଳୀଠୁ ଆହୁରି ସୁନ୍ଦର
ସେଇ ପ୍ରେମିକାର ମୁହଁ ।

ଝାଞ୍ଜି ଓ ବରଷା ଶରତ କାକର
ଶୀତ ବସନ୍ତର ପାଗ
ପ୍ରତି ମୁହୂର୍ତ୍ତରେ ଏ ମନ ଭିତରେ
ଥାଏଟିକେ ଅନୁରାଗ ।

ଭାବିଲେ ତାକଥା ଓଠେ ହସଭରେ
ଏ ଆଖିରୁ ଝରେ ଲୁହ
ଘରଣୀ ଶାଳୀଠୁ ଆହୁରି ସୁନ୍ଦର
ସେଇ ପ୍ରେମିକାର ମୁହଁ ।

ଖୋର୍ଦ୍ଧା

## ଗୋଟେ ବରଗଛର ଆତ୍ମକଥା

ଥିଲା ଗୋଟେ ସୁଉଚ୍ଚ ବରଗଛ
ଯାହାର ଓହଳମାନେ ଥିଲେ
ଖୁବ୍ ସଶକ୍ତ
ଡାଳରୁ ଓହଳି ମାଟିରେ ଭେଦି
ଗଛ ଚାରିପଟେ ବେଢ଼ିରହିଥିଲେ
ବେଶ୍ ସୁଦୃଢ଼ ।

ସେ ଗଛ ଡାଳରେ ବସା ବାନ୍ଧିଥିଲେ
କିଛି ପକ୍ଷୀ, କିଛି ଗୁଣ୍ଡୁଚି ମୂଷା
ଭରସା ଓ ବିଶ୍ୱାସର
ଶ୍ରୁତିମଧୁର କିଚିରମିଚିର, ଚୁଁ ଚାଁ ଶବ୍ଦରେ
ପାହିଯାଉଥିଲା ରାତି
ବହୁ ଭାଗ ଆଧାରରେ
ପୁରି ଉଠୁଥିଲା ପେଟ
ଗଲା ଆଇଲା କେତେ ଝଡ଼ଝଞ୍ଜା
ସମାହିତ ହେଉଥିଲା ଗଛର ଦେହରେ
ପିଟିହୋଇ ଫେରିଯାଉଥିଲା ଦୁର୍ଦ୍ଦିନ
ଶାଗୁଣାର ଥଣ୍ଟ ଖୁମ୍ପି ପାରୁନଥିଲା
ବାଇଚଢ଼େଇର ଘର ।

କାଳକ୍ରମେ ଶୁଖିଲା ପତ୍ରରେ ଭାରାକ୍ରାନ୍ତ
ଡାଳସବୁ କଟାହେଲା ,
ଶାଖାହୀନ ଗଣ୍ଡି ଅନେଇରହିଲା
ଚାତକର ଆଖିରେ
କେବେ ଫେରିବେ ଶାବକମାନେ
ଯେଉଁମାନେ ଏବେ ସୁସ୍ଥ, ଶବଳ
ଅଥଚ ବସା ସେମାନଙ୍କର ଅପହଞ୍ଚ,
ଅନେକ ଦୂର ।



ଶେଷରେ ମଲା ଓହଳ
ଧରିରଖିପାରିଲାନି ଶେଷ ଅସ୍ତିତ୍ୱ
ଧରାଶାୟୀ ହେଲା ବୃକ୍ଷାବଶେଷ
ମୂଳ ନିଅଁରେ ନିଆଁ ଲାଗି
ଧୂଆଁରେ ମୁହଁର ଆକୃତିଟିଏ ଦେଖାଗଲା
ଅବିକଳ ବାପାଙ୍କର ମୁହଁ ପରି ।

ଏମିତି ଦିନ ପରେ ଦିନ ଗଡ଼ିଚାଲିଲା
କଅଁଳିଲା ପକ୍ଷୀମାନଙ୍କର ଡେଣା
ଜଣେ ପରେ ଜଣେ ଉଡ଼ିଚାଲିଲେ
ଅନ୍ୟକେଉଁ ସୁଦୂର ପ୍ରାନ୍ତର
ବୟସର ଅତିକ୍ରାନ୍ତରେ
ବୁଢ଼ା ବରଗଛର ଟାଣ ଧୈର୍ଯ୍ୟ
ପୂର୍ବବତ୍ ଟାଣିରଖିଥିଲା
ସ୍ମୃତିର ମାଟିରେ
ଅଙ୍କାଯାଇଥିବା ଯାବତୀୟ ପଦଚିହ୍ନ ।

ଡ. ଦୀପକ କୁମାର ମିଶ୍ର



ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦

## ପୁରୁଷ

ତା ଆଡକୁ
ପଥର ଫିଙ୍ଗ ଅବା ଫୁଲ
ସେ ଯୋଦ୍ଧା ଚିରକାଳ ।

ସେ ଛାତିରେ
କଣ ଅଛି କେଜାଣି
ପ୍ରତିଥର ଝରେ ଅମ୍ଳାନ ଅମୃତ
ପ୍ରତିଶ୍ରୁତିର ପ୍ରେମ କାହାଣୀ ।

ସେ ଯମୁନା ପରି ଛଳଛଳ,
କାହା ପ୍ରତୀକ୍ଷାରେ
ବିଦଗ୍ଧ ବଂଶୀସ୍ୱନ,
ପ୍ରଣୟର ଛନ୍ଦଗୀତରେ ସେ
ଅଲେଖା ଚିଠିର ଚୁମା,
ଅନୁରାଗୀ ବର୍ଷାର
ଅନନ୍ତ ସମ୍ମୋହନ,
ପୁରୁଷ ଅସରନ୍ତି ପୂର୍ଣ୍ଣମୀ ତିଥିର
ସଫେଦ ପ୍ରଜ୍ଜ୍ୱଳନ,
ତଥାପି ସେ ସହେ
ଦାରୁଣ ଆଘାତର ଦହନ ।

ନାରୀ ପରି ପୁରୁଷକୁ ନେଇ
ଲେଖା ଯାଏ କବିତା,
ତହିଁରେ ଥାଏ ଅଦୃଶ୍ୟ ଦୀପର ସୌନ୍ଦର୍ଯ୍ୟ,
ସହନଶୀଳତାର ସଳିତା,

ପୁରୁଷ ବିନା କବିତା ନୁହଁଇ କି ବନ୍ଧ୍ୟା,
ସେଇଥିପାଇଁ ତ କବିତା ପୁରୁଷ କୋହରେ
ଚିରକାଳ ଲାସ୍ୟମୟୀ, ହାସ୍ୟମୟୀ
ସକାଳଠୁ ସନ୍ଧ୍ୟା,
ଏଯାବତ କିନ୍ତୁ କବିତାର ପୃଥିବୀରେ
ସେ ସ୍ୱୟଂ ଖୋଜିଚାଲିଛି ତାର ସହଭାଗିତା ।



ପୁରୁଷ ଲୁହର ବର୍ଷାରେ
ଭିଜୁଥିବା ଏକ ମରଣ ମୁହାଣୀ ପଥିକ,
ତା ଲୁହରେ ଭିଜେନି ମାଟି,
ଭିଜେନି କାହା ଆଖି,
ତା ଲୁହ ଅଦେଖା ନଈର ବେସୁରା ଗୀତି,
ସେ ନଷ୍ଟ ନୀଡର
ବଡବଡ ଫାଙ୍କ,
ସେ ସଂରକ୍ଷିତ ଯାତନାର ବୈଶାଖ
ଅଣସଂରକ୍ଷିତ ସୁଖର କଳଙ୍କିତ ନାୟକ ।

ସଭିଏଁ ଦେଖନ୍ତି ସେ ପଙ୍କ,
ସଂସାର ପାଇଁ ସେ
ତପୋରତ ପଦ୍ମରାଗର ଗାୟନ,
ସତ୍ୟ ଅହିଂସାର ସଳଖ ପଥରେ ସେ
ଯନ୍ତ୍ରଣାର ଯୀଶୁ,
ମାତ୍ର କାଳ କାଳ ସେ କରୁଣାର ଫଳପ୍ରସୂ,
ପୁରୁଷ ପାଇଁ ଅଛୁଆଁ କି
ପୁଲକିତ ପ୍ରେମ ଓ ପ୍ରସ୍ଫୁଟିତ ଜୀବନ ?

ସୁଜିତ କୁମାର ମିଶ୍ର

ଅଗସ୍ତି, ହରିଶ୍ଚନ୍ଦ୍ର ପରି ସବୁକିଛି ଦେଇ
ସେ ନିସ୍ୱ ଉପେକ୍ଷିତ ଛାଇ,
ବିବେକପଣର ଗୀତ ଗାଇ ଗାଇ
ସେ ମଶାଣିର ଜୁଇ,
ତା ପାଇଁ ବାସଫୁଲର ହସ କାହିଁ ?

ସେ ଗଢେ ମନ୍ଦିର, ପୂଜା ପାଏନା,
ସେ ଲେଖେ ବହି ଚର୍ଚ୍ଚିତ ହୁଏ ନା
ନାହିଁ ନାହିଁର ସଂସାର ଭିତରେ
ସେ ନିରବଧି ମଳାସ୍ୱପ୍ନ,
ନିରୁଦ୍ଦିଷ୍ଟ ଜହ୍ନ ।

ଗୋଟିଏ କାଳଖଣ୍ଡର
ସେ ସ୍ୱର୍ଣ୍ଣିମ ଇତିହାସ,
ତା ଅସ୍ତିତ୍ୱ ଏଯାବତ କିନ୍ତୁ ରହସ୍ୟର
ଅନ୍ଧାରୀ ପାଖୁଡାରେ ଅସରନ୍ତି ଅପଯଶ ।

ଅନ୍ୟାୟ ଅନୀତିର ପାହାଡରେ
ପୁରୁଷ ପ୍ରତିକ୍ଷଣ ପବନକୁ
କରିଛି ତା ଶେଜ,
ତା ପାଇଁ ଈଶ୍ୱର ବି
ଏକ ନାମବାଚକ ଶବ୍ଦ ?

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର, ମୋ-୭୬୮୩୮୬୭୭୪୨

## ଦାବିଟେ କରିବା

ବିକାଶୀ ପ୍ରିୟଦର୍ଶିନୀ ରାଉତ

ମା'ର ଅଭାବ ବୋଧ
ଶ୍ରୀକୃଷ୍ଣଙ୍କୁ ମିଳିଥିଲା
ଜନ୍ମଦାତ୍ରୀ - ପାଳନକର୍ତ୍ତ୍ରୀ
ଉଭୟଙ୍କ ଦୂରତାରେ
ମମତାର ମଧୁରତା
ଶିଥିଳ ପଡୁଥିଲା ॥

ପରିବାରଠୁ ଅନ୍ତର ହେବାର
ବ୍ୟଥା ଶ୍ରୀରାମଙ୍କୁ ବି ମିଳିଥିଲା,
ପିତୃ ସତ୍ୟ ପାଳନର
କର୍ତ୍ତବ୍ୟର ଦ୍ୱାହିରେ
ଚଉଦ ବର୍ଷ ବନବାସ
ବରିବାକୁ ପଡିଥିଲା ॥

ପ୍ରେମର ଯନ୍ତ୍ରଣା ମହାଦେବଙ୍କୁ
ଭୋଗିବାକୁ ପଡିଥିଲା,
ପ୍ରଜାପତି ଦକ୍ଷର
ରୁଗ୍ଣ ମାନସିକତାରେ
ସତୀଙ୍କର ଆହୁତି
କେଡେ ନିର୍ମମ ଥିଲା ॥

ଭୋକର ପ୍ରକୋପତା
ମହାପ୍ରଭୁଙ୍କୁ ଗ୍ରାସିଥିଲା
ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ଦୋଚାରୁଣୀ
ଆକ୍ଷା ଦେଇ......
ବର୍ଷ ବର୍ଷ ଅନ୍ନ- ବାସ
ବିହୁନେ କଟିଥିଲା ॥

ଆମେ ତ ଛାର ମଣିଷ......
ଏ ସଖି !
ଚାଲ ନା ଅନ୍ଧାରକୁ
ଆଖିଠାର ମାରି
ନିଃଶବ୍ଦ ଆଳାପ ବାଣ୍ଟିବା
ଏ ନଶ୍ୱର ଦେହର
ତାଜା ରକ୍ତ, ମାଂସ, ହାଡ
ଶୋଷିବା ବଦଳେ
ଶାନ୍ତି, ମୈତ୍ରୀ ବୁଣିବାକୁ
ଦାବିଟେ କରିବା ॥



ସହକାରୀ ଶିକ୍ଷୟିତ୍ରୀ ବଡ଼ପଲ୍ଲୀ ପ୍ରାଥମିକ ବିଦ୍ୟାଳୟ,
ରାଜନଗର, କେନ୍ଦ୍ରାପଡା

## ଅହିନର୍କ : ଭ୍ରମଣ

କିଛି ଅତିଥି ପହଁଞ୍ଚିଲେ
ନର୍କପୁରର ପ୍ରବେଶ ପଥରେ ଆମନ୍ତ୍ରଣ ହେଇ
ଯମଦଣ୍ଡକୁ ଆପଣାଇବାର ଆଶାରେ
ଅନ୍ୟକିଛି ଚେତନ ଓ ଅବଚେତନ ମସ୍ତିଷ୍କ ମଧ୍ୟରେ
ଖେଳି ବୁଲୁଥିଲେ ଆଜୀବନ ସ୍ୱର୍ଗ ଆହରଣରେ
ଜାତକ ଜନ୍ମ ଓ ମରଣର ପାଞ୍ଜି ରେଜିଷ୍ଟ୍ରେରୀ ଭିତରେ
ଚନ୍ଦ୍ରଗୁପ୍ତଙ୍କ ପାଖ ନୋଟ୍ ବୁକରେ

ସେ ଲିଷ୍ଟ୍ ଭିତରୁ ବୋଧେ ମୋ ନାମ ଟା ବାଦ୍ ପଡିଚି
ସ୍ୱର୍ଗପୁର ଛାଡି ଯିବାକୁ ହେବ ଅହିନର୍କକୁ ,
ପୋଷାକ , ବସ୍ତାନି , ବହି , ସଂମ୍ପର୍କକୁ ଘରେ ଛାଡି ଦେଲି
ଏଠି ଭାବିକି ଏକାକୀ କରିବି କଣ ?
ଜେଲ ଆଉ କାଳକୋଠୀର ଆହ୍ୱାନ ଦେଲା ପରେ କେହି ଜଣେ ପଛରୁ
କୁରାଢୀରେ ମାରିଦିଏ
ଆଗକୁ ଆଗକୁ ସିଧା ଧାଡିରେ ଯିବାକୁ ।



ପହଞ୍ଚିବାର ପ୍ରଥମ ପାହାଚରେ
ତତଲା ଲୁହା କଢେଇମାନେ ସୁସ୍ୱାଗତ କଲେ ,
ଅପେକ୍ଷା ସେ ବି ବହୁତ ସମୟରୁ କରିଚି
ନେସି ଦେବାକୁ ଅନେକ ପାପୀ ତା ତନୁରେ
ଜାଲିଚଟୁରେ ଛାଣିଲା ପରି ଓ ଖାଡି ମାଂସର ରୂପ ଦେଇ ସିଝା ଚାଲିଛି ।

ଜଣ ଜଣ ଭିତରେ ଭାରି ଭଲ ସତରଞ୍ଜ ଖେଳର
ଆସର ଜମିବାକୁ ଲାଗିଲାଣି ,
ହାରିବା ଆଉ ହରାଇବା ଲୋକର ଆଙ୍ଗୁଠିରେ
ଚାଲିଛି ରଜା ପ୍ରଜାର ଖେଳ
ଚକ୍ଷୁମାନେ ବୋଧେ ପ୍ରବଳ ଯନ୍ତ୍ରଣା
ଅନୁଭବ କଲେଣି ତେଣୁ ରେଷ୍ଟ୍ ଭିତରେ
ଗିଲି ଦାଣ୍ଡି ଆଉ ବାଟି ଖେଳରେ ଲଗାଯାଇଛି
ଟିକି ପିଲାଙ୍କ ମଉଜରେ ।



ଶଙ୍କର ବିଶ୍ୱାଳ

ଦୂତ ମାନଙ୍କ ଉପଯୋଗିତା ଏବେ ଯାଏଁ ମରିନି
ତେଣୁ ଲାଳସା କ୍ରମଶଃ ଧିରେ ଧିରେ ନୀରବଚ୍ଛିନ୍ନ
ଅବଶ୍ୟ ସ୍ଥିରତା ଭିତରେ ସମସ୍ତେ
କିନ୍ତୁ ନୂଆ କରି ଆସୁଥିବା ଅତିଥି ମାନେ ବେଶ ହସଖୁସିଆ ।

କ୍ଷତ୍ରିୟ ଶିକ୍ଷା ଗବେଷଣା ଓ ଅନୁସନ୍ଧାନ,
ଭୋପାଳ ବିଶ୍ୱବିଦ୍ୟାଳୟ

# ବାରବାଟୀକୁ ଫେରିଲା ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ : ଫେବୃୟାରୀ ୯ରେ ଭାରତ-ଇଂଲଣ୍ଡ ମୁକାବିଲା

**କଟକ**

ଓଡ଼ିଶାର କ୍ରିକେଟ ପ୍ରେମୀଙ୍କ ପାଇଁ ଖୁସି ଖବର। କଟକର ବାରବାଟୀ ଷ୍ଟାଡ଼ିୟମକୁ ଫେରିବାକୁ ଯାଉଛି ଅନ୍ତର୍ଜାତୀୟ ମ୍ୟାଚ୍। ବାରବାଟୀ ଷ୍ଟାଡ଼ିୟମରେ ଦିନିକିଆ ମ୍ୟାଚ୍ ଖେଳିବେ ଭାରତ ଓ ଇଂଲଣ୍ଡ। ଆସନ୍ତା ବର୍ଷ ଫେବୃଆରୀ ୯ ତାରିଖରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ଇଂଲଣ୍ଡ ବିପକ୍ଷ ୩ଟିକିଆ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ୍ ବାରବାଟୀରେ ଆୟୋଜନ କରିବାକୁ ବିସିସିଆଇ ନିଷ୍ପତ୍ତି ନେଇଛି।

ଦୀର୍ଘ ୫ ବର୍ଷ ପରେ ବାରବାଟୀକୁ ଦିନିକିଆ କ୍ରିକେଟ ଫେରିବାକୁ ଯାଉଛି। ଶେଷଥର ପାଇଁ ୨୦୧୯ ମସିହା ଡିସେମ୍ବର ୨୨ରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଦିନିକିଆ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଭାରତ ଉକ୍ତ ମ୍ୟାଚ୍‌କୁ ୪ ୱିକେଟରେ ଜିତି ନେଇଥିଲା। ଏବେ ପୁଣି ଭାରତୀୟ ଟିମ୍ ଇଂଲଣ୍ଡର ମୁକାବିଲା ବାରବାଟୀରେ କରିବାକୁ ଯାଉଛି। ଏହାପୂର୍ବରୁ ମଧ୍ୟ ଭାରତୀୟ ଟିମ୍ ବାରବାଟୀରେ ୨୦୧୭ରେ ଇଂଲଣ୍ଡକୁ ହରାଇଥିଲା। ଉକ୍ତ ମ୍ୟାଚ୍‌ରେ ମହେନ୍ଦ୍ର ସିଂହ ଧୋନି ଓ ଯୁବରାଜ ସିଂହ ଶତକ ହାସଲ କରିଥିଲେ। ଭାରତୀୟ ଟିମ୍ ବାରବାଟୀରେ ୧୦ଟି ଦିନିକିଆ ମ୍ୟାଚ୍ ଖେଳିଥିବା ବେଳେ ୮ଟିରେ ବିଜୟୀ ହୋଇଛି। ଏହାବାଦ୍ ଭାରତ ଶେଷଥର ପାଇଁ ବାରବାଟୀରେ ଟି-୨୦ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଥିଲା। ୨୦୨୨ ମସିହା ଜୁନ ୧୨ ତାରିଖରେ ଖେଳା ଯାଇଥିବା ମ୍ୟାଚ୍‌ରେ ଭାରତୀୟ ଟିମ୍ ୪ ୱିକେଟରେ ଦକ୍ଷିଣ ଆଫ୍ରିକା ଠାରୁ ହାରିଥିଲା।

ବିସିସିଆଇ ୨୦୨୪-୨୫ ଘରୋଇ ସିଜିନର ମ୍ୟାଚ୍ ତାରିଖ ଓ ଭେନ୍ୟୁଗୁଡ଼ିକର ନାଁ ଘୋଷଣା କରିଛି। ଏହି ଘରୋଇ ସିଜିନ୍‌ରେ



ଭାରତ ଗସ୍ତରେ ବାଂଲାଦେଶ, ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ଆସିବେ। ଏହି ସିଜିନ ବାଂଲାଦେଶ ବିପକ୍ଷ ୨ଟିକିଆ ଟେଷ୍ଟ ସିରିଜ୍‌ରୁ ଆରମ୍ଭ ହେବ। ଏହାପରେ ବାଂଲାଦେଶ ୩ଟି ଟି-୨୦ ମ୍ୟାଚ୍ ଖେଳିବ।

ବାଂଲାଦେଶ ସିରିଜ୍ ପରେ ଭାରତ ଗସ୍ତରେ ଆସିବ ନ୍ୟୁଜିଲାଣ୍ଡ। ଦୁଇ ଦେଶ ମଧ୍ୟରେ ୩ଟିକିଆ ଟେଷ୍ଟ ସିରିଜ୍ ଅକ୍ଟୋବର ୧୬ରୁ ଆରମ୍ଭ ହେବ। ଏହା ନଭେମ୍ବର ମାସର ପ୍ରଥମ ସପ୍ତାହ ଯାଏ ଚାଲିବ। ଏହାପରେ ଭାରତୀୟ ଟିମ୍ ୫ ଟିକିଆ ଟେଷ୍ଟ ସିରିଜ୍ ଖେଳିବାକୁ ଅଷ୍ଟ୍ରେଲିଆ ଯିବ।

ଭାରତୀୟ ଟିମ୍ ଆସନ୍ତା ବର୍ଷ ଘରୋଇ ସିଜିନ ଇଂଲଣ୍ଡ ବିପକ୍ଷ ସିରିଜରୁ ଆରମ୍ଭ କରିବ। ଏହି ଗସ୍ତ ସମୟରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ଟି ଟି-୨୦ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳାଯିବ। ପ୍ରଥମେ ଟି-୨୦ ସିରିଜ ପରେ ଦିନିକିଆ ମ୍ୟାଚ୍‌ଗୁଡ଼ିକ ଆୟୋଜନ ହେବ।

**ବାଂଲାଦେଶର ବିପକ୍ଷ ସିରିଜ୍**
ପ୍ରଥମ ଟେଷ୍ଟ : ସେପ୍ଟେମ୍ବର ୧୯ରୁ ୨୩- ଚେନ୍ନାଇ
ଦ୍ୱିତୀୟ ଟେଷ୍ଟ : ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୧- କାନପୁର
ପ୍ରଥମ ଟି-୨୦: ଅକ୍ଟୋବର ୬ ତାରିଖ ଧର୍ମଶାଳା
ଦ୍ୱିତୀୟ ଟି-୨୦ : ଅକ୍ଟୋବର ୯ ତାରିଖ- ଦିଲ୍ଲୀ
ତୃତୀୟ ଟି-୨୦: ଅକ୍ଟୋବର ୧୨ ତାରିଖ- ହାଇଦ୍ରାବାଦ

**ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍**
ପ୍ରଥମ ଟେଷ୍ଟ: ଅକ୍ଟୋବର ୧୬ରୁ ୨୦ ତାରିଖ ବେଙ୍ଗାଲୁରୁ
ଦ୍ୱିତୀୟ ଟେଷ୍ଟ: ଅକ୍ଟୋବର ୨୪ରୁ ୨୮ ତାରିଖ- ପୁଣେ
ତୃତୀୟ ଟେଷ୍ଟ : ନଭେମ୍ବର ୧ରୁ ୫ ତାରିଖ- ମୁମ୍ବାଇ

**ଇଂଲଣ୍ଡ ବିପକ୍ଷ ସିରିଜ୍**
ପ୍ରଥମ ଟି-୨୦: ଜାନୁଆରୀ ୨୨ ତାରିଖ ଚେନ୍ନାଇ
ଦ୍ୱିତୀୟ ଟି-୨୦: ଜାନୁଆରୀ ୨୫ ତାରିଖ- କୋଲକାତା
ତୃତୀୟ ଟି-୨୦: ଜାନୁଆରୀ ୨୮ ତାରିଖ- ରାଜକୋଟ
୪ର୍ଥ ଟି-୨୦: ଜାନୁଆରୀ ୩୧ ତାରିଖ- ପୁଣେ
୫ମ ଟି-୨୦: ଫେବୃଆରୀ ୨ ତାରିଖ- ମୁମ୍ବାଇ
ପ୍ରଥମ ଦିନିକିଆ: ଫେବୃଆରୀ ୬ ତାରିଖ- ନାଗପୁର
**ଦ୍ୱିତୀୟ ଦିନିକିଆ: ଫେବୃଆରୀ ୯ ତାରିଖ କଟକ**
ତୃତୀୟ ଦିନିକିଆ: ଫେବୃଆରୀ ୧୨ ତାରିଖ – ଅହମଦାବାଦ

## ଟି-୨୦ ବିଶ୍ୱକପ୍ : ସୁପର-୮ରେ ଆଜି...

ଆମେରିକା ବନାମ ୱେଷ୍ଟଇଣ୍ଡିଜ୍ (ସନ୍ଧ୍ୟା ୮ଟା)
ଦକ୍ଷିଣଆଫ୍ରିକା ବନାମ ଇଂଲଣ୍ଡ (ସକାଳ ୬ଟା)

# ଟି-୨୦ ଫର୍ମାଟ୍‌ରୁ ଅବସର ଘୋଷଣା କଲେ କେନ୍ ୱିଲିୟମସନ୍



**ନୂଆଦିଲ୍ଲୀ**

ଆଇସିସି ଟି-୨୦ ବିଶ୍ୱକପ ୨୦୨୪ରେ, କେନ ୱିଲିୟମସନଙ୍କ ଅଧିନାୟକତ୍ୱରେ ନ୍ୟୁଜିଲାଣ୍ଡ ଦଳ ସୁପର ୮ରେ ମଧ୍ୟ ନିଜ ସ୍ଥାନ ସୁରକ୍ଷିତ କରିବାରେ ସଫଳ ହୋଇପାରିଲା ନାହିଁ। ଏହି ଟୁର୍ଣ୍ଣାମେଣ୍ଟରେ ଗ୍ରୁପ ସିର ଅଂଶବିଶେଷ କିୱି ଦଳକୁ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଆଫଗାନିସ୍ତାନ ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଟି-୨୦ ବିଶ୍ୱକପ ଇତିହାସରେ ଏହା ପ୍ରଥମ ଥର ପାଇଁ ଘଟିଥିଲା ଯେ କିୱି ଦଳ ଗ୍ରୁପ ପର୍ଯ୍ୟାୟ ଅତିକ୍ରମ କରିବାରେ ସଫଳ ହୋଇପାରିଲା ନାହିଁ। ବର୍ତ୍ତମାନ ଦଳର ଖରାପ ପ୍ରଦର୍ଶନକୁ ଦୃଷ୍ଟିରେ ରଖି କ୍ୟାପଟେନ ୱିଲିୟମସନ ମଧ୍ୟ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସେ ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡର ପ୍ଲେୟାର ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି।

ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ ଦ୍ୱାରା ଜାରି ଏକ ବିବୃତ୍ତିରେ ସେ ସୂଚନା ଦେଇଛନ୍ତି, ପ୍ଲେୟାର ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ଛାଡ଼ିବା ସହିତ କେନ ୱିଲିୟମସନ ମଧ୍ୟ ସୀମିତ ଓଭର ଫର୍ମାଟରେ ଦଳର ଅଧିନାୟକତ୍ୱ ଛାଡ଼ିଛନ୍ତି। କିୱି ଦଳର ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ଅନ୍ତର୍ଭୁକ୍ତ ଖେଳାଳିମାନେ ଜାତୀୟ ଦଳ ଏବଂ ଘରୋଇ ସୁପର ସ୍ମାଶ୍‌ର ମ୍ୟାଚ୍ ପାଇଁ ଉପଲବ୍ଧ ହେବା ଆବଶ୍ୟକ। ତାଙ୍କ ନିଷ୍ପତ୍ତି ସମ୍ପର୍କରେ କେନ ୱିଲିୟମ୍ସନ କହିଛନ୍ତି, ମୁଁ ସମସ୍ତ ଫର୍ମାଟରେ ଦଳକୁ ଅଗ୍ରଗତି କରିବାରେ ସାହାଯ୍ୟ କରିଛି ଏବଂ ଭବିଷ୍ୟତରେ ମଧ୍ୟ ମୁଁ ଅବଦାନ ଜାରି ରଖିବି। ମୁଁ ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ଗ୍ରହଣ କରିବାକୁ ଅସମର୍ଥ। ନ୍ୟୁଜିଲାଣ୍ଡ ପାଇଁ ଖେଳିବା ମୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଦଳ ପାଇଁ ଖେଳିବା ମୋ ପାଇଁ ତଥାପି ଗୁରୁତ୍ୱପୂର୍ଣ୍ଣ। ତଥାପି କ୍ରିକେଟ ବାହାରେ ମୋ ଜୀବନ ବହୁତ ବଦଳିଛି। ମୁଁ ବର୍ତ୍ତମାନ ମୋ ପରିବାର ସହିତ ଅଧିକ ସମୟ ବିତାଇବାକୁ ଚାହୁଁଛି।

କେନ ୱିଲିୟମସନ ଟେଷ୍ଟ କ୍ରିକେଟରେ ନ୍ୟୁଜିଲାଣ୍ଡ ଦଳର ଅଧିନାୟକତ୍ୱ ଛାଡ଼ିସାରିଥିବା ବେଳେ ବର୍ତ୍ତମାନ ସେ ସୀମିତ ଓଭର ଫର୍ମାଟରେ ଦଳର ଅଧିନାୟକତ୍ୱ ମଧ୍ୟ ଛାଡ଼ିଛନ୍ତି। ୯୧ଟି ଦିନିକିଆ ମ୍ୟାଚ୍‌ରେ ଏବଂ ୭୫ ଟି-୨୦ ମ୍ୟାଚରେ କିୱି ଦଳର ଅଧିନାୟକ ଦାୟିତ୍ୱ ନେଇଛନ୍ତି କେନ ୱିଲିୟମସନ।

# ଟି-୨୦ ବିଶ୍ୱକପ : ଆଫଗାନିସ୍ତାନକୁ ୪୭ରନ୍ ରେ ହରାଇଲା ଭାରତ

**ବାର୍ବାଡୋସ**

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଭାରତୀୟ ଟିମ୍‌ର ଦୁଇ ଓପନର ରୋହିତ ଶର୍ମା ଓ ବିରାଟ କୋହଲି ଆରମ୍ଭରୁ ସାମାନ୍ୟ ସତର୍କତା ଅବଲମ୍ବନ କରିଥିଲେ। ରନ ବାହାରୁ ନଥିବାରୁ ରୋହିତ ବଡ଼ ଶଟ ଖେଳିବା ଲୋଭରେ ଫଜଲହକ ଫାରୁକିଙ୍କ ବଲରେ ୮ ରନ କରି ଆଉଟ ହୋଇ ଯାଇଥିଲେ ରୋହିତ ଶର୍ମା। ବିରାଟ କୋହଲି କିଛି ବଡ଼ ସଟ ଖେଳିଥିଲେ ମଧ୍ୟ କେବଳ ୨୪ ବଲରେ ୨୪ ରନ କରି ରାଶିଦ ଖାନଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ। ରଷଭ ପନ୍ତ ୧୧ ବଲରେ ୨୦ ଓ ଶିବମ ଦୁବେ ୧୦ ରନ କରି ରାଶିଦଙ୍କ ଶିକାର ବନିଥିଲେ। ୧୧ ଓଭର ସୁଦ୍ଧା ଭାରତୀୟ ଟିମ୍ ୯୦ ରନରେ ୪ ୱିକେଟ ହରାଇଥିଲା।

ଏବେ ସବୁ ଦାୟିତ୍ୱ ସୂର୍ଯ୍ୟ କୁମାର ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ରହିଥିଲା। ଉଭୟ ମଧ୍ୟ ଦମ୍‌ଦାର ବ୍ୟାଟିଂ କରି ଭାରତୀୟ ସ୍କୋରକୁ ଆଗକୁ ନେଇଥିଲେ। ୧୫ ଓଭର ସୁଦ୍ଧା ଦଳର ସ୍କୋରକୁ ଉଭୟ ୧୨୬ ରନରେ ପହଞ୍ଚାଇ ଦେଇଥିଲେ। ବିଶେଷ କରି ସୂର୍ଯ୍ୟ କୁମାରଙ୍କ ବ୍ୟାଟରୁ ବଡ଼ବଡ଼ ସଟ୍ ସବୁ ଦେଖିବାକୁ ମିଳିଥିଲା। ୧୬ ଓଭର ଶେଷ ସୁଦ୍ଧା ସୂର୍ଯ୍ୟ କୁମାର ୨୧ ବଲରେ ୪୧ ଓ ପାଣ୍ଡ୍ୟା ୧୪ ବଲରେ ୧୩ ରନ କରିଥିଲେ। ୧୭ତମ ଓଭରରେ ପାଣ୍ଡ୍ୟା ଗିୟର ବଦଳାଇ ନୂର ଅହମଦଙ୍କ ବଲରେ ଗୋଟିଏ ଛକା ଓ ଚୌକା ମାରି ନିଜର ବିସ୍ଫୋରକ ରୂପ ଦେଖାଇଥିଲେ। ଏହି ଓଭରରେ ଭାରତକୁ ୧୨ ରନ ମିଳିଥିଲା।



୧୭ତମ ଓଭରରେ ସୂର୍ଯ୍ୟ କୁମାର ଯାଦବ ନିଜର ଦମ୍ ଦେଖାଇ ମାତ୍ର ୨୭ ବଲରେ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ପ୍ରଥମ ଗୋଟିଏ ଛକା ଓ ପରେ ଚୌକା ମାରି ୫୦ ରନ ପୂରଣ କରିଥିଲେ। ତେବେ ପରବର୍ତ୍ତୀ ବଲରେ ବଡ଼ ସଟ୍ ମାରିବାକୁ ଯାଇ ବାଉଣ୍ଡରୀ ପାଖରେ ଧରା ପଡ଼ି ଯାଇଥିଲେ। ଭାରତ ୧୫୦ ରନରେ ୫ମ ୱିକେଟ ହରାଇଥିଲା। ସୂର୍ଯ୍ୟ କୁମାର ତାଙ୍କର ଏହି ଇନିଂସରେ ୩ଟି ଛକା ଓ ୫ଟି ଚୌକା ମାରିଛନ୍ତି।

ସୂର୍ଯ୍ୟ କୁମାର ଆଉଟ ହୋଇଥିଲେ ହେଁ ଏହାର ପ୍ରଭାବ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ପଡ଼ିନଥିଲା। ସେ ପୂର୍ବ ଭଳି ବଡ଼ବଡ଼ ସଟ୍ ଖେଳିବା ଜାରି ରଖିଥିଲେ ୧୮ତମ ଓଭର ପକାଉଥିବା ନବୀନ ଉଲ ହକଙ୍କୁ ପାଣ୍ଡ୍ୟା ଛକା ମଧ୍ୟ ମାରିଥିଲେ। ତେବେ ଶେଷ ବଲରେ ସେ କ୍ୟାଚ୍ ଆଉଟ ହୋଇଯାଇଥିଲେ। ପାଣ୍ଡ୍ୟା ୨୪ ବଲରେ ୩୨ ରନ କରି ଆଉଟ ହୋଇଥିଲେ। ଭାରତ ୧୫୯ ରନରେ ତା'ର ୬ଷ୍ଠ ୱିକେଟ ହରାଇଥିଲା।

୧୯ତମ ଓଭର ବୋଲିଂ କରିବାକୁ ଆସିଥିଲେ ଫଜଲହକ ଫାରୁକି। ତାଙ୍କର ପ୍ରଥମ ବଲରେ ରବୀନ୍ଦ୍ର ଜାଡେଜା ୨ ରନ କରିଥିଲେ। ଦ୍ୱିତୀୟ ବଲ୍ ଡଟ୍ ହୋଇଥିଲା। ତୃତୀୟ ବଲରେ ସେ ଗୋଟିଏ ଚୌକା ମାରିଥିଲେ। ତେବେ ୪ର୍ଥ ବଲରେ ଜାଡେଜା ମଧ୍ୟ ବି ଆଉଟ ହୋଇ ଯାଇଥିଲେ। ଫାରୁକିଙ୍କୁ ବି ତୃତୀୟ ସଫଳତା ମିଳିଥିଲା। ସେ ଏହି ଓଭରରେ ମାତ୍ର ୮ ରନ ଦେଇଥିଲେ।

ଆଫଗାନିସ୍ତାନ ପାଇଁ ଶେଷ ଓଭର ନେଇ ଆସିଥିଲେ ନବୀନ ଉଲ ହକ୍। ସାମ୍ନାରେ ଥିଲେ ଅକ୍ଷର ପଟେଲ। ସେ ୱାଇଡ୍‌ରୁ ଶେଷ ଓଭର ଆରମ୍ଭ କରିଥିଲେ। ତେବେ ପରବର୍ତ୍ତୀ ବଲ ଡଟ୍ ହୋଇଥିଲା। ଦ୍ୱିତୀୟ ବଲରେ ୨ ରନ ହୋଇଥିଲା। ତୃତୀୟ ବଲରେ ଅକ୍ଷର ଦମ୍‌ଦାର ଚୌକା ମାରିଥିଲେ। ୪ର୍ଥ ବଲରେ ମଧ୍ୟ ୨ ରନ ମିଳିଥିଲା। ୫ମ ବଲରେ ଅକ୍ଷର ଆଉ ଏକ ଚୌକା ମାରିଥିଲେ। ନବୀନ ପୁଣି ୱାଇଡ ପକାଇଥିଲେ। ତେବେ ଶେଷ ବଲରେ ଅକ୍ଷର ରନ ଆଉଟ ହୋଇଯିବାରୁ ଭାରତୀୟ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୮୧ ରନ କରିପାରିଥିଲା। ଅକ୍ଷର ଶେଷ ବ୍ୟାଟର ଭାବେ ୧୨ ରନ କରି ଆଉଟ ହୋଇଥିଲେ।

ଆଫଗାନିସ୍ତାନ ପକ୍ଷରୁ ରାମାନୁଲା ଗୁରବାଜ ୧୧, ହଜ୍ରାତୁଲା ଜଜାଇ ୨, ଇବ୍ରାହିମ୍ ଜର୍ଦାନ ୮, ଗୁଲବାଦିନ ନାଏବ ୧୭, ଆଜ୍‌ମାତୁଲା ଅମାରଜାଇ ୨୬, ନଜିବୁଲା ଜର୍ଦାନ ୧୯, ମହମ୍ମଦ ନବୀ ୧୪, ରସିଦ ଖାନ ୨ ରନ୍ କରି ଆଉଟ୍ ହୋଇଯାଇଥିଲେ। ଆଫଗାନିସ୍ତାନ ୨୦ ଓଭରରେ ୧୩୪ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଭାରତ ୪୭ ରନରେ ବିଜୟୀ ହୋଇଥିଲା।

ଯଶପ୍ରିତ୍ ବୁମ୍‌ରାଙ୍କୁ ୩ ୱିକେଟ୍ ମିଳିଥିବା ବେଳେ କୁଲଦୀପ ଯାଦବଙ୍କୁ ୨, ଅର୍ଶଦୀପ ସିଂଙ୍କୁ ୨, ଅକ୍ଷର ପଟେଲ, ରବୀନ୍ଦ୍ର ଜାଡ଼େଜା, ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

# ବାଲକୋନୀରୁ ଖସି ପଡ଼ି ଚାଲିଗଲା ଭାରତୀୟ ଟିମ୍‌ର ପୂର୍ବତନ କ୍ରିକେଟରଙ୍କ ଜୀବନ

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ପୂର୍ବତନ ଦ୍ରୁତ ବୋଲର ଡାଭିଡ୍ ଜନସନ ଆଉ ନାହାନ୍ତି। ସେ ତାଙ୍କ ୪ର୍ଥ ମହଲା ଆପାର୍ଟମେଣ୍ଟର ବାଲକୋନୀରୁ ଖସି ପଡ଼ିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ଏହା ଦୁର୍ଘଟଣା ନା ସେ ବାଲ୍‌କୋନୀରୁ ଡେଇଁ ଆତ୍ମହତ୍ୟା କରିଛନ୍ତି, ସେକଥା ଜଣାପଡ଼ିନି। ବେଙ୍ଗାଲୁରୁ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛି।

୫୨ ବର୍ଷୀୟ ଡାଭିଡ ଜନସନ ନିଜର ପତ୍ନୀ ଓ ଦୁଇ ପିଲାଙ୍କ ସହ ରହୁଥିଲେ। ଘର ପାଖରେ ସେ ଗୋଟିଏ କ୍ରିକେଟ ଏକାଡେମୀ ଖୋଲି ପିଲାମାନଙ୍କୁ ଟ୍ରେନିଂ ଦେଉଥିଲେ। କିନ୍ତୁ ବେଶ୍ କିଛି ଦିନ ହେବ ତାଙ୍କ ଅବସ୍ଥା ଭଲ ନଥିଲା ବୋଲି କୁହାଯାଉଛି।

କର୍ଣ୍ଣାଟକା କ୍ରିକେଟ ଆସୋସିଏସନର ଜଣେ ଅଧିକାରୀ କହିଛନ୍ତି, ଡାଭିଡ ଜନସନ ତାଙ୍କ ଆପାର୍ଟମେଣ୍ଟ ବିଲ୍‌ଡିଂର ୪ର୍ଥ ମହଲାରୁ ଖସି ପଡ଼ିଥିବା ଆମକୁ ଖବର ମିଳିଥିଲା। ଘଟଣା ପରେ ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ



ଘୋଷଣା କରିଛନ୍ତି। ଡାଭିଡ ଜନସନ ଓ ତାଙ୍କ ପରିବାର ଲୋକ କୋଥାନୁର ସ୍ଥିତ କନକ ଶ୍ରୀ ଲେଆଉଟ ଆପାର୍ଟମେଣ୍ଟର ୪ର୍ଥ ମହମଲାରେ ରହୁଥିଲେ। ସେଇଠାରେ ଏହି ଘଟଣା ଘଟିଥିବା ଅଧିକାରୀ ଜଣଙ୍କ କହିଛନ୍ତି।

ଡାଭିଡ ଜନସନ ଭାରତ ପାଇଁ ୨ଟି ଟେଷ୍ଟ ଖେଳିଥିବା ବେଳେ ୩୯ଟି ପ୍ରଥମ ଶ୍ରେଣୀ କ୍ରିକେଟରେ ନଜର ଆସିଥିଲେ। ଅନୀଲ କୁମ୍ବଲେ, ଜବାଗଲ ଶ୍ରୀନାଥ, ଭେଙ୍କଟେଶ ପ୍ରସାଦ ଓ ଡୋଡ଼ା ଗଣେଶଙ୍କ ଭଳି ପ୍ରସିଦ୍ଧ କର୍ଣ୍ଣାଟକା ବୋଲରଙ୍କ ଭଳି ଜନସନ ମଧ୍ୟ ବେଶ ଖ୍ୟାତି ଅର୍ଜନ କରିଥିଲେ। ଡାଭିଡ ଜନସନଙ୍କ ମୃତ୍ୟୁରେ ଗଣେଶଙ୍କ ଠାରୁ ଆରମ୍ଭ କରି ଅନୀଲ କୁମ୍ବଲେ ଓ ବିସିସିଆଇର ସମ୍ପାଦକ ଜୟ ଶାହ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ୟୁରୋ କପ୍: ପର୍ତ୍ତୁଗାଲ୍‌ର ବିଜୟ ଅଭିଯାନ

**ଲିପ୍‌ଜିଗ୍**

ଚଳିତ ୟୁରୋ କପ୍ ଫୁଟ୍‌ବଲ ପ୍ରତିଯୋଗିତାରେ ଖେଳାଯାଇଥିବା ଏକ ଗ୍ରୁପ୍-ଏଫ ମ୍ୟାଚ୍‌ରେ ପଲର୍ତ୍ତୁଗାଲ୍ ୨-୧ ଗୋଲ୍‌ରେ ଚେଚିଆ (ଚେକ ରିପବ୍ଲିକ୍)କୁ ପରାସ୍ତ କରିଛି। ପ୍ରଥମରୁ କ୍ରିଷ୍ଟିଆନ ରୋନାଲ୍ଡୋଙ୍କ ଏକ ସଟ୍ ଗୋଲ୍‌ପୋଷ୍ଟ ବାହାରକୁ ଯିବା ପରେ ସେ ଆଉ ଦୁଇଟି ଗୋଲ ସୁଯୋଗ ମଧ୍ୟ ହରାଇଥିଲେ। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ଚେଚିଆ ପାଇଁ ପ୍ରବୋଧ (୬୨ ମିନିଟ) ପ୍ରଥମ ଗୋଲ ଦେଇଥିଲେ। ୭ ମିନିଟ ପରେ କିନ୍ତୁ ରବିନ ହ୍ରାନାକଙ୍କ ଆତ୍ମଘାତୀ ଗୋଲ କାରଣରୁ ପର୍ତ୍ତୁଗାଲ ବରାବର ସୁଯୋଗ ପାଇଯାଇଥିଲା। ଏହା ପରେ ପର୍ତ୍ତୁଗାଲ ଏକ ଗୋଲ ଭାର ଦ୍ୱାରା ଅଫ୍ ସାଇଡ୍ ଘୋଷିତ ହୋଇଥିଲା। ଇନଜ୍ୟୁରି ସମୟରେ ଫ୍ରାନ୍‌ସିସ୍କୋ କନସେସାଓ (୯୦+୨ ମିନିଟ୍) ଗୋଲ ଦେଇ ଶେଷ ମୁହୂର୍ତ୍ତରେ ପର୍ତ୍ତୁଗାଲକୁ ବିଜୟୀ କରାଇଥିଲେ।

# ବାଲେଶ୍ୱର ଜିଲ୍ଲାରେ ରକ୍ତ ଶିକୁଳି ରକ୍ତହୀନତା ନିରାକରଣ ସଚେତନତା ଅଭିଯାନର ଶୁଭାରମ୍ଭ

**ବାଲେଶ୍ୱର, ନ୍ୟୁଜ୍**




ବିଶ୍ୱ ରକ୍ତ ଶିକୁଳି ଦିବସ ଉପଲକ୍ଷେ ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଜିଲ୍ଲାସ୍ତରୀୟ ରକ୍ତ ଶିକୁଳି ରକ୍ତହୀନତା ନିରାକରଣ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଏହି ସଭାରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ, ରେମୁଣା ଏନ୍‌ଏସି ଅଧ୍ୟକ୍ଷା ତନୁଜା ଗିରି, ରେମୁଣା ଏନଏସି ଉପାଧ୍ୟକ୍ଷ ଏହସାନ ଖାଁ, ବାଲେଶ୍ୱର ସଦର ବିଧାୟକଙ୍କ ପ୍ରତିନିଧି ଧୀରଜ କୁମାର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଦୁଲାଲସେନ ଜଗଦେବ, ଡିପିଏଚଓ ଡ. ମୃତ୍ୟୁଞ୍ଜୟ ମିଶ୍ର, ଡିଡବ୍ଲୁଓ ବିଦ୍ୟୁତଲତା ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ଏବଂ ଅନ୍ୟାନ୍ୟ ଅତିଥିମାନେ ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ସିଡିଏମଓ ଡ. ଜଗଦେବ ଏହି ବଂଶାନୁକ୍ରମିକ ରକ୍ତ ବିକୃତି ବିଷୟରେ ଜନସାଧାରଣଙ୍କୁ ଶିକ୍ଷିତ କରିବା ଏବଂ ରୋଗୀମାନଙ୍କ ପାଇଁ ଶୀଘ୍ର ନିଦାନ ଏବଂ ବ୍ୟାପକ ଯତ୍ନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସାଂସଦ ଶ୍ରୀ ଷଡ଼ଙ୍ଗୀ ସମଗ୍ର ଜିଲ୍ଲାରେ ସିକଲସେଲ ରୋଗ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ସିକଲସେଲ ରୋଗର ପ୍ରଭାବୀ ସମାଧାନ ପାଇଁ ସରକାର, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସମୁଦାୟକୁ ସାମିଲ କରି ଏକ ବହୁ-ଅଂଶଧାରୀ ଆଭିମୁଖ୍ୟର ଆବଶ୍ୟକତା ଉପରେ ସାଂସଦ ଗୁରୁତ୍ୱାରୋପ କରିଥିଲେ। ଏହି ସଚେତନତା ଅଭିଯାନ ଅନ୍ତର୍ଗତ ସିକଲସେଲ ରୋଗର କାରଣ, ଲକ୍ଷଣ ଓ ଚିକିତ୍ସା ବିକଳ୍ପ ସମ୍ପର୍କରେ ସୂଚନାତ୍ମକ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା ଓ ଏଥିସହିତ ସିକେଲସେଲ ପରୀକ୍ଷାରେ ନେଗେଟିଭ ରିପୋର୍ଟ ହାସଲ କରିଥିବା ୧୦ ଜଣ ହିତାଧିକାରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏଠାରେ ସୂଚନା ଥାଉ କି, ସିକଲସେଲ ରୋଗର ପ୍ରଭାବ ଓ ଏହାର ନିରାକରଣ ଉପାୟ ଉପରେ ଆଲୋକପାତ କରିବା ପାଇଁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଇଥାଏ। ଆଜିଠାରୁ ରାଜ୍ୟର ୨୧ଟି ଜିଲ୍ଲାରେ ଏହି ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଏଥିରେ ସିକଲସେଲ ରୋଗ ଏବଂ ଏହାର ନିରାକରଣ ଉପରେ ସ୍କ୍ରିନିଙ୍ଗ, ଟେଷ୍ଟିଂ ଏବଂ ଶିକ୍ଷା ପ୍ରଦାନ କରାଯିବ। ଡିପିଏମ ଅନିଲ କୁମାର ମହାନ୍ତି ସଭା ପରିଚାଳନା କରିଥିଲେ।

# ରୋହିଙ୍ଗିଆଙ୍କ କବ୍‌ଜାରେ ରାଜଧାନୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜଧାନୀରେ ମାଡ଼ିଗଲେଣି ରୋହିଙ୍ଗିଆ। କେତୋଟି ଅନୈତିକ ସଂସ୍ଥା ଭାରତକୁ ପ୍ରତିଦିନ ୨୦୦ ରୋହିଙ୍ଗିଆଙ୍କୁ ଅନୁପ୍ରବେଶ କରାଉଛନ୍ତି। ପରେ ସେମାନଙ୍କୁ ବିଭିନ୍ନ ରାଜ୍ୟକୁ ପଠାଯାଉଛି। ସେହି କ୍ରମରେ ଓଡ଼ିଶାରେ ପହଞ୍ଚିଛନ୍ତି ଅନେକ ରୋହିଙ୍ଗିଆ ପରିବାର ଯେଉଁମାନେ ରାଜଧାନୀ ଭୁବନେଶ୍ୱରରେ ମାଡ଼ିଗଲେଣି।

ରାଜଧାନୀ ରାସ୍ତାରେ ଏମାନଙ୍କୁ କେବେ ଭିକ୍ଷା ମାଗୁଥିବାର ତ କେବେ ପେନ୍ କିମ୍ବା ଗୋଲାପ ଫୁଲ ବିକ୍ରି କରୁଥିବାର ଦେଖାଯାଉଛି। ତେବେ ଏମାନେ ଅନେକ ଅପରାଧ ଯେପରି ଚୋରି, ଛିନ୍‌ତାଇ, ଲୁଟ୍ ଇତ୍ୟାଦି ଘଟାଉଥିବାର ପ୍ରମାଣ ମିଳିଲେ ମଧ୍ୟ କମିଶନରେଟ୍ ପୋଲିସ ସବୁ ଦେଖି ନିରବ ରହିବାର କାରଣ ଜଣାପଡୁନାହିଁ। ପ୍ରଥମେ ଏହାଙ୍କୁ ବନଜାରା କୁହାଯାଉଥିଲେ ମଧ୍ୟ ଏବେ ସନ୍ଦେହ ସ୍ପଷ୍ଟ ହେଲାଣି ଏମାନେ ରୋହିଙ୍ଗିଆ। ଏମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଛି। କୁନି ପିଲାଙ୍କୁ ନିପଟ ଖରାରେ କାଖେଇ ଏମାନେ ଯାତ୍ରୀମାନଙ୍କୁ ନେହୁରା ହୋଇ ପଇସା ମାଗୁଛନ୍ତି। ଦେଖାଯାଉଛି ଯେ ଏମାନଙ୍କ କାଖରେ ଥିବା ପିଲାମାନେ ସବୁବେଳେ ଢୁଳାଉଛନ୍ତି। ସେମାନଙ୍କୁ କିଛି ନିଶାଫିଶା ଦିଆଯାଇଥାଇ ପାରେ ବୋଲି ସନ୍ଦେହ କରାଯାଉଛି। ଏମାନେ ମିଆଁମାର ମୁସଲିମ୍ ଗୋଷ୍ଠୀ। ନିଜ ଦେଶର ରାଜନୈତିକ ଅସ୍ଥିରତା କାରଣରୁ ଏମାନେ ଦଳ ଦଳ ହୋଇ ଭାରତ କିମ୍ବା ବାଂଲାଦେଶର ସୀମା ଅତିକ୍ରମ କରି ଚାଲି ଆସୁଛନ୍ତି। ଲକ୍ଷାଧିକ ରୋହିଙ୍ଗିଆ ବାଂଲାଦେଶରେ କ୍ୟାମ୍ପ କରିଛନ୍ତି। ଏବେ ସେମାନଙ୍କୁ ସେଠୁ ତଡ଼ାଯିବାରୁ ସେମାନେ ଏବେ ଭାରତମୁହାଁ ହୋଇଛନ୍ତି। ସମୁଦ୍ର ପଥରେ ଏମାନେ ଓଡ଼ିଶାକୁ ଆସୁଛନ୍ତି। ମାଷ୍ଟରକ୍ୟାଣ୍ଟିନ୍ ଛକରୁ ନନ୍ଦନକାନନ, ବାଣୀବିହାର ସବୁଛକରେ ଏମାନେ ଭିକ ମାଗୁଛନ୍ତି। ମହିଳା ଓ ଶିଶୁମାନେ ଭିକ ମାଗୁଥିଲା ବେଳେ ପୁରୁଷମାନେ ଦେଖାଯାଉନାହାନ୍ତି। ସିଦ୍ଧାର୍ଥ ଦାଶ ବରିଷ୍ଠ ଆଇନଜୀବୀ କୁହନ୍ତି ଏମାନେ ଆମ ଲୋକଙ୍କ ସହଯୋଗରେ ଭିତରକୁ ଆସୁଛନ୍ତି। ଏମାନଙ୍କୁ ଚିହ୍ନଟ କରି ଯାଞ୍ଚ କଡ଼ାକଡ଼ି କଲେ ଏମାନେ ବି ସଂଖ୍ୟା କମିଯିବ। ଚୋରି, ଛିନତାଇ ଛଡ଼ା ବନ୍ଧୁକ ଚାଲାଣ, ଗୋରୁ ଚାଲାଣ, ମାନବ ଚାଲାଣରେ ମଧ୍ୟ ଏମାନଙ୍କର ହାତ ଅଛି। ଓଡ଼ଶାରୁ ଚୋରି ହୋଇଥିବା ଅନେକ ଚୋରି ମୋବାଇଲ, ଲାପଟପ୍ ବାଂଲାଦେଶରେ ମିଳୁଛି। ତେଣୁ ଅପରାଧ ଘଟାଇ ଏମାନେ ସିଧା ବାଂଲାଦେଶ ଚାଲିଯାଉଥିବା ଜଣାଯାଉଛି। ଏହି ଘଟଣାକୁ ନେଇ ପୂର୍ବତନ ପୋଲିସ ଡିଜି ସଞ୍ଜିବ ମାରିକ କହିଛନ୍ତି ଭାରତର ସୀମାକୁ କଡ଼ାକଡ଼ି ସିଲ୍ କରି ପ୍ରତିଟି ମଣିଷଙ୍କୁ ଯାଞ୍ଚ କରି ଛାଡ଼ିଲେ ଏ ସମସ୍ୟା ଧୀରେ ଧୀରେ କମିଯିବ। ବର୍ତ୍ତମାନ ଭାରତ ସରକାର ଏମାନଙ୍କ ବିରୁଦ୍ଧରେ ଆଭିମୁଖ୍ୟ କଡ଼ାକଡ଼ି କଲେଣି। ଓଡ଼ିଶା ସରକାର ମଧ୍ୟ ଏମାନଙ୍କୁ ନେଇ ନିଜ ଆଭିମୁଖ୍ୟ କଡ଼ାକଡ଼ି କଲେ ଅନ୍ତତଃ ଏହି ସମସ୍ୟାର ସମାଧାନ ହୋଇପାରିବ।

GOVT. OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
MAHANADI NORTH DIVISION-I, JAGATPUR, CUTTACK
A-62
E-mail ID :- exengr.mnd@gmail.com
'e' Procurement Notice No- MND-02/2024-25

The bid documents consisting of work, estimated cost, cost of tender paper, EMD, time of completion, class of contractor, the set of term & conditions of contract and other necessary documents, can be seen in e- procurement portal www.tendersorissa.gov.in. The tender submission process will be completely online.

BIDDERS REGISTERED THEMSELVES UNDER CDMS PORTAL ONLY CAN PARTICIPATE IN THE BIDDING PROCESS AFTER 31.12.2020 AS PER WORKS DEPTT. LETTER NQ-9100 DATED 17.07.2020.

1. Nature of Work : Canal works
2. Total No. of Works : 21 (Twenty One) works
3. Bid Identification No : MND-02/2024-25
4. Tender Cost : Rs. 3.00 Lakhs to Rs. 9.00 Lakhs
5. Class of Contractor : "D &C" Class
6. Period of completion : 1(One) month
7. Other Details : As noted below
   a) Procurement Officer : Superintending Engineer, Mahanadi North Division-I, Jagatpur email: exengr.mnd@gmail.com Ph :- 0671-2491546
   b) Availability of Tender On-line for bidding : 10.00 Hours of 26.06.2024 to 17.30 Hours of 02.07.2024
   c) Last date & time of sub-mission of bid document : 17.30 Hours of 02.07.2024
   d) Date, time & place of Opening of Bid : 03.07.2024 at 11.30 Hours in the O/o the Superintending Engineer, Mahanadi North Division-I, Jagatpur
   e) Dateof Lottery (if required) : 09.07.2024 at 11.30 A.M.
   Further details can be seen from the Govt, web site "https://tendersodisha.gov.in"

Sd/- Superintending Engineer
Mahanadi North Division-I, Jagatpur
OIPR-32003/11/0002/2425

# ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା ର ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ବଳଦେବ ସେନା ତରଫରୁ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଥିଲା। ଜିଲ୍ଲା ଏବଂ ଜିଲ୍ଲା ବାହାରୁ ରଥଯାତ୍ରାରେ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳ, ସୂଚନା କେନ୍ଦ୍ର ଓ ଅନ୍ୟାନ୍ୟ ସେବା କିଭଳି ଯୋଗାଇ ଦିଆଯିବ ସେ ସଂପର୍କରେ ଆଲୋଚନା କରାଯାଇଥିଲା। ମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନକୁ ବଳଦେବ ସେନା ସଂପୂର୍ଣ୍ଣ ସହଯୋଗ କରିବ ବୋଲି ଜଣାପଡ଼ିଛି। ବଳଦେବ ସେନା ପକ୍ଷରୁ ୫୦୦ ବୃକ୍ଷ ବଣ୍ଟନ ଓ ବାହୁଡ଼ା ଯାତ୍ରାରେ ୧୦ ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ପବିତ୍ର ପଞ୍ଚୁବନୀ ବିତରଣ କରିବାକୁ ଧାର୍ଯ୍ୟ ହୋଇଛି। ଭିଡ଼ର ସୁଯୋଗ ନେଇ କୌଣସି ଅପ୍ରୀତିକର ପରିସ୍ଥିତ ସୃଷ୍ଟି ନହେଉ ସେଥିପ୍ରତି ଅନୁଷ୍ଠାନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି। ଆୟୋଜିତ ଏହି ବୈଠକରେ ସଭାପତି ପୁପୁନ କୁମାର ସ୍ୱାଇଁ, ଉପ ସଭାପତି ନିରଞ୍ଜନ ସୁଆର, ଅମର କୁମାର ବାରିକ, ନିରଞ୍ଜନ ମେକାପ, ଜ୍ୟୋତି ରଞ୍ଜନ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନନ୍ଦନକାନନରୁ ବାଲୁଖଣ୍ଡ ଅଭୟାରଣ୍ୟକୁ ଅଣାଗଲା ୧୦ ବିରଳ କୃଷ୍ଣସାର ମୃଗ

**କୋଣାର୍କ, ନ୍ୟୁଜ୍‌ବ୍ୟୁରୋ**

କୋଣାର୍କ ନିକଟସ୍ଥ ବାଲୁଖଣ୍ଡ ଅଭୟାରଣ୍ୟରେ ବିରଳ କୃଷ୍ଣସାର ମୃଗଙ୍କ ବଂଶ ବୃଦ୍ଧି କିରବା ନିମନ୍ତେ ରାଜ୍ୟ ଜଙ୍ଗଲ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏହି ପଦକ୍ଷେପ ସ୍ୱରୂପ ପ୍ରାଥମିକ ସ୍ତରରେ ନନ୍ଦନକାନନରୁ ୧୦ଟି ବିରଳ କୃଷ୍ଣସାର ମୃଗଙ୍କୁ ଅଣାଯାଇ ବାଲୁଖଣ୍ଡ ଅଭୟାରଣ୍ୟରେ ଛଡ଼ାଯାଇଛି। ଏମାନଙ୍କ ମଧ୍ୟରେ ୬ଟି ମାଈ ଓ ୪ଟି ଅଣ୍ଡିରା ମୃଗ ଥିବା ଜଣାପଡ଼ିଛି।

କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟରେ ପହଞ୍ଚିଛନ୍ତି ୧୦ କୃଷ୍ଣସାର ମୃଗ। ୧୨ ବର୍ଷ ପରେ ବନବିଭାଗର ପ୍ରଚେଷ୍ଟାରେ କୃଷ୍ଣସାର ମୃଗ ନିଜର ପସନ୍ଦଯୋଗ୍ୟ ପରିବେଶକୁ ଫେରି ଖୁସିରେ ଡିଆଁ ମାରୁଥିବା ଦେଖିବାକୁ ମିଳିଛି। କୋଣାର୍କ ବନବିଭାଗ ପକ୍ଷରୁ ଏହି ବିରଳ ମୃଗଙ୍କ ବଂଶ ବୃଦ୍ଧି ନିମନ୍ତେ ପରୀକ୍ଷାମୂଳକ ଭାବେ ପ୍ରାଥମିକ ସ୍ତରରେ ନନ୍ଦନ-କାନନରୁ ଏହି ୧୦ଟି କୃଷ୍ଣସାର (୬ଟି ମାଈ ଓ ୪ଟି ଅଣ୍ଡିରା) ମୃଗ ଅଣାଯାଇଛି। ମଙ୍ଗଳବାର ବିଳମ୍ବିତ



ରାତିରେ ଏହି ମୃଗମାନେ ପହଞ୍ଚିବା ପରେ କୋଣାର୍କ ବନାଧିକାରୀ ସୁଦର୍ଶନ ଦେହୁରୀଙ୍କ ତତ୍ତ୍ୱାବଧାନରେ ରାସ୍ତାଠାରୁ ୩ କିମି ଦୂରରେ ପ୍ରସ୍ତାବିତ ଜଙ୍ଗଲ ନିକଟରେ ସ୍ୱତନ୍ତ୍ର ପିଞ୍ଜରାରେ ସେମାନଙ୍କୁ ରାତିସାରା ରଖାଯାଇଥିଲା। ସକାଳୁ ବନାଧିକାରୀ ଶ୍ରୀ ଦେହୁରୀ, ଯୁବ ପ୍ରାଣୀ ନିରୀକ୍ଷକ ଗତିକୃଷ୍ଣ ବେହେରା, ବନପାଳ କୈଳାସ ଚନ୍ଦ୍ର ନାୟକ, ଏଲିନା ପ୍ରିୟଦର୍ଶନୀଙ୍କ ସମେତ ବିଭାଗର ୧୦ କର୍ମଚାରୀଙ୍କ ଉପସ୍ଥିତିରେ ମୃଗମାନଙ୍କୁ ପ୍ରସ୍ତାବିତ ସ୍ଥାନରେ ଛଡ଼ାଯାଇଥିଲା। ଏହି ମୃଗମାନଙ୍କ ବୟସ ୨ରୁ ୩ ବର୍ଷ ମଧ୍ୟରେ ହୋଇଥିବା ବେଳେ ଓଜନ ୫୦ରୁ ୬୦ କେଜି ମଧ୍ୟରେ ରହିଛି। କୋଣାର୍କ-କାକଟପୁର ମୁଖ୍ୟରାସ୍ତା ଆଦର୍ଶ ବିଦ୍ୟାଳୟ ସମ୍ମୁଖ ଜଙ୍ଗଲର ପ୍ରାୟ ୩ କିମିରୁ ଉର୍ଦ୍ଧ୍ୱ କୁରୁଜଙ୍ଗ ପଞ୍ଚାୟତ ଅଧୀନ ଖଣ୍ଡିଆ ନଈ ନିକଟ ଅଭୟାରଣ୍ୟରେ ଥିବା ୮ ଏକର ପରିମିତ ଜାଗାରେ ଏକ ସ୍ୱତନ୍ତ୍ର ସୁରକ୍ଷା ପ୍ରାଚୀର ଦ୍ୱାରା ଆବଦ୍ଧ ସ୍ଥାନରେ ଏହି ବିରଳ କୃଷ୍ଣସାର ମୃଗଙ୍କୁ ରଖାଯିବ। ବନବିଭାଗ ପକ୍ଷରୁ ସେମାନଙ୍କ ନିତ୍ୟ ପ୍ରାକୃତିକ ଖାଦ୍ୟ ନିମନ୍ତେ ୪ ପ୍ରକାରର ଘାସ ଲଗାଯାଇ ଘାସ ପଡ଼ିଆ ପ୍ରସ୍ତୁତ କରାଯାଇଛି। ଏଥିସହ ପର୍ଯ୍ୟାପ୍ତ ପାଣିର ବ୍ୟବସ୍ଥା କରାଯାଇଛି।

ଏ ସମ୍ପର୍କରେ ପୁରୀ ଜିଲ୍ଲା ବନଖଣ୍ଡ ଅଧିକାରୀ ବିବେକ କୁମାର କହିଛନ୍ତି, 'ବନବିଭାଗ ପକ୍ଷରୁ ପ୍ରତିଦିନ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। କିଛିଦିନ ପରେ ଏହି ମୃଗମାନଙ୍କୁ ସ୍ୱାଧୀନ ଭାବେ ବିଚରଣ ନିମନ୍ତେ ଅଭୟାରଣ୍ୟରେ ପୁଣି ଛାଡ଼ି ଦିଆଯିବ। ପରିବେଶ ସୁହାଇଲେ ଦ୍ୱିତୀୟ ପର୍ଯ୍ୟାୟରେ ଜୁଲାଇ ମାସରେ ପୁଣି ୩୧ଟି କୃଷ୍ଣସାର ମୃଗ ଗଞ୍ଜାମ ଓ ନନ୍ଦନକାନନରୁ ଆଣି ଛଡ଼ାଯିବ।' ପୁରୀ ଫରେଷ୍ଟ ଡିଭିଜନ ପକ୍ଷରୁ ଏହି ବିରଳ କୃଷ୍ଣସାର ମୃଗଙ୍କ ବଂଶ ବୃଦ୍ଧି ନିମନ୍ତେ କରାଯାଇଥିବା ପ୍ରୟାସକୁ ପରିବେଶବିତ୍ ସରୋଜ କୁମାର ଜେନା, କଇଁଛ ସୁରକ୍ଷା କର୍ମୀ ସୌମ୍ୟରଞ୍ଜନ ବିଶ୍ୱାଳ, ଗବେଷକ ସୁବାସ ବରାଳ, ହରିଶ୍ଚନ୍ଦ୍ର ଦାଶ, ଉମେଶ ସ୍ୱାଇଁ, ରାମକୃଷ୍ଣ ମହାନ୍ତି ଓ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ କରାଯାଇଛି।



## ଆଗାମୀ ୨୨ରେ ଜି.ଏସ୍.ଟିର ପରବର୍ତ୍ତୀ ବୈଠକ

# ଅନ୍‌ଲାଇନ୍ ଗେମିଂ ସମେତ ବହୁକ୍ଷେତ୍ରରେ ଟିକସ ଲାଗୁର ହେବ ସମୀକ୍ଷା




**ନୂଆଦିଲ୍ଲୀ,** ଚଳିତମାସ ୨୨ ଅର୍ଥାତ୍ ଶନିବାର ବସିବାକୁ ଯାଉଛି ଦ୍ରବ୍ୟ ଏବଂ ସେବା ଟିକସ (ଜିଏସଟି) ପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକ। ନୂଆଦିଲ୍ଲୀରେ ବସିବାକୁ ଯାଉଥିବା ଜିଏସ୍‌ଟି ପରିଷଦର ଏହି ୫୩ ତମ ବୈଠକରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅଧକ୍ଷତା କରିବେ । ଦୀର୍ଘ ୮ ମାସର ବ୍ୟବଧାନ ପରେ ପରିଷଦର ଏହି ବୈଠକ ବସିବାକୁ ଯାଉଛି। ଶେଷଥର ପାଇଁ ୨୦୨୩ ଅକ୍ଟୋବର ୭ରେ ଜିଏସ୍‌ଟି ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଅପରପକ୍ଷେ ଲୋକସଭା ନିର୍ବାଚନ ପରେ ଜିଏସ୍‌ଟି ପରିଷଦର ଏହା ପ୍ରଥମ ବୈଠକ। ଶନିବାର ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଜିଏସଟି ପରିଷଦ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିବ। ଏଥିମଧ୍ୟରେ ଅନଲାଇନ୍ ଗେମିଂ ଉପରେ ଲାଗୁ କରାଯାଇଥିବା ଟିକସ ପ୍ରସଙ୍ଗ ମୁଖ୍ୟ ପ୍ରସଙ୍ଗ ହେବ। ଚଳିତଥର ବୈଠକରେ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ହାରକୁ ତର୍କସଙ୍ଗତ କରିବା ଉପରେ ମନ୍ତ୍ରୀଗୋଷ୍ଠୀ (ଜିଓଏମ୍)ର ରିପୋର୍ଟର ଚୂଡ଼ାନ୍ତ ଅଗ୍ରଗତି ସମ୍ପର୍କରେ ଏହି ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି। ଜିଏସଟି ପରିଷଦ ଅନ୍‌ଲାଇନ୍ ଗେମିଂ କମ୍ପାନୀଗୁଡିକ ପାଇଁ ଲଗାଯାଉଥିବା ଜୁଆର ସମ୍ପୂର୍ଣ୍ଣ ମୂଲ୍ୟ ଉପରେ ୨୮ ପ୍ରତିଶତ ଜିଏସ୍‌ଟି ଆଦାୟ କରିବାର ନିଷ୍ପତ୍ତିର ସମୀକ୍ଷା କରିପାରନ୍ତି। ଏହି ନିଷ୍ପତ୍ତି ୨୦୨୩ ଅକ୍ଟୋବର ପହିଲା ଠାରୁ କାର୍ଯ୍ୟକାରୀ ହୋଇଛି। ଜିଏସ୍‌ଟି ପରିଷଦ ଜୁଲାଇ ଏବଂ ଅଗଷ୍ଟରେ ହୋଇଥିବା ବୈଠକରେ ଅନଲାଇନ୍ ଗେମିଂ, କ୍ୟାସିନୋ ଏବଂ ଘୋଡା ଦୌଡ଼କୁ ଟିକସଯୋଗ୍ୟ ଦାବି ଭାବରେ ଅନ୍ତର୍ଭୁକ୍ତ କରିବାକୁ ଆଇନରେ ସଂଶୋଧନକୁ ଅନୁମୋଦନ ଦେଇଥିଲା । ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ଲଗାଯାଉଥିବା ଜୁଆର ସମ୍ପୂର୍ଣ୍ଣ ମୂଲ୍ୟ ଉପରେ ୨୮ ପ୍ରତିଶତ ଟିକସ ଆଦାୟ କରାଯିବ। ସେହି ସମୟରେ ଏହି ନୂଆ ଟିକସ ହାର କାର୍ଯ୍ୟକାରୀ କରାଯିବାର ୬ ମାସ ପରେ ସେହି ନିଷ୍ପତ୍ତିର ସମୀକ୍ଷା କରାଯିବ ବୋଲି କୁହାଯାଇଥିଲା।

ଆହୁରିମଧ ଜିଏସଟି ପରିଷଦ ବୈଠକରେ ସାର ଉପରୁ ଜିଏସ୍‌ଟି ହଟାଇବାକୁ ନିଷ୍ପତ୍ତି ନିଆଯାଇପାରେ। ସାର ଉପରୁ ଜିଏସ୍‌ଟି ଛାଡ କରିବାକୁ ଫିଟମେଣ୍ଟ କମିଟି ପ୍ରସ୍ତାବ ଦେଇଛି। ହାର ସଧାରଣତା ପାଇଁ କମିଟି ଗ୍ରୁପ୍ ଅଫ୍ ମନ୍ତ୍ରୀ (ଗୋଏମ୍)କୁ ସାର ପ୍ରସଙ୍ଗ ପଠାଇଛି। ଏହାବ୍ୟତୀତ, ସିଗାରେଟ୍ ଓ ବିଡି ଭଳି ତମାଖୁ ଉତ୍ପାଦଗୁଡ଼ିକର ଜିଏସ୍‌ଟି ସମ୍ବନ୍ଧରେ କିଛି ସ୍ୱଷ୍ଟ ନିଷ୍ପତ୍ତି ମଧ୍ୟ ନିଆଯାଇପାରେ। ଜିଏସଟି ପରିଷଦ ବୈଠକରେ ସୌର କୁକର ଉପରେ ଜିଏସ୍‌ଟି ୧୮%ରୁ ୫%କୁ ହ୍ରାସ କରାଯାଇପାରେ। ବିମାନ ଯନ୍ତ୍ରାଂଶ ଉପରେ ମଧ ଜିଏସ୍‌ଟି ୧୮% ରୁ ୫%କୁ ହ୍ରାସ ହୋଇପାରେ ।

## ସ୍ୱାମୀନାଥନ କମିଟି ସୁପାରିଶ ଅନୁଯାୟୀ ଧାନର ଏମଏସ୍‌ପି ସ୍ଥିର କରାଯାଉ : ପ୍ରସନ୍ନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେନ୍ଦ୍ର କ୍ୟାବିନେଟ୍ ଧାନର ଏମଏସ୍‌ପି ବୃଦ୍ଧି କରିବା ଉପରେ ପ୍ରତିକ୍ରିୟା ରଖିଛନ୍ତି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ଗଣମାଧ୍ୟମକୁ ସେ କହିଛନ୍ତି ମୁଁ ଆଶ୍ଚର୍ଯ୍ୟ ହୋଇଛି ଗତ ନିର୍ବାଚନ ପ୍ରଚାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ପ୍ରତିଶ୍ରୁତି ସତ୍ତ୍ୱେ ମାତ୍ର ୧୧୭ଟଙ୍କା ବୃଦ୍ଧି କରାଯାଇଛି। ଅତି କମରେ ୧୦୦୦ଟଙ୍କା ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଆମେ ଏଥିପାଇଁ ବହୁତ ଦୁଃଖିତ ଏବଂ ଆମେ ଅସନ୍ତୁଷ୍ଟ। ଆମେ ଦାବି କରୁଛୁ ସ୍ୱାମୀନାଥନ କମିଟିର ସୁପାରିଶ ଅନୁଯାୟୀ ଧାନର ଏମଏସପି ସ୍ଥିର କରାଯାଉ।



ଭୁବନେଶ୍ୱର : ନୂତନ ବିଧାନସଭାର ବାଚସ୍ପତି ରୂପେ ଦାୟିତ୍ୱ ଗ୍ରହଣ କରିବା ଅବସରରେ ଶ୍ରୀମତୀ ସୁରମା ପାଢୀଙ୍କୁ ଗାର୍ଡ ଅଫ୍ ଅନରର ପ୍ରଦର୍ଶନ କରାଯାଉଛି। (ଫଟୋ : ସମ୍ବାଦ କଳିକା)

## ଡ୍ରେନରେ ବୁଡି ନାବାଳକ ମୃତ୍ୟୁ ଘଟଣା : ବିଏମ୍‌ସି ଡ୍ରେନେଜ ଡିଭିଜନର ସହକାରୀ ଯନ୍ତ୍ରୀ ନିଲମ୍ବିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ନାଳରେ ଭାସିଯାଇ ଜଣେ ନାବାଳକ ମୃତ୍ୟୁବରଣ କରିବା ଘଟଣାରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ଘଟଣାର ତଦନ୍ତ ରିପୋର୍ଟ ହସ୍ତଗତ ହେବାପରେ ଗୁରୁବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଡ୍ରେନେଜ ଡିଭିଜନରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ଦାସଙ୍କୁ ନିଲମ୍ବନ କରାଯିବା ସହିତ ତାଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଉଲ୍ଲେଖନୀୟ ଯେ ଗତ ୧୮ତାରିଖ ଦିନ ତିନି ନମ୍ବର ୟୁନିଟ୍ ଅଞ୍ଚଳରେ ଜଣେ ୯ବର୍ଷର ବାଳକ ନାଳରେ ଭାସିଯାଇ ମୃତ୍ୟୁବରଣ କରିଥିଲେ । ନାଳରେ ଭାସୁଥିବା ଗୋଟିଏ ବେଲୁନ୍ ଆଣିବାକୁ ଯାଇ ବାଳକଟି ଏଭଳି ଦୁର୍ଘଟଣାର ଶିକାର ହୋଇଥିବାବେଳେ ରାଜ୍ୟ ସରକାର ଏହାକୁ ଗମ୍ଭୀରତାର ସହ ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ମୃତ ବାଳକର ପରିବାର ପାଇଁ ୪ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଥିଲେ । ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଘଟଣାସ୍ଥଳ ପରିଦର୍ଶନ କରିବା ସହିତ କର୍ତ୍ତୃପକ୍ଷଙ୍କ ଠାରୁ ଏ ସଂକ୍ରାନ୍ତୀୟ ରିପୋର୍ଟ ତଲବ କରିଥିଲେ । ଏହି ଘଟଣାରେ ଦୋଷୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ। କର୍ତ୍ତୃପକ୍ଷ ମଧ ତୁରନ୍ତ ଘଟଣାର ସରଜମିନ ତଦନ୍ତ କରି ରିପୋର୍ଟ ଦେଇଥିଲେ । ରିପୋର୍ଟଟି ହସ୍ତଗତ ହେବାପରେ ଗୁରୁବାର ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଯେଉଁ ସ୍ଥାନରେ ପିଲାଟି ନାଳରେ ପଡି ଭାସି ଯାଇଥିଲା ସେହି ସ୍ଥାନରେ ବାଡ ଲଗାଯାଇନଥିବା ରିପୋର୍ଟରେ ଦର୍ଶାଯାଇଥିଲା । ଏଭଳି ସମ୍ବେଦନଶୀଳ ସ୍ଥାନରେ ବାଡ ନଲଗାଇବା ପାଇଁ ୫ ନମ୍ବର ଡ୍ରେନ ଡିଭିଜନ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଶ୍ରୀ ଦାସଙ୍କୁ ଦାୟୀ କରାଯାଇଛି । ତଦନୁଯାୟୀ ରାଜ୍ୟ ସରକାର କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହିତ ଶ୍ରୀ ଦାସଙ୍କୁ ନିଲମ୍ବନ କରିଛନ୍ତି।

## ନୂଆଗାଁ ରାଜ୍ୟସ୍ତରୀୟ ରଜ ମହୋତ୍ସବ ଉଦ୍‌ଯାପିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନୂଆଗାଁ ଗ୍ରାମୀଣ ବିକାଶ ମଞ୍ଚ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଛି। ଶେଷ ରଜରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀମାନେ ଧମାଲ କରିଛନ୍ତି। ସେହିପରି ପାଇକ ଆଖଡ଼ା ତାଙ୍କ କଳା କୌଶଳ ଦେଖାଇଥିଲେ। ଅଭିନାସ ଦାସ, ଆର୍ଯ୍ୟ ସାଇ, ଲୋପାମୁଦ୍ରା ଓ ସାନିଆ, ପୁନମ ମିଶ୍ର, ଲିପ୍ସା, ଜସ୍ମିନ ପ୍ରମୁଖ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କ ମନମୁଗ୍ଧ କରିଥିଲେ। ମୁକ୍ତାକାଶ ରଙ୍ଗମଞ୍ଚରେ ରଜ ମହୋତ୍ସବ ସନ୍ଧ୍ୟାରେ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶେଷ ରଜରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଲତା ଦେଓ, ଶିଳ୍ପିଗୁରୁ ପଦ୍ମଶ୍ରୀ ପ୍ରଭାକର ମହାରଣା, ବରିଷ୍ଠ ଶିକ୍ଷାବିତ ପ୍ରତାପ କୁମାର ଜେନା, କ୍ୟାପଟେନ ମନ୍ମଥ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଆଦ୍ୟାଶାଙ୍କ ସଂଯୋଜନାରେ ଏହାକୁ ମଞ୍ଚର ସଭାପତି ବସନ୍ତ କୁମାର ବରାଳ, ସମ୍ପାଦକ ଡ଼ ଚିନ୍ମୟାନନ୍ଦ ବଡ଼ଜେନା ଅନୁଷ୍ଠାନର ସଭ୍ୟ ସଞ୍ଜୟ ଗିରି, ଜଲି ମହାନ୍ତି, ରଞ୍ଜିତ ମହାନ୍ତି, ତପନ ନାୟକ, ପ୍ରଶମିତା ମହାନ୍ତି, ପ୍ରକାଶ ରଣା, ସୁକାନ୍ତ ପାତ୍ର, ସୃଷ୍ଟି ପଟ୍ଟନାୟକ, ନିରଞ୍ଜନ ମହାନ୍ତି, ନିକୁଞ୍ଜ ସ୍ୱାଇଁ, ନଗେନ ବରାଳ, ପଦ୍ମାବତୀ ନନ୍ଦ, ମଧୁସ୍ମିତା ସାହୁ, ବୃନ୍ଦାବନ ସାହୁ, ଅଶ୍ୱିନୀ ସାହୁ, ରମେଶ ଚନ୍ଦ୍ର ନାୟକ, ଲକ୍ଷ୍ମୀଧର ବରାଳ ସମେତ ୧୦ହଜାରରୁ ଉର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ।

## ଗାଡି ଚଢିଯିବାରୁ ଚାଲିଗଲା ୩ ଜୀବନ

**ରାଉରକେଲା, ନ୍ୟୁଜ ବ୍ୟୁରୋ**

କଥାରେ ଅଛି ମଣିଷ ଜୀବନ ହେଉଛି ପାଣିଫୋଟକା । ମଣିଷ ଜୀବନ କେତେବେଳେ କେଉଁ ମୁହୂର୍ତ୍ତରେ ଯେ ଚାଲିଯିବ ତାହା କହିବା ମୁସ୍କିଲ । ସୁନ୍ଦରଗଡ଼ ଜିଲ୍ଲାରେ ଦୁଇଟି ପୃଥକ ପୃଥକ ଘଟଣା ବର୍ତ୍ତମାନ ଲୋକଙ୍କୁ ଆଚମ୍ବିତ କରିଛି । ତେବେ ପ୍ରଥମ ଘଟଣାରେ ଗଛ ତଳେ ବସିଥିବା ବେଳେ ଚାଲିଗଲା ଦୁଇ ସାଙ୍ଗଙ୍କ ଜୀବନ । ଗଛ ତଳେ ବସି ଦୁଇ ସାଙ୍ଗ ବସକୁ ଅପେକ୍ଷା କରିଥିଲେ ନିଜ ଗାଁରୁ ତାଙ୍କ ଗନ୍ତବ୍ୟ ସ୍ଥଳକୁ ଯିବା ଲାଗି । କିନ୍ତୁ ଏହି ଗଛ ମୂଳରେ ହିଁ କାଳ ଜଗି ବସିଥିଲା ଦୁଇ ସାଙ୍ଗଙ୍କୁ । ତେବେ ଏହି ସମୟରେ ଏକ ଦ୍ରୁତଗାମୀ ବୋଲେରୋ ଗାଡି ସାମ୍ନା ପଟରୁ ମାଡି ଆସି ଦୁଇ ଜଣ ସାଙ୍ଗଙ୍କ ଉପରେ ଚଢ଼ି ଯାଇଥିଲା ଏବଂ ବୋଲେରୋଟି ଦ୍ରୁତ ଗତିରେ ଥିବା ଫଳରେ ଦୁଇ ଜଣଙ୍କୁ ଚଢ଼ି ସିଧା ଯାଇ ଗଛକୁ ପିଟିଥିଲା ଫଳରେ ଘଟଣା ସ୍ଥଳରେ ଦୁଇ ଜଣ ମୃତ୍ୟୁବରଣ କରିଥିଲେ । ମୃତକ ହେଲେ ୩୦ ବର୍ଷୀୟ ମଙ୍ଗଳ ପ୍ରଧାନ ଏବଂ ୩୫ ବର୍ଷୀୟ ବିଜୟ କିଷାନ । ବୁଧବାର ସନ୍ଧ୍ୟାରେ ଏହି ଦୁର୍ଘଟଣା ସୁନ୍ଦରଗଡ ଧାରୁଆଡ଼ିହି ଥାନା ଅନ୍ତର୍ଗତ ଘଣ୍ଟିପୁର ନିକଟରେ ଘଟିଛି । ଅପର ପକ୍ଷରେ ବୋଲେରୋ ଗାଡିଟି ଦୁଇ ଜଣଙ୍କ ଉପରେ ମାଡି ଯିବା ପରେ ନିୟନ୍ତ୍ରଣ ହରାଇ ଗଛରେ ପିଟି ହୋଇ ଯାଇଥିଲା । ଫଳରେ ଗାଡ଼ିରେ ବସିଥିବା ୬ ଜଣ ମଧ୍ୟରୁ ଚାରି ଜଣ ଆହତ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଅଛି । ସମସ୍ତଙ୍କୁ ସୁନ୍ଦରଗଡ଼ ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୁରମା ପାଢ଼ୀ...

କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡା, ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି, ସିପିଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡା ନୂତନ ବାଚସ୍ପତି ସୁରମା ପାଢ଼ୀଙ୍କୁ ତାଙ୍କର ଆସନକୁ ପାଛୋଟି ନେଇଥିଲେ । ଏହା ପରେ ସେ କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ।

ବାଚସ୍ପତି ପଦରେ ଦାୟିତ୍ୱ ଗ୍ରହଣ କଲା ପରେ ଶ୍ରୀମତୀ ପାଢୀ ଗୃହ ପରିଚାଳନା ଆରମ୍ଭ କରିଥିଲେ। ଏହାପରେ ଶ୍ରୀମତୀ ପାଢୀ କହିଥିଲେ ମୁଁ ଗୃହର ଗାରିମା ରକ୍ଷା କରିବି। ନିରପେକ୍ଷତା ଅବଲମ୍ବନ କରିବି। ତେବେ ଏ କ୍ଷେତ୍ରରେ ସେ ସମସ୍ତଙ୍କର ସହଯୋଗ କାମନା ମଧ୍ୟ କରିଥିଲେ।

ନୂଆ ବାଚସ୍ପତିଙ୍କୁ ଗୃହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଓ ପ୍ରଭାତୀ ପରିଡ଼ା, ବିରୋଧୀଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଓ ସିପିଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଏବଂ ଗୃହରେ ଉପସ୍ଥିତ ବିଧାୟକ ଓ ବିଧାୟିକା ମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

### ବଢୁଛି ହଜ...

ହେବ। ଗତ ବର୍ଷ ମଧ ହଜ ଯାତ୍ରା ସମୟରେ ୨୦୦ରୁ ଅଧିକ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଚଳିତ ବର୍ଷ ୧୪ରେ ଆରମ୍ଭ ହୋଇଥିବା ହଜ ଯାତ୍ରା ଜୁନ ୧୯ରେ ଶେଷ ହୋଇଛି।

ହଜ ଶେଷ ହୋଇଥିଲେ ମଧ ଅନେକ ତୀର୍ଥଯାତ୍ରୀ ଏବେ ବି ସେଠାରେ ଫସି ରହିଛନ୍ତି । ବର୍ତ୍ତମାନ ସାଉଦି ଆରବରେ ତାପମାତ୍ରା ୫୦ ଡିଗ୍ରୀରୁ ଉର୍ଦ୍ଧ୍ୱ ଥିବା କୁହାଯାଉଛି।

### ତଦନ୍ତ ପାଇଁ ...

ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏନଟିଏ ହେଉ କିମ୍ବା ଏନଟିଏର କୌଣସି ବଡ ବ୍ୟକ୍ତି, ଯିଏ ଏଥିରେ ଦୋଷୀ ସାବ୍ୟସ୍ତ ହେବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଖୁବ୍‌ଶୀଘ୍ର ପ୍ରକାଶ ...

ବଡ଼ ପରୀକ୍ଷାରେ ଅନିୟମିତତା ଓ ରେଜଲ୍ଟରେ ବିଭ୍ରାଟ ଏନଟିଏର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏହି ପରୀକ୍ଷାକୁ ନେଇ ତୁମ୍ବି ତୋଫାନ ଚାଲିଥିବା ବେଳେ ଖୁବ୍‌ଶୀଘ୍ର ୟୁଜିସି-ଏନ୍‌ଇଟି ନୂଆ ପରୀକ୍ଷା ସୂଚୀ ଘୋଷଣା ହେବ ବୋଲି ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଛି । ଶିକ୍ଷା ମନ୍ତ୍ରଣାଳୟର ଯୁଗ୍ମ ସଚିବ ଗୋବିନ୍ଦ ଜୟସ୍ୱାଲ ଏକ ପ୍ରେସ୍ ମିଟ୍‌ରେ କହିଛନ୍ତି, ପ୍ରାଥମିକ ପ୍ରମାଣ ମିଳିବା ପରେ ପରୀକ୍ଷା ବାତିଲ କରାଯାଇଛି। ତ୍ରୁଟି ନେଇ କେହି ଅଭିଯୋଗ କରିବା ପୂର୍ବରୁ ଇନପୁଟ ମିଳିଥିଲା। ପରୀକ୍ଷା ତ୍ରୁଟିର ତଦନ୍ତ ପାଇଁ ସିବିଆଇକୁ ସୁପାରିସ କରାଯାଇଛି।

ଜାତୀୟ ପରୀକ୍ଷା ଏଜେନ୍ସି (ଏନଟିଏ) ଦେଶର ବିଭିନ୍ନ ସହରରେ ୧୮ ଜୁନ ୨୦୨୪ରେ ହେବାକୁ ଥିବା ୟୁଜିସି-ଏନଇଟି ଜୁନ ୨୦୨୪ ପରୀକ୍ଷାକୁ ବାତିଲ କରିଦେଇଛି । ଏନଟିଏ ଦୁଇଟି ସିଫ୍ଟରେ ଓଏମଆର (କଲମ ଏବଂ କାଗଜ) ପ୍ରଣାଳୀରେ ପରୀକ୍ଷା ଆୟୋଜନ କରିଥିଲା।

୧୯ ଜୁନ ୨୦୨୪ରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଗୃହ ମନ୍ତ୍ରଣାଳୟର ଭାରତୀୟ ସାଇବର କ୍ରାଇମ ସମନ୍ୱୟ କେନ୍ଦ୍ର (ଆଇ ୪ ସି)ର ଜାତୀୟ ସାଇବର କ୍ରାଇମ ଅପରାଧ ବିଶ୍ଳେଷଣ ୟୁନିଟ ଠାରୁ କିଛି ଇନପୁଟ୍ ପାଇଥିଲା। ମଙ୍ଗଳବାର ଆୟୋଜିତ ପରୀକ୍ଷାରେ ଅନିୟମିତତା ହୋଇଥିବା ଏହି ଇନପୁଟ ସୂଚନା ଦେଇଥିବା କୁହାଯାଉଛି।

ପରୀକ୍ଷା ପ୍ରକ୍ରିୟାର ସ୍ୱଚ୍ଛତା ନିଶ୍ଚିତ କରିବାକୁ, ଶିକ୍ଷା ମନ୍ତ୍ରଣାଳୟ ୟୁଜିସି-ଏନଇଟି ଜୁନ ୨୦୨୪ ପରୀକ୍ଷାକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛି । ବର୍ତ୍ତମାନ ପରୀକ୍ଷା ପୁନର୍ବାର କରାଯିବ, ଯେଉଁଥି ପାଇଁ ପରେ ସୂଚନା ଦିଆଯିବ। ଏଥିସହ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ସିବିଆଇକୁ ହସ୍ତାନ୍ତର କରାଯାଇଛି।

ୟୁଜିସି କହିଛି, ପରୀକ୍ଷା ପୁନର୍ବାର କରାଯିବ, ଯାହା ବିଷୟରେ ସୂଚନା ଦିଆଯିବ ପରୀକ୍ଷାର ଅଖଣ୍ଡତା ଏବଂ ଛାତ୍ରମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ପ୍ରତିବଦ୍ଧ। ସୂଚନାଯୋଗ୍ୟ ୟୁଜିସି-ଏନଇଟି ପରୀକ୍ଷା ଜୁନ ୨୦୨୪ ଦେଶର ୩୧୭ ଟି ସହରର ୧୨୦୫ ପରୀକ୍ଷା କେନ୍ଦ୍ରରେ କରାଯାଇଥିଲା। ଯେଉଁଥିରେ ୧୧,୨୧,୨୨୫ ପ୍ରାର୍ଥୀ ଅଂଶଗ୍ରହଣ କରିଥିଲେ।

### ଅଙ୍ଗନବାଡ଼ିର ବିକାଶ...

କାର୍ଯ୍ୟକାରିତାକୁ ଯାଞ୍ଚ କରିବା ପାଇଁ ବୈଠକରେ ବସି ମହିଳା ହେଲ୍ପଲାଇନ ନମ୍ବରକୁ ଟେଷ୍ଟ କଲ ମଧ୍ୟ କରିଥିଲେ । କର୍ମଜୀବୀ ମହିଳା ହଷ୍ଟେଲର ସଂଖ୍ୟାକୁ ତ୍ୱରାନ୍ୱିତ କରି ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ କ୍ରେଚର ସୁବିଧା ଯୋଗାଇଦେବାକୁ ସେ ପରାମର୍ଶ ଦେଇଛନ୍ତି । ସୁଭଦ୍ରା ଯୋଜନାରେ ମାର୍ଗଦର୍ଶିକା ପ୍ରସ୍ତୁତ କରି ୧୦୦ ଦିନରେ ଏହାକୁ କାର୍ଯ୍ୟକାରୀ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ମହିଳାଙ୍କ ପ୍ରତି ଅପରାଧକୁ ଅଗ୍ରାଧିକାର ଦେଇ ଶ୍ରୀମତୀ ପରିଡା ମହିଳା ଓ ଶିଶୁ ବିଭାଗ ଅନ୍ତର୍ଗତ ଓଡ଼ିଶା ରାଜ୍ୟ ମହିଳା ଆୟୋଗକୁ ଆପୋଷ ସମାଧାନ ଓ କ୍ୟାମ୍ପ କୋର୍ଟ ଦ୍ୱାରା ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପେଣ୍ଡିଂ କେସ ସମାଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ବିଶାଖା ଗାଇଡଲାଇନ କାର୍ଯ୍ୟକାରୀ କରିବା ବିଷୟରେ ତର୍ଜମା କରିବାକୁ ମନ୍ତ୍ରୀ ଶ୍ରୀମତୀ ପରିଡ଼ା ବିଭାଗକୁ ପ୍ରସ୍ତାବ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଓ ବିଭାଗୀୟ ନିର୍ଦ୍ଦେଶକ ମୋନିଶା ବାନାର୍ଜୀଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

### ସୁରୁଖୁରୁରେ ରଥ ଯାତ୍ରା...

ମଧ ରଥଯାତ୍ରା ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ସଦସ୍ୟ ମାନଙ୍କୁ ନିବେଦନ କରିଥିଲେ। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସେବାୟତ ମାନଙ୍କୁ ବୈଠକକୁ ସ୍ୱାଗତ କରିଥିଲେ।

### ରାଜ୍ୟରେ ଆଉ ...

ପାଇଁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲାପାଳମାନେ ସରକାରୀ, ବେସରକାରୀ ଓ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛୁଟି ଘୋଷଣା କରିବେ। କିମ୍ବା ସମୟ ନିର୍ଘଣ୍ଟ ପରିବର୍ତ୍ତନ କରିବେ ବୋଲି କୁହାଯାଇଥିଲା। ଅନୁକୂଳ ପାଣିପାଗ ଥିବା ଜିଲ୍ଲାରେ ସକାଳ ୬ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ ବିଦ୍ୟାଳୟ ସମୟ ରଖିବେ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା।

### ପାକିସ୍ତାନକୁ ପାନେ ...

ସେ ପାକିସ୍ତାନ ୩.୦ ଯୋଜନା ଆରମ୍ଭ କରିଛନ୍ତି । ଏଥିପାଇଁ ଅଜିତ ଡୋଭାଲଙ୍କ ଦଳ ସମ୍ପୂର୍ଣ୍ଣ ଭାବେ ନିୟୋଜିତ ହୋଇଛି, ଯାହା ଜମ୍ମୁ କଶ୍ମୀରରେ ଆତଙ୍କବାଦକୁ ସମ୍ପୂର୍ଣ୍ଣ ରୂପେ ଶେଷ କରିବ ଏବଂ ପିଓକେ ପାଇଁ କାମ କରିବ।

### ନାବାଳକର ନାରକୀୟ...

ଏକ ପୋଲ ତଳୁ ରକ୍ତାକ୍ତ ଅବସ୍ଥାରେ ମିଳିଥିଲା ଝିଅର ମୃତଦେହ। ସ୍ଥାନୀୟ ଲୋକେ ନାବାଳକକୁ ଧରି ଗ୍ରାମାଞ୍ଚଳ ପୋଲିସକୁ ହସ୍ତାନ୍ତର କରିଥିଲେ। ମାଆକୁ ଦୁଷ୍କର୍ମ ପରେ ଝିଅକୁ ପଥରରେ ଛେଚି ନାବାଳକଟି ହତ୍ୟା କରିଥିବା ମୃତକଙ୍କ ସ୍ୱାମୀ ଅଭିଯୋଗ କରିଥିଲେ। ଅନ୍ୟପଟେ ଗୁରୁବାର ସକାଳୁ ତଦନ୍ତ ପାଇଁ ଘଟଣାସ୍ଥଳକୁ ଯାଇଥିଲେ ଥାନାଧିକାରୀ । ଏହି ସମୟରେ ଏକ ବୁଦାରୁ ଦୁର୍ଗନ୍ଧ ବାହାରୁଥିବା ଜାଣିବାକୁ ପାଇଥିଲେ। ବୁଦା ମୂଳରୁ ଜଣେ ବୃଦ୍ଧାର ମୃତଦେହ ଉଦ୍ଧାର କରାଯାଇଥିଲା। ମୃତକ ଅଭିଯୁକ୍ତ ନାବାଳକର ଆଈ ସୁମତି ମୁଣ୍ଡା ବୋଲି ଜଣାପଡ଼ିଥିଲା। ସୁମତିଙ୍କ ଶରୀରରେ କ୍ଷତ ଚିହ୍ନ ରହିଥିବାବେଳେ ଶାଢୀରେ ବେକକୁ ଗୁଡ଼ାଇ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଦୁଇଦିନ ତଳେ ମୃତ ସୁମତିଙ୍କୁ ଦେଖିବାକୁ ପାଇଥିଲେ । ନାବାଳକଟି ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି । ତେବେ କେଉଁ କାରଣରୁ ନାବାଳକଟି ତିନି ତିନି ଜଣଙ୍କୁ ହତ୍ୟା କରିଛି ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ ।

## 'ଭିନ୍ନକ୍ଷମମାନେ ସମାଜ ଉପରେ ବୋଝ ନୁହନ୍ତି ବରଂ ଦେଶର ସମ୍ପତ୍ତି'




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜାତୀୟ ସମଦ୍ରିଷ୍ଟୀ, କ୍ଷମତା ବିକାଶ ଏବଂ ଅନୁସନ୍ଧାନ ମଣ୍ଡଳ ସଂଗଠନ (ସକ୍ଷମ)ର ପ୍ରତିଷ୍ଠା ଦିବସ ଗୁରୁବାର ଓଡ଼ିଶା ଶାଖା ତରଫରୁ ଭୁବନେଶ୍ୱର ସ୍ଥିତ ଚେତନା ଅନୁଷ୍ଠାନରେ ପାଳନ କରାଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ସକ୍ଷମ, ଓଡ଼ିଶା ମଣ୍ଡଳ ରାଜ୍ୟ ସଭାପତି ଡ଼ଃ ସତ୍ୟବ୍ରତ ସାହୁ, ସକ୍ଷମ ରାଜ୍ୟ ଉପସଭାପତି ଡ଼ଃ ବିନୟ ଭୂଷଣ ମହାପାତ୍ର, ରାଜ୍ୟ ସମ୍ପାଦକ ଶ୍ରୀମତୀ ମନସ୍ମିତା ଜେନା ଏବଂ ଚେତନା ଅନୁଷ୍ଠାନର ସାଧାରଣ ସମ୍ପାଦକ ତଥା ବରିଷ୍ଠ ମନସ୍ତତ୍ୱବିତ ପ୍ରଫେସର ଡ଼ଃ ନାରାୟଣ ଚନ୍ଦ୍ର ପତି ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିବା ସହ ସକ୍ଷମ ସଂଗଠନ ସହ ନିଜର ଅନୁଭୂତି ଏବଂ ସକ୍ଷମର ଦିବ୍ୟାଙ୍ଗ ସଶକ୍ତିକରଣ ଓ ସ୍ୱାଭିମାନ ଦିଗରେ ହୋଇଥିବା କାର୍ଯ୍ୟ ଉପରେ ସୂଚନା ଦେଇଥିଲେ । ଏହି ପରିପ୍ରେକ୍ଷୀରେ ସଭାପତି ଡ଼ଃ ସାହୁ ସକ୍ଷମ ସଙ୍ଗଠନ କିପରି ମଜବୁତ ହେବ ଏବଂ ଓଡ଼ିଶାର କୋଣ ଅନୁକୋଣର ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷ କିପରି ଉପକୃତ ହେବେ ତା' ଉପରେ ବକ୍ତବ୍ୟ ରଖିଥିଲେ, ଉପସଭାପତି ଡ଼ଃ ମହାପତ୍ର ସ୍ୱାଗତ ସଂଭାଷଣ ଦେବା ସହିତ କହିଥିଲେ ଯେ ସକ୍ଷମ ବିଶ୍ୱାସକରେ ଯେ ଭିନ୍ନକ୍ଷମମାନେ ସମାଜ ଉପରେ ବୋଝ ନୁହନ୍ତି ବରଂ ଦେଶର ସମ୍ପତ୍ତି, ସମ୍ପାଦକ ଶ୍ରୀମତୀ ଜେନା ଓଡ଼ିଶାରେ ସକ୍ଷମ ତରଫରୁ ହୋଇଥିବା ଦିବ୍ୟାଙ୍ଗ ଉପକାରୀ କାର୍ଯ୍ୟ ଗୁଡିକର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ପ୍ରଫେସର ପତି ରାଜ୍ୟରେ ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷ ଶିକ୍ଷା ମାଧ୍ୟମରେ କିଭଳି ସ୍ୱାବଲମ୍ବୀ ହୋଇପାରିବେ ଏବଂ ସମସ୍ତ ସାଧାରଣ ବିଦ୍ୟାଳୟରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ହେବେ ଏଥିପାଇଁ ସକ୍ଷମ ପ୍ରଚେଷ୍ଟା କରୁ ବୋଲି ପ୍ରସ୍ତାବ ରଖିଥିଲେ । ପରିଶେଷରେ ଚେତନା ସ୍ୱତନ୍ତ୍ର ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ସବିତା ପ୍ରଧାନ ନିଜର ବକ୍ତବ୍ୟ ରଖି ସଭାସାଙ୍ଗ କରିଥିଲେ । ଉକ୍ତ ପ୍ରତିଷ୍ଠା ଦିବସ ପାଳନ ସଭାରେ ଚେତନା ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ କର୍ମଚାରୀଙ୍କ ସହ ସକ୍ଷମର ଅନେକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

## ଡକ୍ଟରେଟ୍ ଉପାଧି ଲାଭ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଆଇଗିଣିଆ ଶଙ୍କରପୁର ରଶ୍ମୀବିହାର ନିବାସୀ ଚିନ୍ମୟୀ ପ୍ରିୟଦର୍ଶନୀ ମାନ୍ଧାତା ଭୁବନେଶ୍ୱର ସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଉପାଧି ହାସଲ କରିଛନ୍ତି । "ମନିଟରିଂ ଅଫ୍ ଗୋଲ୍ଡ ନାନୋପାର୍ଟିକଲ୍ସ ବାୟୋସିନ୍ଥେ ସାଇଜଡ୍ ୱିଥ୍ ଫିଲାମେଣ୍ଟସ୍ ସାଇନୋବ୍ୟାକ୍ଟେରିଆ ଫର୍ ବାୟୋଲୋଜିକାଲ ଆକ୍ଟିଭିଟିଜ୍" ବିଷୟରେ ଗବେଷଣା ପାଇଁ ତାଙ୍କୁ ବାୟୋ ଟେକ୍ନୋଲୋଜିରେ 'ଡକ୍ଟରେଟ୍ ଅଫ୍ ଫିଲୋସଫି' ଡିଗ୍ରୀ ପ୍ରାପ୍ତ ହୋଇଛି। ତାଙ୍କର ଗବେଷଣା ନିବନ୍ଧକୁ ଅନ୍ୟ ଗବେଷକ ଓ ଶିକ୍ଷାବିତ୍ମାନେ ଉଚ୍ଚ ପ୍ରଶଂସା କରିଛନ୍ତି । ଡକ୍ଟର ଚିନ୍ମୟୀ ବର୍ତ୍ତମାନ ଆମେରିକାର ଡଲାସରେ ରହୁଛନ୍ତି । ସେଠାରେ ତାଙ୍କର ସ୍ୱାମୀ ବୀରେନ୍ କୁମାର ସାମଲ ବରିଷ୍ଠ ଆଇଟି ଇଞ୍ଜିନିୟର ଭାବେ କାର୍ଯ୍ୟରତ ଅଛନ୍ତି।

## ଅଭିନେତା ଅନୁଭବ ଓ ଦୁଇ ସହଯୋଗୀଙ୍କ ବିରୋଧରେ ଚାର୍ଜଫ୍ରେମ୍

**କଟକ, ନ୍ୟୁଜ ବ୍ୟୁରୋ**

ଅନୁଭବ ମହାନ୍ତିଙ୍କ ବିରୋଧରେ ବର୍ଷା ପ୍ରିୟଦର୍ଶନୀଙ୍କ ନିର୍ଯାତନା ମାମଲା। ଅନୁଭବ ମହାନ୍ତି ଏବଂ ତାଙ୍କର ଦୁଇ ସହଯୋଗୀ ସୁଜିତ୍ ଦଳେଇ ଏବଂ ଖଗେନ୍ଦ୍ର ପ୍ରସାଦ ସାହୁଙ୍କ ବିରୋଧରେ ଚାର୍ଜଫ୍ରେମ୍ । ଏହା ପରେ ତିନିଜଣଙ୍କ ବିରୋଧରେ ମାମଲାର ବିଚାର ଆରମ୍ଭ ହେବ । ଗୁରୁବାର ଅଭିନେତା ଅନୁଭବ ମହାନ୍ତି କୋର୍ଟରେ ହାଜର ହୋଇଛନ୍ତି । ଘରୋଇ ହିଂସା ମାମଲାରେ ତାଙ୍କ ବିରୋଧରେ କିଛି ଦିନ ପୂର୍ବରୁ ଜାମିନ ବିହୀନ ପରୱାନା ଜାରି ହୋଇଥିଲା। ଜେଏସ୍‌ଏଫ୍‌ସି କୋର୍ଟ ଏନ୍‌ବିଡବ୍ଲୁ ଜାରି କରିଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଅନୁଭବ ମହାନ୍ତି ଓ ଦୁଇ ସହଯୋଗୀ ହାଜର ହୋଇଥିଲେ। ସୂଚନାନୁଯାୟୀ, ଅନୁଭବ ମହାନ୍ତିଙ୍କ ବିରୋଧରେ ବର୍ଷା ପ୍ରିୟଦର୍ଶିନୀ ନିର୍ଯାତନା ଅଭିଯୋଗ କରିଥିଲେ। ଏହି ମାମଲାକୁ ରଦ୍ଦ କରିବା ପାଇଁ ଅନୁଭବ କଟକ ଜେଏସ୍‌ଏଫସିଙ୍କ ଅଦାଲତ ତଥା ଏମ୍‌ପି/ଏସ୍‌ଏଲଏ ସ୍ୱତନ୍ତ୍ର ଅଦାଲତରେ ପିଟିସନ୍ ଦାଏର କରିଥିଲେ।



## ଆର୍ଯ୍ୟପଲ୍ଲୀ ସମୁଦ୍ରରେ ବୁଡ଼ି ଜଣେ ନିଖୋଜ : ଉଦ୍ଧାର କାର୍ଯ୍ୟରେ କୋଷ୍ଟଗାର୍ଡ ହେଲିକପ୍ଟର ନିୟୋଜିତ

**ଭୁବନେଶ୍ୱର/ଗଂଜାମ, ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଆର୍ଯ୍ୟପଲ୍ଲୀ ସମୁଦ୍ରରେ ବୁଡ଼ି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ଜଣକ ହେଲେ କେ. ଆର୍ଯ୍ୟପଲ୍ଲୀ ଗ୍ରାମର ହେମନସେନ ବେହେରା। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ, ଓଡ୍ରାଫ୍ ଓ ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ସୂଚନାନୁସାରେ ବୁଧବାର ଅପରାହ୍ନରେ ହେମନ ତାଙ୍କ ୪ରୁ ୫ ଜଣ ସାଙ୍ଗଙ୍କ ସହ ସମୁଦ୍ରକୁ ଗାଧୋଇବାକୁ ଆସିଥିଲେ। ଗାଧୋଇବା ବେଳେ ହେମନ ପାଣିରେ ଭାସି ଯାଇଥିଲେ। ତାଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରଖାଯାଇଛି । ଘଟଣାସ୍ଥଳରେ ଛତ୍ରପୁର ଏସ୍‌ଡିପିଓ ଗୌରହରି ସାହୁ, ଆର୍ଯ୍ୟପଲ୍ଲୀ ଥାନାଧିକାରୀ ବିଦ୍ୟା ଭାରତୀ ନାୟକଙ୍କ ସମେତ ବହୁ ପୋଲିସ, ଅଗ୍ନିଶମ ଓ ଓଡ୍ରାଫ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ତଦନ୍ତ କରୁଛନ୍ତି। ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ହେଲିକ୍ୟାପ୍ଟର ନିୟୋଜିତ କରାଯାଇଛି । ସମୁଦ୍ର ଭିତରେ କୋଷ୍ଟଗାର୍ଡର ହ୍ୟାଲିକାପ୍ଟର ପଇଁତରା ମାରୁଛି । ପୂର୍ବରୁ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏସଆରସି ।


**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ.G129-CATG-BALU-PF-01
**କାର୍ଯ୍ୟର ନାମ:** 05 ବର୍ଷ ସମୟାବଧି ନିମନ୍ତେ ବାଲୁଗାଁ (ବର୍ଗ-B) ରେଳ ଷ୍ଟେସନଠାରେ DR/RR ନିକଟସ୍ଥ ପ୍ଲାଟଫର୍ମ ନଂ.1ରେ ଜେନେରାଲ ମାଇନର ୟୁନିଟ (GMU) ଜରିଆରେ ଖାଦ୍ୟ ସରବରାହ ଷ୍ଟଲ ।
**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 10,92,000/-, EMD (ଟଙ୍କାରେ): 54,600/- ।

(2) ଟେଣ୍ଡର ସଂ.G129-CATG-GMU-KUR-PF-1
**କାର୍ଯ୍ୟର ନାମ:** ପୁରୁଣା ବୁକିଙ୍ଗ୍ କାର୍ଯ୍ୟାଳୟ ନିକଟସ୍ଥ ଖୋର୍ଦ୍ଧା ରୋଡ଼୍ ଷ୍ଟେସନର ଭୁବନେଶ୍ୱର ସୀମାଠାରେ ପ୍ଲାଟଫର୍ମ ନଂ.1ରେ ଜେନେରାଲ ମାଇନର ୟୁନିଟ (GMU) ଜରିଆରେ ଖାଦ୍ୟ ସରବରାହ ଷ୍ଟଲ ।
**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 14,56,000/-, EMD (ଟଙ୍କାରେ): 72,800/- ।

(3) ଟେଣ୍ଡର ସଂ.G129-CS-GMU-BAM-PF-2
**କାର୍ଯ୍ୟର ନାମ:** ପିଲର ନଂ. 8/9 ମଧ୍ୟରେ ପ୍ଲାଟଫର୍ମ ନଂ.2/3ରେ ବ୍ରହ୍ମପୁର ଷ୍ଟେସନ ଠାରେ ଜେନେରାଲ ମାଇନର ୟୁନିଟ (GMU) ଜରିଆରେ ଖାଦ୍ୟ ସରବରାହ ଷ୍ଟଲ ।
**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 34,06,000/-, EMD (ଟଙ୍କାରେ): 1,70,300/- ।

ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 2,950/- (ସମସ୍ତ ଟେଣ୍ଡର ନିମନ୍ତେ), ଶେଷ ହେବା ଅବଧି: 5 ବର୍ଷ (ସମସ୍ତ ଟେଣ୍ଡର ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.10.07.2024 ରିଖ 1100 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼୍
PR-222/P/24-25


## ସ୍କାମରଙ୍କ ବିରୋଧରେ ବଡ କାର୍ଯ୍ୟାନୁଷ୍ଠାନ

# ବନ୍ଦ ହେବ ୩୦ ହଜାର ମୋବାଇଲ୍ ନମ୍ବର

**ନୂଆଦିଲ୍ଲୀ, ୨୦/୬**

ସ୍କାମରଙ୍କ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଛନ୍ତି ସରକାର। ଆଜିକାଲି ଅଧିକାଂଶ ସମୟରେ ବକେୟା ବିଲ୍‌କୁ ନେଇ ଘରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବା ନେଇ ମେସେଜ୍ ମାନ ସମସ୍ତଙ୍କ ପାଖକୁ ଆସୁଛି । ଏହାବ୍ୟତୀତ କେୱାଇଓ ସମ୍ପର୍କିତ ମେସେଜ୍ ପ୍ରାୟତଃ ଆସୁଛି। ଉଭୟ ନକଲି ମେସେଜ୍ ମାଧ୍ୟମରେ ଲୋକମାନଙ୍କୁ ସେମାନଙ୍କର ଫାଶରେ ପକାଇ ପ୍ରତାରଣା କରୁଛନ୍ତି ଠକ ବା ସ୍କାମରମାନେ । ଏଭଳି ଠକମାନଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ କେନ୍ଦ୍ର ସରକାର ଦେଶର ୩୦ ହଜାରରୁ ଅଧିକ ମୋବାଇଲ୍ ନମ୍ବର ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ ଏହି ନମ୍ବର ବ୍ୟବହାର କରାଯାଇଥିବା ମୋବାଇଲ୍ ଫୋନ୍‌ଗୁଡିକୁ ବ୍ଲକ୍ ବା ଅବରୋଧ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସୂଚନାନୁଯାୟୀ, ସ୍କାମରମାନଙ୍କ ସହ ଜଡିତ ପ୍ରାୟ ୩୦ ହଜାର ନମ୍ବର ଏବଂ ୪୦୦ ମୋବାଇଲକୁ ଅବରୋଧ କରିବାକୁ ଟେଲିକମ୍ ବିଭାଗ ନିର୍ଦ୍ଦେଶ ଦେଇଛି। ବାସ୍ତବରେ ଏହି ସମସ୍ତ ମୋବାଇଲ୍ ନମ୍ବର ମୋବାଇଲ୍ ସ୍କାମରେ ଜଡିତ ଥିଲା। ଏହି ନମ୍ବରରୁ ଲୋକଙ୍କୁ ନକଲି ମେସେଜ୍ ପଠାଯାଇଥିଲା ଏବଂ ପରେ ସେମାନଙ୍କୁ ପ୍ରତାରଣା କରାଯାଇଥିଲା। ଦୂରସଞ୍ଚାର ବିଭାଗର ଚକ୍ଷୁ ପୋର୍ଟାଲରେ ଆସିଥିବା ଅଭିଯୋଗ ଆଧାରରେ ଟେଲିକମ୍ ବିଭାଗ ଏହି ପଦକ୍ଷେପ ନେଇଛି । ଯଦି ଏପରି ବାର୍ତ୍ତା ପାଆନ୍ତି କେୱାଇସିର ଅନୁପାଳନ ହେତୁ ବିଦ୍ୟୁତ୍ ସଂଯୋଗ କଟାଯିବ ବୋଲି ଦାବି କରାଯାଇ ଆପଣଙ୍କ ନିକଟକୁ ମୋବାଇଲ ମେସେଜ୍ ଆସୁଥାଏ ତେବେ ଚକ୍ଷୁ ପୋର୍ଟାଲରେ ସେହି ନମ୍ବର ବିଷୟରେ ଅଭିଯୋଗ କରିବାକୁ ଟେଲିକମ୍ ବିଭାଗ ପରାମର୍ଶ ଦେଇଛି । ଏହା ବ୍ୟତୀତ, ଆପଣ ଏହି ସାଇଟ୍‌ରେ ଯେ କୌଣସି ସମ୍ଭାବ୍ୟ ଠକେଇ କିମ୍ବା ସ୍କାମ୍ ନମ୍ବର ସମ୍ପର୍କରେ ରିପୋର୍ଟ କରିପାରିବେ ।

ଭୁବନେଶ୍ୱର
୨୧ ଜୁନ୍
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଶ୍ରୀମନ୍ଦିରରେ ଦଇତା ପ୍ରବେଶ ନୀତି : ସ୍ନାନଯାତ୍ରା ପାଇଁ ଚଳଚଞ୍ଚଳ ଶ୍ରୀକ୍ଷେତ୍ର

**ପୁରୀ, ୨୦/୦୬ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ଦଇତା ପ୍ରବେଶ ନୀତି ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୨ରେ ଶ୍ରୀଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା ଆୟୋଜିତ ହେବାକୁ ଯାଉଛି। ସ୍ନାନବେଦୀରେ ଭକ୍ତଙ୍କୁ ଦର୍ଶନ ଦେବେ ମହାପ୍ରଭୁ। ତେବେ ସେହିକ୍ରମରେ ଗୁରୁବାର ଶ୍ରୀମନ୍ଦିରରେ ଦଇତା ପ୍ରବେଶ ନୀତି ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଦଇତାପତି ମାନେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ସାନିଧ ଲାଭ କରିଛନ୍ତି । ଗୁରୁବାର ଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ଦଇତାପତିଙ୍କର ରହିଛି ଗୋଷ୍ଠୀଗତ ସେବା। ତେବେ ଗୁରୁବାର ସନ୍ଧ୍ୟା ଧୂପ ପରେ କୋଠସୁଆଁସିଆ ସେବକମାନେ ରତ୍ନସିଂହାସନ ପର୍ଯ୍ୟନ୍ତ ଚାରମାଳ ବାନ୍ଧିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଖଣ୍ଡୁଆ ଓ ବାହୁଟକଣ୍ଠ ନୀତି ସଂପାଦନ କରିବେ । ସେପଟେ ଗୁରୁବାର ଠାରୁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇଉଠିଛି ।



ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହେବାକୁ ଯାଉଛି ମହାପ୍ରଭୁଙ୍କ ସ୍ନାନଯାତ୍ରା । ତେବେ ସ୍ନାନପୂର୍ଣ୍ଣିମା ନୀତିକୁ ନେଇ ଭୋର ପ୍ରାୟ ଗୋଟାଏ ସମୟରେ ମଙ୍ଗଳାର୍ପଣ ସରିବା ପରେ ମହାପ୍ରଭୁ ଭୋର ୬ଟା ବେଳେ ସ୍ନାନବେଦୀକୁ ପହଣ୍ଡି ହୋଇ ଆସିବେ। ସ୍ନାନବେଦୀରେ ମଙ୍ଗଳଆଳତୀ, ମଇଲମ, ତଡପଲାଗି, ଅଧରପୋଛା ସହ ଅନ୍ୟାନ୍ୟ ନୀତି ସମାପନ ହେବ । ପୂର୍ବାହ୍ନ ଏଗାରଟା ମଧ୍ୟରେ ଜଳବିଜେ ଓ ପୂଜା ବଢ଼ିବା ପରେ ଚତୁର୍ଦ୍ଧାମୂର୍ତ୍ତି ଶହେ ଆଠ ଗରା ସୁବାସିତ ଜଳରେ ସ୍ନାନ କରିବେ। ଅପରାହ୍ନ ଚାରିଟା ସୁଦ୍ଧା ମହାପ୍ରଭୁ ହାତୀ ବେଶ ଅର୍ଥାତ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ମହାପ୍ରଭୁ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ସେପଟେ ରୁକ୍ମିଣୀ ଏକାଦଶୀ ଠାରୁ ଶ୍ରୀମନ୍ଦିରରେ ସ୍ନାନପୂର୍ଣ୍ଣିମା ପୂର୍ବ ନୀତି ଆରମ୍ଭ କରାଯାଇଛି। ମହାପ୍ରଭୁଙ୍କ ବିବାହ ନୀତି ସରିବା ପରେ ବୁଧବାର ଚମ୍ପକ ଦ୍ୱାଦଶୀରେ ଦେବଦମ୍ପତିଙ୍କ ଗୁଆଲି ଯାତ୍ରା ନୀତି ସମ୍ପାଦନ ହୋଇଛି। ଏଥିସହିତ ଶୁକ୍ରବାର ମଧ୍ୟ ରାତ୍ରରେ ସ୍ନାନଯାତ୍ରା ପାଇଁ ମହାପ୍ରଭୁଙ୍କର ସେନାପଟା ଲାଗି କରାଯିବ। ସତ୍ୟବାଦୀରୁ ଆସିଥିବା ବଉଳକାଠ ଚିରଟ ହୋଇ ସେନାପଟା ପ୍ରସ୍ତୁତ ହୋଇଥିବା ସୂଚନା ମିଳିଛି। ଗୁରୁବାର ମଧ୍ୟ ଦେବ ନବଦମ୍ପତିଙ୍କର ଚତୁର୍ଥୀ ହୋମ ନୀତି ଅନୁଷ୍ଠିତ ହୋଇଛି। ସେପଟେ ସ୍ନାନଯାତ୍ରା ନେଇ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସ୍ନାନପୂର୍ଣ୍ଣିମା ପାଇଁ ପ୍ରାୟ ୭୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ।

## ଆଜି ୧୧ଟା ଯାଏଁ ଜଗା ଦର୍ଶନ ବନ୍ଦ

ଶ୍ରୀମନ୍ଦିରରେ ଶୁକ୍ରବାର ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବ। ଦେବସ୍ନାନ ମଣ୍ଡପକୁ ପହଣ୍ଡି ବିଜେ ପାଇଁ ଶ୍ରୀବିଗ୍ରହମାନଙ୍କ ସେନାପଟା ଲାଗି ନୀତି ଅନୁଷ୍ଠିତ ହେବ। ଏଣୁ ବଡ଼ସିଂହାର ଭୋଗ ଶେଷ ହେବା ପରେ ଆପାତତଃ ଗୁରୁବାର ରାତ୍ର ଘ.୧୨.୦୦ଟିକା ଠାରୁ ଶୁକ୍ରବାର ତା୨୧.୬.୨୦୨୪ରିଖ ସକାଳ ଘ.୧୧.୦୦ ଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।

# ୬୬ ବର୍ଷରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



**ନୂଆଦିଲ୍ଲୀ, ୨୦/୦୬**

ଦେଶର ସର୍ବୋଚ୍ଚ ଆସନରେ ବସିଥିବା ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗୁରୁବାର ଜନ୍ମଦିନ । ୬୬ ବର୍ଷରେ ପଦାର୍ପଣ କରିଛନ୍ତି ଦେଶର ୧୫ତମ ରାଷ୍ଟ୍ରପତି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି ଦିନ ଆରମ୍ଭ କରିଛନ୍ତି । ଗୁରୁବାର ସକାଳ ସମୟରେ ଦିଲ୍ଲୀ ସ୍ଥିତ ଜଗନ୍ନାଥ ମନ୍ଦିର ପରିଦର୍ଶନ କରି ଦେଶବାସୀଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ପ୍ରାର୍ଥନା କରିଥିଲେ ଓ ପୂଜାର୍ଚ୍ଚନା କରିଥିଲେ। ଏନେଇ ରାଷ୍ଟ୍ରପତିଙ୍କ ଏକ୍ସ ହ୍ୟାଣ୍ଡେଲରେ କିଛି ଫଟୋ ସେୟାର କରାଯାଇଛି । ଯେଉଁଥିରେ ସେ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି । କ୍ୟାପସନରେ ଉଲ୍ଲେଖ ରହିଛି ଯେ, ଗୁରୁବାର ଦିଲ୍ଲୀର ଜଗନ୍ନାଥ ମନ୍ଦିର ପରିଦର୍ଶନ କରିଥିଲେ ରାଷ୍ଟ୍ରପତି । ଦେଶବାସୀଙ୍କ କଲ୍ୟାଣ ଏବଂ ଦେଶ ପ୍ରଗତି ଉଦ୍ଦେଶ୍ୟରେ ପ୍ରାର୍ଥନା କରିଛନ୍ତି। ଦ୍ରୌପଦୀ ମୁର୍ମୁ ସ୍ୱାଧୀନତା ପରେ ଜନ୍ମ ହୋଇଥିବା ପ୍ରଥମ ଓ ଦେଶର ଉଚ୍ଚ ପଦବୀରେ ଅଧିଷ୍ଠିତ ହେବାରେ ସର୍ବକନିଷ୍ଠ ରାଷ୍ଟ୍ରପତି । ଜନ୍ମଦିନ ଅବସରରେ ରାଷ୍ଟ୍ରପତିଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟ୍ୱିଟ କରି ଶୁଭେଚ୍ଛା ଜଣାଇଛନ୍ତି । ମୋଦି ଟ୍ୱିଟ କରି ଲେଖିଛନ୍ତି, ରାଷ୍ଟ୍ରପତିଙ୍କୁ ଜନ୍ମଦିନର ଶୁଭେଚ୍ଛା । ଦେଶ ପ୍ରତି ତାଙ୍କର ସେବା ଏବଂ ଉତ୍ସର୍ଗୀକୃତତା ସମସ୍ତଙ୍କୁ ପ୍ରେରଣା ଯୋଗାଉଛି । ଗରିବଙ୍କ ସେବାପ୍ରତି ଆପଣଙ୍କ ଇଚ୍ଛା ଓ ଗୁରୁତ୍ୱ ଏକ ଦୃଢ ମାର୍ଗଦର୍ଶନ । ଆପଣଙ୍କ ଜୀବନ ଯାତ୍ରା କୋଟି କୋଟି ଲୋକଙ୍କ ମନରେ ଆଶା ସଞ୍ଚାର କରିଛି । ନିରନ୍ତର ଉଦ୍ୟମ ଏବଂ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଭାରତ ସର୍ବଦା କୃତଜ୍ଞ ରହିବ । ଆପଣଙ୍କୁ ଦୀର୍ଘ ଏବଂ ସୁସ୍ଥ ଜୀବନର ଆଶୀର୍ବାଦ ପ୍ରାପ୍ତ କରନ୍ତୁ ।'' ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ୍ସରେ ଲେଖିଛନ୍ତି, ଓଡ଼ିଆଙ୍କ ଗର୍ବ ଓ ଗୌରବ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିନର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ। ଏହି ଶୁଭ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରୁଛି।



ଭୁବନେଶ୍ୱର : ରାଜ୍ୟ ଅତିଥି ଭବନ ଠାରେ ଆର୍ଯ୍ୟ ସମାଜର ସଦସ୍ୟ ଓ ସଦସ୍ୟାମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ଆଶୀର୍ବାଦ କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

# ବିଜେପି କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ : ଶୁଣିଲେ ଲୋକଙ୍କ ଅଭିଯୋଗ

**ଭୁବନେଶ୍ୱର, ୨୦/୬ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ବାସୀଙ୍କ ପୂର୍ଣ୍ଣ ଜନମତ ହାସଲ କରି ପ୍ରଥମ ଥର ପାଇଁ ଏକାକୀ ବିଜେପି ରାଜ୍ୟରେ ସରକାର ଗଠନ କରିଛି। ଶପଥ ଗ୍ରହଣ ଦିନଠାରୁ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଜନସାଧାରଣଙ୍କ ସହ ମିଶୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଶପଥ ଓ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ଥର ପାଇଁ ଦଳୀୟ କାର୍ଯ୍ୟାଳୟକୁ ଆସିଥିଲେ ମୁଖ୍ୟମନ୍ତ୍ରୀ । ସାଧାରଣ କାର୍ଯ୍ୟକର୍ତ୍ତା ଠାରୁ ଆରମ୍ଭ କରି ଦଳୀୟ ନେତୃବୃନ୍ଦ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇ ପାଛୋଟି ନେଇଥିଲେ । ରାଜ୍ୟ ସଭାପତି ମନମୋହନ ସାମଲ, କ୍ଷେତ୍ରୀୟ ପ୍ରଭାରୀ ସୁନିଲ ବଂଶଲ, ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂହ ତୋମାର ଏବଂ ସହ ପ୍ରଭାରୀ ଲତା ଉସେଣ୍ଡି ପ୍ରମୁଖଙ୍କ ସମେତ ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ ଓ ପ୍ରଭାତୀ ପରିଡ଼ା ଏବଂ ରାଜ୍ୟ ମନ୍ତ୍ରୀମଣ୍ଡଳର ଅନେକ ମନ୍ତ୍ରୀଗଣ ଓ ଦଳୀୟ ପଦାଧିକାରୀ ଉପସ୍ଥିତ ରହି ସ୍ୱାଗତ କରିଥିଲେ । ଦଳୀୟ ବୈଠକରେ ଯୋଗ ଦେବା ପରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିବା ଦଳୀୟ କାର୍ଯ୍ୟକର୍ତ୍ତା ଓ ସାଧାରଣ ଜନତାଙ୍କୁ ଭେଟି ଶୁଭେଚ୍ଛା ଓ ଅଭିନନ୍ଦନ ଗ୍ରହଣ କରିବା ସହିତ ସେମାନଙ୍କ ଅଭିଯୋଗ ଓ ସମସ୍ୟା ବିଷୟରେ ପଚାରି ବୁଝିଥିଲେ । ଦୀର୍ଘ ବର୍ଷ ଧରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ପଡିଥିଲା ଏବଂ ସାଧାରଣ ଲୋକଟି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପାରୁନଥିଲା କି କୌଣସି ଅଭିଯୋଗ କରିବା ସମ୍ଭବ ହେଉନଥିଲା । ସରକାର ପରିବର୍ତ୍ତନ ହେବା ପରେ ସାଧାରଣ ଜନତା ନୂତନ ମୁଖ୍ୟମନ୍ତ୍ରୀଙ୍କ ସହ ସିଧାସଳଖ ଭେଟ ହୋଇ କଥାବାର୍ତ୍ତା ହେଉଛନ୍ତି ଏବଂ ଅଭିଯୋଗ ଉପସ୍ଥାପନ କରୁଛନ୍ତି । ପ୍ରତ୍ୟେକ ଅଭିଯୋଗକୁ ଶୁଣି ତା'ର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ମଧ୍ୟ ଦେଉଛନ୍ତି । ସେହିପରି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ଯେ, ୨୪ ନିର୍ବାଚନ ପ୍ରସଙ୍ଗରେ ହେଲା ଆଲୋଚନା । ସମସ୍ତ ନେତା ନିଜ ନିଜ ମତ ଦେଇଥିଲେ । କେଉଁଠି କ'ଣ କମ୍ ରହିଲା, କେଉଁଠି କ'ଣ ଉପଲବ୍ଧି ରହିଲା ସବୁ ବିଷୟରେ ଫିଡ୍ ବ୍ୟାକ୍ ଦେଲେ କର୍ମୀ ଓ ନେତା । ଦଳର ଭଲ ଫଳାଫଳ ପଛରେ ଥିବା କାରଣ ବିଷୟରେ ନିର୍ବାଚନ ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇଥିଲା । ସାଧାରଣ କାର୍ଯ୍ୟକର୍ତ୍ତା ଅସାଧାରଣ କାମ କରିଛନ୍ତି । ସମସ୍ତଙ୍କୁ ଧନ୍ୟବାଦ ଏବଂ କୃତଜ୍ଞତା ଦିଆଯାଇଥିଲା ।



# ଭର୍ତ୍ତୃହରି ହେଲେ ଲୋକସଭାର କାମଚଳା ବାଚସ୍ପତି



**ନୂଆଦିଲ୍ଲୀ, ୨୦/୦୬**

କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଲୋକସଭାର କାମଚଳା ବାଚସ୍ପତି (ପ୍ରୋଟେମ ସ୍ପିକର) ଭାବେ ନିଯୁକ୍ତ ହୋଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଲୋକସଭାର କାମଚଳା ବାଚସ୍ପତି ଭାବେ ନିଯୁକ୍ତି ଦେଇଛନ୍ତି। କଟକ ସଂସଦୀୟ କ୍ଷେତ୍ରରୁ ସେ ଲୋକସଭାକୁ ଲଗାତାର ଭାବେ ୭ ଥର ନିର୍ବାଚିତ ହୋଇଛନ୍ତି । ବିଜେଡି ଟିକଟରେ ୬ଥର ଲୋକସଭାକୁ ନିର୍ବାଚିତ ହୋଇଥିବା ବେଳେ ୨୦୨୪ରେ ବିଜେପି ଟିକଟରେ ଲୋକସଭା ଆସନରୁ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପୂର୍ବରୁ ସେ ବିଜେଡି ଛାଡ଼ି ବିଜେପିରେ ଯୋଗଦେଇଥିଲେ। ସମ୍ବିଧାନର ଅନୁଚ୍ଛେଦ ୯୫ (୧) ଦ୍ୱାରା ପ୍ରଦତ୍ତ କ୍ଷମତାର ଉପଯୋଗ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବରିଷ୍ଠ ସାଂସଦ ଭର୍ତ୍ତୃହରି ମହତାବଙ୍କୁ ଲୋକସଭାର କାମଚଳା ବାଚସ୍ପତି ଭାବେ ନିଯୁକ୍ତି ଦେଇଛନ୍ତି। ଲୋକସଭା ବାଚସ୍ପତି ନିର୍ବାଚନ ପର୍ଯ୍ୟନ୍ତ ସେ ଲୋକସଭାର ବାଚସ୍ପତି ଦାୟିତ୍ୱ ନିର୍ବାହ କରିବେ। ଜୁନ୍ ୨୬ ତାରିଖରେ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ଏହାପୂର୍ବରୁ କାମଚଳା ବାଚସ୍ପତି ଭାବେ ଭର୍ତ୍ତୃହରି ମହତାବ ଲୋକସଭାକୁ ନିର୍ବାଚିତ ହୋଇଆସିଥିବା ଜନପ୍ରତିନିଧିମାନଙ୍କୁ ସାଂସଦ ଭାବେ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ। ଲୋକସଭା ସାଂସଦ ସୁରେଶ କୋଡିକୁନ୍ନିଲ, ଟି.ଆର ବାଲୁ, ରାଧା ମୋହନ ସିଂହ, ଫଗନ ସିଂ କୁଲସ୍ତେ ଓ ସୁଦୀପ ବନ୍ଦୋପାଧ୍ୟାୟଙ୍କୁ ଅଷ୍ଟଦଶ ଲୋକସଭାର ନବ ନିର୍ବାଚିତ ସଦସ୍ୟମାନଙ୍କୁ ଶପଥ ପାଠ କରାଇବାରେ କାମଚଳା ବାଚସ୍ପତିଙ୍କୁ ସହଯୋଗ କରିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମନୋନୀତ କରିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୯୯ ଦ୍ୱାର ପ୍ରଦତ୍ତ କ୍ଷମତାର ଉପଯୋଗ କରି ରାଷ୍ଟ୍ରପତି ଏହି ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି।

# ୩ ମାଓ ମିଲିସିଆଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୨୦/୬ ନ୍ୟୁଜ ବ୍ୟୁରୋ**

ମାଲକାନଗିରି ଏସ୍‌ପିଙ୍କ ନିକଟରେ ଗୁରୁବାର ତିନି ଜଣ ମାଓ ମିଲିସିଆ ଆତ୍ମସମର୍ପଣ କରିଛନ୍ତି। ଏମାନେ ସମସ୍ତେ ହେଉଛନ୍ତି ଛତିଶଗଡ ଦକ୍ଷିଣ ବସ୍ତର ମାଓ ସଂଗଠନର ମିଲିସିଆ ମେମ୍ବର। ଛତିଶଗଡରେ ଏବେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଜୋରଦାର ଅପରେସନ କରାଯାଇଥିବାବେଳେ ଭୟଭୀତ ହୋଇ ଏମାନେ ମାଲକାନଗିରି ପୁଲିସ ପାଖରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ତିନି ଜଣ ମିଲିସିଆ ହେଉଛନ୍ତି ଦେବା ମାଡଭି, ଆଡମା ମାଡକାମି ଓ ମୁକା ସୋଡି। ତିନି ଜଣଙ୍କ ଘର ଛତିଶଗଡ ସୁକୁମା ଜିଲ୍ଲାର ଚିନ୍ତାଗୁମ୍ଫା ଅଞ୍ଚଳରେ ବୋଲି ଜଣାପଡ଼ିଛି। ଆତ୍ମସମର୍ପଣ ପରେ ଏମାନଙ୍କୁ ଓଡ଼ିଶା ସରକାରଙ୍କ ନିୟମ ଅନୁଯାୟୀ ଥଇଥାନ କରାଯିବା ବୋଲି ମାଲକାନଗିରି ଏସ୍‌ପି ନିତେଶ ଦାଧବାନି ସୂଚନା ଦେଇଛନ୍ତି।

# ରତ୍ନଭଣ୍ଡାର ମାମଲା: କ୍ୟାବିନେଟ୍‌ରେ ଉପସ୍ଥାପନ ହେବ ଚାବି ହଜା ରିପୋର୍ଟ

**କଟକ, ୨୦/୦୬ ନ୍ୟୁଜ ବ୍ୟୁରୋ**

ରତ୍ନଭଣ୍ଡାର ଚାବି ହଜିବା ମାମଲାରେ ଗଠିତ ଜଷ୍ଟିସ୍ ରଘୁବୀର ଦାଶ କମିସନଙ୍କ ରିପୋର୍ଟ ନୂତନ ସରକାରର କ୍ୟାବିନେଟ୍ ବୈଠକରେ ଉପସ୍ଥାପନ କରାଯିବ । ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଦାଖଲ ସତ୍ୟପାଠରେ ଏହା କୁହାଯାଇଛି । ସରକାରଙ୍କ ଏଭଳି ଜବାବ ପରେ ହାଇକୋର୍ଟ ଆବେଦନକାରୀଙ୍କୁ ଏ ସଂପର୍କରେ ପରବର୍ତ୍ତୀ ଶୁଣାଣିରେ ପ୍ରତିଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ଜୁଲାଇ ୧୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ କମିସନ୍‌ଙ୍କ ରିପୋର୍ଟ ସାର୍ବଜନୀନ କରାଯାଉନଥିବାରୁ ସମାଜସେବୀ ଦିଲ୍ଲୀପ କୁମାର ବରାଳଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଏବଂ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀମନ୍ଦିର ରତ୍ନଭଣ୍ଡାରର ଚାବି ହଜିଯାଇଥିବା ନେଇ ୨୦୧୮ ମସିହାରେ ଜଣାପଡ଼ିଥିଲା । ରତ୍ନଭଣ୍ଡାର ଶ୍ରୀଜଗନ୍ନାଥ ପରିଚାଳନା କମିଟି ଅଧୀନରେ ରହିଥାଏ । ବାହାର ରତ୍ନଭଣ୍ଡାରର



ତିନିଟି ଚାବି ରହିଥାଏ । ଗୋଟିଏ ଚାବି ପୁରୀ ଗଜପତି ମହାରାଜଙ୍କ ନିକଟରେ ରହିଥିଲାବେଳେ ଅନ୍ୟଟି ଶ୍ରୀମନ୍ଦିର ପ୍ରଶାସନ ଏବଂ ଆଉ ଏକ ଚାବି ଭଣ୍ଡାର ମେକାପଙ୍କ ନିକଟରେ ରହିଥାଏ । ତେବେ ଭିତର ରତ୍ନଭଣ୍ଡାରର ମରାମତି ଆବଶ୍ୟକତା ଥିବାରୁ ସେତେବେଳେ ଚାବି ଖୋଜାପଡ଼ିଲା । କିନ୍ତୁ ଟ୍ରେଜେରୀରେ ଏହି ଚାବି ନଥିବା କଥା ପୁରୀର ତତ୍କାଳୀନ ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲ ସୂଚନା ଦେଇଥିଲେ । ଜିଲ୍ଲାପାଳଙ୍କ ଏଭଳି ଘୋଷଣା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା । ରାଜ୍ୟବ୍ୟାପୀ ପ୍ରତିକ୍ରିୟା ସୃଷ୍ଟି ହେବା ପରେ ଜିଲ୍ଲାପାଳ ଶ୍ରୀ ଅଗ୍ରୱାଲ ଜିଲ୍ଲା ରେକର୍ଡ ରୁମ୍‌ରେ ରତ୍ନଭଣ୍ଡାରର ଏକ ଡୁପ୍ଲିକେଟ୍ ଚାବି ଜଉମୁଦ ଲଫାପାରେ ରହିଥିବା କହିଥିଲେ। ଏହାକୁ ନେଇ ଅଧିକ ସନ୍ଦେହ ସୃଷ୍ଟି ହୋଇଥିଲା। ଫଳରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ଜୁନ୍‌ରେ ଜଷ୍ଟିସ୍ ରଘୁବୀର ଦାଶଙ୍କ ଅଧ୍ୟକ୍ଷତାରେ ଏକ ତଦନ୍ତ କମିସନ ବସାଇଥିଲେ। ସେହିବର୍ଷ ନଭେମ୍ବର ୨୯ରେ କମିସନ ତାଙ୍କ ରିପୋର୍ଟ ଗୃହ ବିଭାଗକୁ ପ୍ରଦାନ କରିଥିଲେ । କିନ୍ତୁ ରାଜ୍ୟ ସରକାର ଉକ୍ତ ରିପୋର୍ଟକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରିବା ପରିବର୍ତ୍ତେ ତାକୁ ଚାପି ଦେଇଥିବା ଅଭିଯୋଗ ହୋଇଥିଲା। ନିୟମ ଅନୁଯାୟୀ ଏହି ରିପୋର୍ଟକୁ ରାଜ୍ୟ ସରକାର ବିଧାନସଭାରେ ଉପସ୍ଥାପନ କରିବା କଥା । କିନ୍ତୁ ବିଧାନସଭାରେ ଉପସ୍ଥାପନ ନହେବାରୁ ଏବଂ ରିପୋର୍ଟ ସାର୍ବଜନୀନ କରାନଯିବାରୁ ଆବେଦନକାରୀ ଶ୍ରୀ ବରାଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହି ମାମଲାରେ ରାଜ୍ୟ ସରକାର ଜବାବ ଦାଖଲ ଲାଗି ବାରମ୍ବାର ସମୟ ଗଡ଼ାଇ ଚାଲିଥିଲେ। କିନ୍ତୁ ଗୁରୁବାର ଅଦାଲତଙ୍କୁ ଏହି ରିପୋର୍ଟ ଦାଖଲ ସଂକ୍ରାନ୍ତିରେ ଅବଗତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅରୂପ କୁମାର ମହାପାତ୍ର ଏବଂ ହରପ୍ରିୟା ରାଉତରାୟ ମାମଲା ପରିଚାଳନା କରୁଛନ୍ତି ।

# ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ

**ଭୁବନେଶ୍ୱର,୨୦/୦୬ ନ୍ୟୁଜ ବ୍ୟୁରୋ**

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଭୁବନେଶ୍ୱର ସ୍ଥିତ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓକାକ୍) ପ୍ରଥମ ମହଲା ବୈଠକ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଓକାକର ସିଇଓ ତଥା ଅତିରିକ୍ତ ଶାସନ ସଚିବ ମନୋଜ ପଟ୍ଟନାୟକ, ସ୍ୱତନ୍ତ୍ର ଶାସନ ସଚିବ ମାନସ ରଞ୍ଜନ ପଣ୍ଡା, ଓକାକର ମହାପ୍ରବନ୍ଧକ ମଧୁମିତା ରଥ, ଅତିରିକ୍ତ ଶାସନ ସଚିବ ଆଦିତ୍ୟ ମହାପାତ୍ର, ଯୁଗ୍ମ ସଚିବ ଜୟନ୍ତୀ ଦେଇ ଏବଂ ବିଭାଗର ଅନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ। ଏହି ଅବସରରେ ସରକାରୀ ସେବାଗୁଡ଼ିକୁ ବୈଷୟିକ ରୂପାନ୍ତରୀକରଣ ମାଧ୍ୟମରେ ଜନସାଧାରଣଙ୍କ ପାଖକୁ ପହଞ୍ଚାଇବା କ୍ଷେତ୍ରରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ଭୂମିକା ବିଷୟରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅଧିନରେ ପରିଚାଳିତ ନିର୍ଦ୍ଦେଶାଳୟ ଯଥା ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓକାକ୍), ଓଡ଼ିଆ ଭର୍ଚୁଆଲ ଏକାଡେମୀ, ଆଇଆଇଟି ଭୁବନେଶ୍ୱର ଏବଂ ଓକେସିଏଲର ଭୂମିକା ବିଷୟରେ ମନ୍ତ୍ରୀଙ୍କୁ ତଥ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ନୂତନ ସରକାରଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରି କହିଥିଲେ ଯେ, ରାଜ୍ୟ ସରକାର ନିଜ ସଂକଳ୍ପ ପତ୍ର ଅନୁଯାୟୀ ଆଗାମୀ ୧୦୦ ଦିନ ମଧ୍ୟରେ ରାଜ୍ୟର ସମୃଦ୍ଧି ନିମନ୍ତେ ଲୋକାଭିମୁଖୀ ପଦକ୍ଷେପ ଗ୍ରହଣ କରିବେ । ଆମ ସରକାର ସାଧାରଣ ଲୋକଙ୍କ ସରକାର । ତେଣୁ, ସାଧାରଣ ଲୋକ କିପରି ଭାବେ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ସମସ୍ତ ସୁବିଧା ପାଇପାରିବେ, ସେଥିପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ। ଭାରତ ସରକାରଙ୍କ ଡିଜିଟାଲ ଇଣ୍ଡିଆ ଉପକ୍ରମକୁ ପ୍ରାଧାନ୍ୟ ଦେଇ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଦ୍ୱାରା ତୃଣମୂଳସ୍ତରରେ ସମସ୍ତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ରାଜ୍ୟରେ କିପରି ଭାବେ ନୂତନ ସୂଚନା ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ଗଢ଼ି ଉଠିବ ଏବଂ ନିବେଶକମାନେ ଆମ ରାଜ୍ୟରେ ନିବେଶ ନିମନ୍ତେ ଆଗ୍ରହ ପ୍ରକାଶ କରିବେ ତାହାକୁ ପ୍ରାଥମିକତା ଦେବାକୁ ପଡ଼ିବ । ଓଡ଼ିଆ ଭର୍ଚୁଆଲ ଏକାଡେମୀକୁ ଆହୁରି ଲୋକାଦୃତ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବା ସହ ଅଧିକରୁ ଅଧିକ କର୍ମଶାଳା, ସମ୍ମିଳନୀ, ବୈଠକ ଏବଂ ଆଭାସୀ ମାଧ୍ୟମରେ ସାହିତ୍ୟଚର୍ଚ୍ଚା ଆଦିକୁ ପ୍ରାଧାନ୍ୟ ଦିଆଯିବ। ଏହାସହ ରାଜ୍ୟର ଗ୍ରାମୀଣ ଅଞ୍ଚଳରେ ମୋବାଇଲ ନେଟୱାର୍କ ଏବଂ ଇଣ୍ଟରନେଟ୍ ସୁବିଧାକୁ ସୁଦୃଢ଼ କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ । ଶେଷରେ ମନ୍ତ୍ରୀ ଇ-ଗଭର୍ଣ୍ଣାନ୍ସ ମାଧ୍ୟମରେ ତୃଣମୂଳସ୍ତରରେ ଜନସାଧାରଣଙ୍କୁ ଉତ୍କୃଷ୍ଟ ଜନସେବା ପ୍ରଦାନ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ ।

# ସରକାରଙ୍କ ବିକାଶ ଓ କଲ୍ୟାଣ ମୂଳକ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଅ : ମୁଖ୍ୟମନ୍ତ୍ରୀ



ସୂଚନା ଓ ଲୋକସମ୍ପର୍କ ବିଭାଗର ବିଭିନ୍ନ କାର୍ଯ୍ୟାବଳୀ ବିଷୟରେ ଅବଗତ ହେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୦.୬ ନ୍ୟୁଜ ବ୍ୟୁରୋ**

ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟ ଅତିଥି ଭବନ ଠାରେ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ନିର୍ଦ୍ଦେଶକ ସରୋଜ କୁମାର ସାମଲ ଏବଂ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଭେଟି ବିଭାଗୀୟ କାର୍ଯ୍ୟାବଳୀ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଆଲୋଚନାରେ ବିଭାଗରେ ଖାଲି ପଡ଼ିଥିବା ବିଭିନ୍ନ ପଦବୀ ପୂରଣ ସମେତ ସାମ୍ବାଦିକଙ୍କ କଲ୍ୟାଣ ପାଇଁ ନିଆଯାଉଥିବା ପଦକ୍ଷେପ, ବଜେଟ ବ୍ୟବସ୍ଥା, ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟକୁ ଅଧିକ ସୁଦୃଢ଼ କରିବା, ସାମାଜିକ ଗଣମାଧ୍ୟମ, ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ଲୋକଙ୍କ ସରକାର ଓ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ପ୍ରତିପାଦିତ ହୋଇଥିବା ନୂଆ ସରକାରରେ ସରକାରଙ୍କ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମ ଓ କଲ୍ୟାଣକାରୀ ଯୋଜନା ଗୁଡିକ ସଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୁରୁତ୍ୱ ଦେବାସହ ବୃତ୍ତିଗତ ଦକ୍ଷତା ବୃଦ୍ଧି କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଖାଲି ପଡ଼ିଥିବା ପଦବୀ ଗୁଡ଼ିକ ଶୀଘ୍ର ପୂରଣ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ବୈଠକରେ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ଗୁରବୀର ସିଂ, ଅର୍ଥ ପରାମର୍ଶ ଦାତା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

# ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସହର ଭାବେ ଗଢାଯିବ

**ଭୁବନେଶ୍ୱର,୨୦/୦୬ ନ୍ୟୁଜ ବ୍ୟୁରୋ**

ବର୍ଷାଋତୁରେ ସହରାଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସହରାଞ୍ଚଳରେ କୃତ୍ରିମ ବନ୍ୟାକୁ ପ୍ରତିହତ କରିବା ସହିତ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଡ. ମହାପାତ୍ର ଉଲ୍ଲେଖ କରିଛନ୍ତି । ଗୁରୁବାର ପୂର୍ବାହ୍ନରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସଂପର୍କରେ ସମୀକ୍ଷା ସମୟରେ ମନ୍ତ୍ରୀ ଡ. ମହାପାତ୍ର ଏହି ମର୍ମରେ ସହରାଞ୍ଚଳ ବିକାଶ ଉପରେ ପ୍ରାଥମିକତା ଦେବାକୁ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଡ. ମହାପାତ୍ର କହିଛନ୍ତି ଯେ ବିକଶିତ ଭାରତ ଲକ୍ଷ୍ୟରେ ବିକଶିତ ଓଡ଼ିଶା ପାଇଁ ମଧ୍ୟ ସହରାଞ୍ଚଳ ବିକାଶ ତାତ୍ପର୍ଯ୍ୟପୂର୍ଣ୍ଣ । ତେଣୁ ରାଜ୍ୟର ବିଭିନ୍ନ ବିଜ୍ଞାପିତ ଅଞ୍ଚଳ ପରିଷଦ, ପୌରନିଗମ ଓ ମହାନଗର ନିଗମଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବାକୁ ହେବ । ଭୁବନେଶ୍ୱର ରାଜ୍ୟ ରାଜଧାନୀ ହୋଇଥିବା ଦୃଷ୍ଟିରୁ ଏହାକୁ ଏକ ବିଶ୍ୱସ୍ତରୀୟ ମଡେଲ ଭାବରେ ଗଢ଼ିତୋଳିବା ସହିତ ସମଗ୍ର ରାଜ୍ୟର ସହରାଞ୍ଚଳଗୁଡ଼ିକର ଭିତ୍ତିଭୂମି ଓ ପାର୍ଶ୍ୱାଞ୍ଚଳ ଉନ୍ନତି



ଉପରେ ଧ୍ୟାନ ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ବିକାଶମୂଳକ କାର୍ଯ୍ୟ ସହିତ ଜନସାଧାରଣଙ୍କ କଲ୍ୟାଣ ଉପରେ ଗୁରୁତ୍ୱ ଦେବାକୁ ହେବ । ଅଯଥା ବ୍ୟୟ ନକରି ଯଥାର୍ଥ ଭାବରେ ଅର୍ଥବ୍ୟୟ କରାଯିବ । ମେଟ୍ରୋ ପ୍ରକଳ୍ପକୁ ମଧ୍ୟ ନିର୍ଦ୍ଧାରିତ ସମୟରେ ସଂପୂର୍ଣ୍ଣ କରିବାକୁ ଉଦ୍ୟମ ହେବ । ଏହି ସମୀକ୍ଷା ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥନନ୍ 'ସହରାଞ୍ଚଳ ବିକାଶରେ ସଫଳ ଯାତ୍ରା' ସଂପର୍କରେ ଉପସ୍ଥାପନା କରି ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳତାର ବିବରଣୀ ଦେଇଥିଲେ । ବର୍ଜ୍ୟ ଆବର୍ଜନା ପରିଚାଳନା କ୍ଷେତ୍ରରେ ଓଡ଼ିଶାର ଜାତୀୟ ସ୍ୱୀକୃତି ଲାଭ, ସ୍ୱଚ୍ଛ ସର୍ବେକ୍ଷଣ ସୂଚକାଙ୍କରେ ଓଡ଼ିଶାର ଜାତୀୟସ୍ତରରେ ଉତ୍ତମ ପ୍ରଦର୍ଶନ, ମେଟ୍ରୋ ରେଳପ୍ରକଳ୍ପର ଅଗ୍ରଗତି ଇତ୍ୟାଦି ସଂପର୍କରେ ସେ ସୂଚନା ଦେଇଥିଲେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ କହିଥିଲେ ଯେ ଡ୍ରିଙ୍କ ଫ୍ରମ ଟ୍ୟାପ୍ ଯୋଜନା କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦେଶର ଏକମାତ୍ର ରାଜ୍ୟ । ସେହିପରି ୧୧୫ଟି ସହରାଞ୍ଚଳରେ ୧୭୯ଟି ଆହାର କେନ୍ଦ୍ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଦ୍ୱାରା ପରିଚାଳିତ ହେଉଥିବାବେଳେ ମୁକ୍ତା ପ୍ରଭୃତି ଯୋଜନାରେ ମଧ୍ୟ ଅଭିନବତ୍ୱ ପାଇଁ ଓଡ଼ିଶାକୁ ବିଶ୍ୱସ୍ତରୀୟ ଆଦୃତି ମିଳିଛି ବୋଲି ସେ ପ୍ରକାଶ କରିଥିଲେ।

ବର୍ଷାଋତୁରେ ଭୁବନେଶ୍ୱର ପରି ସହରରେ ପାଣି ଜମିବା, ଜଳ ନିଷ୍କାସନରେ ଅବ୍ୟବସ୍ଥା ପରି ସମସ୍ୟାକୁ ପ୍ରାଥମିକତା ଭିତ୍ତିରେ ଦୂର କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସହରାଞ୍ଚଳରେ ବର୍ଷା/ବନ୍ୟା ଜଳ ପରିଚାଳନା ସଂପର୍କରେ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯାଇ ରାଜ୍ୟର ସମସ୍ତ ପୌର ଅଧିକାରୀମାନଙ୍କୁ କଡ଼ାକଡ଼ି ଅନୁପାଳନ ନିମନ୍ତେ ପରାମର୍ଶ ଦିଆଯାଇଛି। ସଂପ୍ରତି ସମ୍ବଲପୁରରେ କାମଳ ରୋଗ ଦେଖାଦେଇଥିବା ପରିପ୍ରେକ୍ଷୀରେ ସେଠିକାର ପାନୀୟ ଜଳର ଗୁଣବତ୍ତା ଆଦି ସଂପର୍କରେ ତଦନ୍ତ କରିବାକୁ ୱାଟ୍‌କୋର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ମନ୍ତ୍ରୀ ଡ. ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ତଥା ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ, ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବାଲେଶ୍ୱରରେ ପୁଣି କର୍ଫ୍ୟୁ : ୪୮ ଘଣ୍ଟା ବଢ଼ିଲା ଇଣ୍ଟରନେଟ କଟକଣା



**ବାଲେଶ୍ୱର, ୨୦/୦୬ ନ୍ୟୁଜ**

ଗୋଷ୍ଠୀ ସଂଘର୍ଷରୁ ହିଂସା ହୋଇଥିବା ବାଲେଶ୍ୱର ସ୍ଥିତିରେ କ୍ରମଶଃ ସୁଧାର ଆସିବାରେ ଲାଗିଛି । ବୁଧବାର ଠାରୁ ଜାରି ହୋଇଥିବା କର୍ଫ୍ୟୁ ଗୁରୁବାର ସାମାନ୍ୟ କୋହଳ ହୋଇଥିଲା । ସକାଳ ୭ଟାରୁ ଦିନ ୧୧ଟା ମଧ୍ୟରେ ଦୋକାନ ବଜାର ଖୋଲିବା ସହ ଲୋକେ ଜିନିଷ କିଣାକିଣି କରିଥିଲେ। ପରେ ପୁଣି କର୍ଫ୍ୟୁ ଲାଗୁ କରାଯାଇଛି। ସ୍ଥିତି ଉପରେ ପ୍ରଶାସନର କଡ଼ା ନଜର ରହିଛି । ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ କେନ୍ଦ୍ରୀୟ ଫୋର୍ସ ମୁତୟନ ରହିଛନ୍ତି । ଲୋକଙ୍କ ସମସ୍ୟାକୁ ଦେଖି କର୍ଫ୍ୟୁ ସାମାନ୍ୟ କୋହଳ କରିବାକୁ ନିଷ୍ପତ୍ତି ବୁଧବାର ନେଇଥିଲା ଜିଲ୍ଲା ପ୍ରଶାସନ । ସାଂସଦ, ଜିଲ୍ଲାପାଳ ଓ ଏସ୍‌ପି ଓ ବରିଷ୍ଠ ଅଧିକାରୀମାନେ ବୈଠକ କରି ସ୍ଥିତି ସମୀକ୍ଷା କରିଥିଲେ। ଗୁରୁବାର ଇଣ୍ଟରନେଟ ସେବା କଟକଣାକୁ ମଧ୍ୟ ବୃଦ୍ଧି କରାଯାଇଛି । ଆସନ୍ତା ୪୮ ଘଣ୍ଟା ତଥା ୨୨ ତାରିଖ ସକାଳ ୧୦ ଟା ପର୍ଯ୍ୟନ୍ତ ଇଣ୍ଟରନେଟ ସେବା ସହ ଜଡିତ ସାମାଜିକ ଗଣମାଧ୍ୟମ ପରି ସମସ୍ତ ଯୋଗାଯୋଗ ମାଧ୍ୟମ ବନ୍ଦ ରହିବ। ଏନେଇ ଗୃହ ବିଭାଗ ଏକ ଲିଖିତ ବିଜ୍ଞପ୍ତିରେ ନିର୍ଦ୍ଦେଶ ଜାରି କରିଛି। ସୋମବାର ହୋଇଥିବା ଗୋଷ୍ଠୀ ସଂଘର୍ଷରେ ଏକାଧିକ ଆହତ ହୋଇଥିଲେ । ବୁଧବାର ରାତି ୧୨ଟାରୁ ବାଲେଶ୍ୱର ପୌରାଞ୍ଚଳରେ କର୍ଫ୍ୟୁ ଜାରି କରାଯାଇଥିଲା । ଗୁରୁବାର ପର୍ଯ୍ୟନ୍ତ କର୍ଫ୍ୟୁ ବଳବତ୍ତର ଥିବା ବେଳେ ଅତ୍ୟାବଶ୍ୟକୀୟ ସାମଗ୍ରୀ ପାଇଁ ସାଧାରଣ ଲୋକଙ୍କ ଅସୁବିଧାକୁ ଲକ୍ଷ୍ୟ କରାଯାଇ ସକାଳ ୭ରୁ ୧୧ ଯାଏ ଦୋକାନ ବଜାର ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏହି ନିଷ୍ପତ୍ତି ପରେ ଗୁରୁବାର ସକାଳ ଠାରୁ ବଜାରରେ ଲୋକମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଲୋକେ ବାହାରକୁ ବାହାରି କିଣାକିଣି କରିଥିଲେ । ରାସନ ଓ ପନିପରିବା ଦୋକାନରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ନିର୍ଦ୍ଧାରିତ ସମୟ ଶେଷ ହେବା ପରେ ପୁଣି ଥରେ ବଜାର ବନ୍ଦ କରାଯାଇଛି ଓ କର୍ଫ୍ୟୁ ଜାରି କରାଯାଇଛି। ଅନ୍ୟପଟେ ଏହି ହିଂସା ଘଟଣାରେ କାର୍ଯ୍ୟାନୁଷ୍ଠାନ ଓ ଗିରଫଦାରୀ ମଧ୍ୟ ବଢ଼ିବାରେ ଲାଗିଛି । ଏବେ ସୁଦ୍ଧା ପ୍ରାୟ ୪୦ଜଣ ଅଭିଯୁକ୍ତ ଗିରଫ ହୋଇ କୋର୍ଟ ଚାଲାଣ ହୋଇସାରିଲେଣି । ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ପାରା ମିଲାଟାରୀ ଫୋର୍ସ ମୁତୟନ ଥିବା ସହ ନିୟମିତ ପାଟ୍ରୋଲିଂ ମଧ୍ୟ ଜାରି ରହିଛି। ଉଭୟ ଗୋଷ୍ଠୀଙ୍କ ସହ ଆଲୋଚନା କରାଯାଇ ସ୍ଥିତିରେ ସୁଧାର ଆଣିବା ପାଇଁ ଚେଷ୍ଟା କରାଯାଉଥିବା ସ୍ଥାନୀୟ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଥିଲେ। ଏବେ କ୍ରମଶଃ ସ୍ଥିତିର ସୁଧାର ଆସୁଛି । ସେହି ଆଧାରରେ ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରିବ ଜିଲ୍ଲା ପ୍ରଶାସନ ।